ବର୍ଷ-୨୫, ସଂଖ୍ୟା-୧୨୭
ଭୁବନେଶ୍ୱର
୧୦, ମଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 127
Bhubaneswar
10,May, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଯୁଦ୍ଧ : ଗୁଳି ବର୍ଷା, ମିସାଇଲ ମାଡ଼

**ନୂଆଦିଲ୍ଲୀ,୯।୫(ମହାଭାରତ):** ନିର୍ଲ୍ଲଜ ପାକିସ୍ତାନ ନିଜ ଲୋକଙ୍କୁ ବି ବିପଦରେ ପକାଇବାକୁ ପଛାଉନାହାଁନ୍ତି । ଗତ ଦୁଇ ଦିନ ଧରି ଘନ ଘନ ଡ୍ରୋନ୍, ମିସାଇଲ, ରକେଟ୍ ମାଡ କରି ବିଫଳ ହେବା ପରେ ଆଜି ପୁଣି ଅତିକମ୍‌ରେ ୨୬ଟି ସହର ଉପରେ ଘନ ଘନ ଆକ୍ରମଣ କରିଛି । ଭାରତୀୟ ସେନା ପକ୍ଷରୁ ଏହାର ମୁହଁତୋଡ଼ ଜବାବ ଦିଆଯାଇଛି । ଶୁକ୍ରବାର ରାତି ୯ଟାରେ ପାକିସ୍ତାନ ଏହି କରିଛି ଆଟାକ । ରାଜସ୍ଥାନ, ଗୁଜରାଟ ପଞ୍ଜାବ ଓ ଜମ୍ମୁରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ଗୋଟିଏ ପରେ ଗୋଟିଏ ଡ୍ରୋନ ଧ୍ୱଂସ କରୁଛି ବାୟୁସେନା । ରାଜସ୍ଥାନରେ ୯ଟି ଡ୍ରୋନ୍‌କୁ ଉଡ଼ାଇ ଦିଆଯାଇଛି । ପାକିସ୍ତାନର ହମଲା ପରେ ଅର୍ଦ୍ଧରାତିରେ ଭାରତୀୟ ସେନା ପକ୍ଷରୁ ଏକାଧିକ ସ୍ଥାନରେ ଘନ ଘନ ଆକ୍ରମଣ କରାଯାଇ ବ୍ୟାପକ କ୍ଷତି ଘଟାଇଛି । ରାଓ୍ୱଲପିଣ୍ଡିର ନୁର ଖାନ ଏୟାରବେସ ନିକଟରେ ବଡ଼ ଧମାକା ହୋଇଛି ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ, ପାକିସ୍ତାନ ପୁଣି ଥରେ ଏଲଓସିରେ ଗୁଳିମାଡ଼ ଆରମ୍ଭ କରିଛି ।ଜମ୍ମୁର ଅନେକ ସ୍ଥାନରେ ପୁଣି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଜମ୍ମୁ, ସାମ୍ବା, ପଠାନକୋଟ ସେକ୍ଟରରେ ପାକିସ୍ତାନୀ ଡ୍ରୋନ ଦେଖାଯାଇଥିଲା ।ଫିରୋଜପୁର, ପଠାନକୋଟ ସୀମାରେ ପାକିସ୍ତାନରୁ ହୋଇଥିବା ।କ୍ଷେପଣାସ୍ତ୍ର ଆକ୍ରମଣକୁ ଆକାଶ



ମାର୍ଗରେ ଧ୍ୱଂସ କରାଯାଇଥିଲା । ପଞ୍ଜାବୀର ଫିରୋଜପୁରରେ ଡ୍ରୋନ୍ ଆଟାକ ଫଳରେ ପରିବାରର ୩ ଜଣ ଆହତ ହୋଇଛନ୍ତି । ସେହିପରି ଏଲ୍‌ଓସିରେ ଜାଣିଶୁଣି

ଜମ୍ମୁ ଓ କଶ୍ମୀରରେ ପୁଣି ବଡ଼ ଡ୍ରୋନ ଆଟାକ୍ କରିଛି ପାକିସ୍ତାନ ଜମ୍ମୁରେ ସମ୍ପୂର୍ଣ୍ଣ ବ୍ଲାକଆଉଟ ଜାରି କରାଯାଇଛି ।ଏହା ସହିତ ସାଇରନର ଶବ୍ଦ ଶୁଣାଯାଇଥିବା ବେଳେ ଅତି କମରେ ଦୁଇଟି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି ।ପାକିସ୍ତାନ ସୈନ୍ୟ ଶୁକ୍ରବାର ରାତିରେ ଜମ୍ମୁର ସାତାରୀ, ସାମ୍ବା, ଆରଏସ ପୁରା ଓ ଅର୍ନିଆ ଅଞ୍ଚଳରେ ମିସାଇଲ ଓ ଡ୍ରୋନ ଆକ୍ରମଣର ଚେଷ୍ଟା କରିଛନ୍ତି ।ଏହି ଆକ୍ରମଣ ମୁଖ୍ୟତଃ ଜମ୍ମୁ ବିମାନବନ୍ଦର ଓ

## ପାକିସ୍ତାନର ନୂର ଖାନ୍ ଏୟାରବେସ୍ ବିସ୍ଫୋରଣ

## ଉତ୍ତର ଭାରତରେ ଡ୍ରୋନ୍ ଆକ୍ରମଣ

## ଜମ୍ମୁ, ଶ୍ରୀନଗର, ପଠାନକୋଟ ବ୍ଲାକ୍‌ଆଉଟ୍

## ଆକ୍ରମଣ ବିଫଳ କରୁଛି ଭାରତୀୟ ସେନା

## ଅମୃତସରରେ ଲଗାତାର ବିସ୍ଫୋରଣ

## ପୋଖରାନ୍‌ରେ ଡ୍ରୋନ୍ ଆକ୍ରମଣ ପଣ୍ଡ

ଅନ୍ୟାନ୍ୟ ସାମରିକ ସ୍ଥାନକୁ ଟାର୍ଗେଟ କରାଯାଇଛି ।ତେବେ, ଭାରତୀୟ ବାୟୁ ପ୍ରତିରକ୍ଷା ବାହିନୀ ଏହାକୁ ସଫଳତାର ସହ ବିଫଳ କରିଛି ।ଏହି ଘଟଣା ପରେ ଜମ୍ମୁରେ ସମ୍ପୂର୍ଣ୍ଣ ବ୍ଲାକଆଉଟ ଜାରି କରାଯାଇଛି ଏବଂ ସାଇରନ ବଜାଇ ଲୋକଙ୍କୁ ସତର୍କ କରାଯାଇଛି । ଉରି ସେକ୍ଟରରେ ପ୍ରବଳ ଗୁଳିବର୍ଷା ଆରମ୍ଭ କରିଦେଇଛି । ପାକିସ୍ତାନ, ଯାହା ଫଳରେ ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଏହା ପରେ, ପାକିସ୍ତାନ ପୁଞ୍ଛ ଏବଂ କୁପାଡା ସେକ୍ଟରରେ ମଧ୍ୟ ସୀମା ପାର କରି ଗୁଳି ଚଳାଇଛି ।ସୀମା ଆରପାରିରୁ ମୋର୍ଟାର ମାଡ଼ କରାଯାଇଛି ।ସେନା ସୂତ୍ର ଅନୁଯାୟୀ, ପାକିସ୍ତାନ ଦ୍ୱାରା ଜାଣିଶୁଣି ସାଧାରଣ ନାଗରିକ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରାଯାଉଛି ।ଜମ୍ମୁ ବିମାନବନ୍ଦରର ସାଇରନ୍ ବାଜିବା ପରେ, ଅଞ୍ଚଳରେ ଏକ ପ୍ରକାରର ଭୟର ପରିବେଶ ସୃଷ୍ଟି ହୋଇଥିଲା ସ୍ଥାନୀୟ ଲୋକମାନେ ଶୀଘ୍ର ସେମାନଙ୍କର ଦୋକାନ ବନ୍ଦ କରି ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରଜୌରୀ ଜିଲ୍ଲାର ସମସ୍ତ ଦୋକାନ ବନ୍ଦ କରିଦିଆଯାଇଛି ।ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି ।

ସେପଟେ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ ସେ ରହୁଥିବା ସ୍ଥାନରେ ଗୋଳା ବର୍ଷଣର ଶବ୍ଦ ଶୁଣାଯାଉଛି ସେ କହିଛନ୍ତି ଜମ୍ମୁ ଏବଂ ଏହାର ଆଖପାଖର ସମସ୍ତ ଲୋକଙ୍କୁ ମୋର ବିନମ୍ର ନିବେଦନ ଯେ ଦୟାକରି ରାସ୍ତାରୁ ଦୂରରେ ରୁହନ୍ତୁ, ଘରେ କିମ୍ବା ନିକଟବର୍ତ୍ତୀ ସ୍ଥାନରେ ରୁହନ୍ତୁ ଯେଉଁଠାରେ ଆପଣ ଆଗାମୀ କିଛି ଘଣ୍ଟା ପାଇଁ ଆରାମଦାୟକ ରହିପାରିବେ ଗୁଜବରେ ଧ୍ୟାନ ଦିଅନ୍ତୁ ନାହିଁ, ଭିତ୍ତିହୀନ କିମ୍ବା ଅସମ୍ପୂର୍ଣ୍ଣ କାହାଣୀ ପ୍ରସାର କରନ୍ତୁ ନାହିଁ ଏବଂ ଆମେ ଏକାଠି ଏହାର ମୁକାବିଲା କରିବୁ ।

## 'ଭିଜନ ଓଡିଶା ୨୦୩୬ ଓ ୨୦୪୭' କର୍ମଶାଳା




**ଭୁବନେଶ୍ୱର,୯।୫(ମହାଭାରତ):** ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ହେବ। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଓଡିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରାଯିବ। ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଆଜି ଲୋକସେବା ଭବନର କନଭେନସନ୍ ହଲ୍ ଠାରେ 'ଭିଜନ ଓଡିଶା ୨୦୩୬ ଓ ୨୦୪୭' ପାଇଁ ଆୟୋଜିତ ରାଜ୍ୟସ୍ତରୀୟ 'ପରାମର୍ଶ କର୍ମଶାଳା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍ । ଏହା ଆମ ଭବିଷ୍ୟତର ପିଢିଙ୍କ ପାଇଁ ଏକ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

### ୫୦୦ ବିଲିଅନ ଡଲାର ଅର୍ଥନୀତି ଲକ୍ଷ୍ୟ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଭିଜନ ଡକୁମେଣ୍ଟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ଏକ ଡ୍ରାଫ୍ଟ ଡକୁମେଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞ ମାନଙ୍କ ପରାମର୍ଶ ପରେ ଚୂଡ଼ାନ୍ତ ଡକୁମେଣ୍ଟ ପ୍ରସ୍ତୁତ କରାଯିବ। ଆଜି ଏକ ରାଜ୍ୟ ସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ କରାଗଲା।ଯ ଏହା ପରେ ସମ୍ବଲପୁର, ବାଲେଶ୍ୱର ଓ ଜୟପୁରରେ ଆହୁରି ତିନୋଟି ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଆଜିର ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ୍, ଜନପ୍ରତିନିଧି, ଶିଳ୍ପ ଏବଂ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିମାନେ ଯୋଗଦେଇ ନିଜନିଜର ଚିନ୍ତାଧାରା ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେ କହିଲେ ଯେ, ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରାଯାଇଛି। ଏହା ଏକ ରଣନୈତିକ ପଦକ୍ଷେପ । ଏହି ପଦକ୍ଷେପ ହେଉଛି '୩୬ ଲକ୍ଷ୍ୟ ୩୬'। ଏହି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧିର ଯାତ୍ରାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଭିଜନ ହାସଲ ପାଇଁ ସମ୍ପୂର୍ଣ୍ଣ ସରକାର ଆଭିମୁଖ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ପର୍ଯ୍ୟଟନ, ବିଜ୍ଞାନ ଓ ଗବେଷଣା, ଅଭିନବ ଚିନ୍ତାଧାରା, ମହିଳା ସଶକ୍ତି କରଣ, ଗ୍ରାମ ବିକାଶ, ଆଦିବାସୀ କଲ୍ୟାଣ, ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରସାର ଆଦି ୩୬ଟି କ୍ଷେତ୍ରରେ ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପଦକ୍ଷେପ ମାନ ଗ୍ରହଣ କରାଯିବ ।ସେ ପୁଣି କହିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଦେଶ ଏକ ବିକଶିତ ଭାରତ ହେବା ଲକ୍ଷ୍ୟରେ ଅଗ୍ରସର ହେଉଛି। ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ, ଆମ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି।

## ୪୦୦ ତୁର୍କୀ ଡ୍ରୋନ୍ ବ୍ୟବହାର କରିଛି ପାକିସ୍ତାନ

ନୂଆଦିଲ୍ଲୀ,୯।୫: ଅପରେଶନ 'ସିନ୍ଦୂର'ର ଜବାବ ଦେବାକୁ ଯାଇ ପାକିସ୍ତାନ ଗୁରୁବାର ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଏହାକୁ ଭାରତ ବିଫଳ କରିଥିଲା। ତେବେ ପାକିସ୍ତାନ ତୁର୍କୀ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିଥିବା ଶୁକ୍ରବାର ଏମଇଏର ଏକ ପ୍ରେସ ବ୍ରିଫିଂରେ କର୍ଣ୍ଣେଲ ସୋଫିଅ। କୁରେଶୀ କହିଛନ୍ତି। ତେବେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିବା ସହ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଥିବା ସେ ସ୍ପଷ୍ଟ କରିଛନ୍ତି।

କର୍ଣ୍ଣେଲ ସୋଫିଅ। କହିଛନ୍ତି ଯେ, ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ ସୀମାର ୩୬ଟି ସ୍ଥାନରେ ୩୦୦ ରୁ ୪୦୦ ଡ୍ରୋନ ବ୍ୟବହାର କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରାଯାଇଥିଲା। ଭାରତ ସେଗୁଡ଼ିକୁ ଖସାଇ ଦେଇଥିଲା। ଏହାର ଉଦ୍ଦେଶ୍ୟ ଗୁପ୍ତ ସୂଚନା ସଂଗ୍ରହ କରିବା ଥିଲା। ଭଗ୍ନାବଶେଷ ଯାଞ୍ଚ କରାଯାଇଥିଲା। ସେଗୁଡ଼ିକ ତୁର୍କୀର ଡ୍ରୋନ। ପାକିସ୍ତାନ ଏହି ଡ୍ରୋନ ବ୍ୟବହାର କରିଥିଲା। ତେବେ ପାକିସ୍ତାନ ବେସାମରିକ ବିମାନକୁ ଢାଲ ଭାବରେ ବ୍ୟବହାର କରୁଛି। ଏହା ଅନ୍ତର୍ଜାତୀୟ ଉଡାଣ ସମେତ ବେସାମରିକ ବିମାନ ପାଇଁ ନିରାପଦ ନୁହେଁ। କରାଚୀ ଏବଂ ଲାହୋର ରୁଟରେ ବେସାମରିକ ବିମାନ ଉଡ଼ାଣ କରୁଛି। ଏଥିଯୋଗୁ ଭାରତୀୟ ସେନା ବହୁତ ସଂଯମତା ଦେଖାଇଥିବା ସେ କହିଛନ୍ତି।

ସେହିଭଳି ଓ୍ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି, ପାକିସ୍ତାନୀ ଆକ୍ରମଣର ଜବାବରେ,



ଚାରୋଟି ପାକିସ୍ତାନୀ ବାୟୁ ପ୍ରତିରକ୍ଷା ସ୍ଥଳ ଉପରେ ସଶସ୍ତ୍ର ଡ୍ରୋନ ଗୁଳି କରାଯାଇଥିଲା। ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ଗୋଟିଏ ଏଡି ରାଡାରକୁ ନଷ୍ଟ କରିବାରେ ସକ୍ଷମ ହୋଇଥିଲା। ପାକିସ୍ତାନ ମଧ୍ୟ ଭାରୀ କ୍ୟାଲିବର ବନ୍ଧୁକ ଏବଂ ସଶସ୍ତ୍ର ଡ୍ରୋନ ବ୍ୟବହାର କରି ନିୟନ୍ତ୍ରଣ ରେଖା ପାର ଗୁଳି ଚଳାଇଥିଲା, ଯାହା ଫଳରେ କିଛି ଭାରତୀୟ ସେନା କର୍ମଚାରୀଙ୍କ ମୃତ୍ୟୁ ଏବଂ ଆହତ ହୋଇଛି। ତେବେ ଭାରତର ପ୍ରତି ଆକ୍ରମଣରେ ପାକିସ୍ତାନୀ ସେନାର ମଧ୍ୟ ପ୍ରବଳ କ୍ଷତି ହୋଇଛି।

କମାଣ୍ଡର ବ୍ୟୋମିକା କହିଛନ୍ତି, ପାକିସ୍ତାନ ୭ ମଇ ରାତି ୮:୩୦ ରେ ଏକ ଅସଫଳ ଅପ୍ରରୋଚନାମୂଳକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିବା ସତ୍ତ୍ୱେ ତାର ବେସାମରିକ ଆକାଶ ସୀମା ବନ୍ଦ କରି ନ ଥିଲା। ପାକିସ୍ତାନ ବେସାମରିକ ବିମାନକୁ ଢାଲ ଭାବରେ ବ୍ୟବହାର କରୁଛି। ଅପରପକ୍ଷେ ଆମର ଘୋଷିତ ବନ୍ଦ ଯୋଗୁ ଭାରତ ପାର୍ଶ୍ୱର ଆକାଶପଥ ସମ୍ପୂର୍ଣ୍ଣ ଭାବରେ ବେସାମରିକ ବିମାନ ଚଳାଚଳରୁ ମୁକ୍ତ ରହିଛି। କରାଚୀ ଏବଂ ଲାହୋର ମଧ୍ୟରେ ବିମାନ ରୁଟରେ ବେସାମରିକ ବିମାନ ଉଡ଼ାଣ କରୁଛି। ଭାରତୀୟ ବାୟୁସେନା ଏହାର ପ୍ରତିକ୍ରିୟାରେ ବହୁତ ସଂଯମତା ଦେଖାଇଛି, ଆନ୍ତର୍ଜାତୀୟ ବେସାମରିକ ବାହକମାନଙ୍କର ସୁରକ୍ଷା ସୁନିଶ୍ଚିତ କରିଛି।

ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ପାକିସ୍ତାନ ସାମରିକ ଏବଂ ବେସାମରିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଜବାବ ଦେଇଥିଲା। ଧାର୍ମିକ ଅନୁଷ୍ଠାନ ଉପରେ ପାକିସ୍ତାନ ଆକ୍ରମଣ କରୁଛି ।ଏକ ଖ୍ରୀଷ୍ଟିଆନ ସ୍କୁଲକୁ ପାକିସ୍ତାନ ଟାର୍ଗେଟ କରିଥିଲା, ଯେଉଁଥିରେ ୨ଜଣ ପ୍ରାଣ ହରାଇଛନ୍ତି ।ପୂଜାସ୍ଥଳ ଉପରେ ପାକିସ୍ତାନର ଆକ୍ରମଣ ଏବଂ ଭାରତୀୟ ସଶସ୍ତ୍ର ବାହିନୀ ଉପରେ ଦୋଷ ଲଦିବାର ଅହଂକାରପୂର୍ଣ୍ଣ ପ୍ରୟାସ ଇସଲାମାବାଦର ବିଶ୍ୱକୁ ପ୍ରତାରିତ ଏବଂ ଭ୍ରମିତ କରିବାର ପ୍ରୟାସକୁ ପ୍ରତିଫଳିତ କରୁଛି। ଅମୃତସରର ଏକ ଗୁରୁଦ୍ୱାର ଉପରେ ପାକିସ୍ତାନର ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ଭାରତୀୟ ସଶସ୍ତ୍ର ବାହିନୀ ଉପରେ ଦୋଷ ଲଦିବାର ପ୍ରୟାସକୁ ଉଦ୍ଧୃତ କରି ଶ୍ରୀ ମିଶ୍ରୀ କହିଛନ୍ତି ଯେ ଭାରତ ନିଜ ସହର ଉପରେ ଆକ୍ରମଣ କରିବ ବୋଲି ଇସଲାମାବାଦର ଚିନ୍ତାଧାରା କେବଳ ପାକିସ୍ତାନୀ ରାଷ୍ଟ୍ର ହିଁ ଚିନ୍ତା କରିପାରିବ।

## ୨୩ ସଂଗ୍ରାମୀଙ୍କୁ ମିଳିବ ପେନ୍‌ସନ

ଭୁବନେଶ୍ୱର,୯।୫(ମହାଭାରତ): ଓଡିଆ। ଅସ୍ମିତାର ନିଦର୍ଶନ ସ୍ୱରୂପ ବରପୁତ୍ର ଓ ସଂଗ୍ରାମୀ ମାନଙ୍କୁ ସମ୍ମାନ ଜଣାଇବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରକ୍ରିୟାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଭତ୍ତା ବୃଦ୍ଧି କରାଯାଇଛି ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ମିସା ଆଇନ୍‌ରେ ବନ୍ଦୀ ହୋଇଥିବା ସଂଗ୍ରାମୀ ମାନଙ୍କ ପାଇଁ ମଧ୍ୟ ପେନ୍‌ସନ ଘୋଷଣା କରାଯାଇଛି । ଆଜି ମୁଖ୍ୟମନ୍ତ୍ରୀ ୨୩ ଜଣ ମିସା ବନ୍ଦୀ (୧୯ ଜଣ ମିସା, ୪ ଜଣ ଡି.ଆଇ.ଏସ୍.ଆଇ.ଆର୍) ମାନଙ୍କୁ ପେନ୍‌ସନ ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ପୂର୍ବରୁ ୨୧ ଜଣ ମିସା ବନ୍ଦୀଙ୍କ ପେନ୍‌ସନ ଅନୁମୋଦନ କରାଯାଇଥିଲା । ଏହା ଫଳରେ ସମୁଦାୟ ୪୪ ଜଣ ମିସା ବନ୍ଦୀ ପେନ୍‌ସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଂଗ୍ରାମୀ ମାନେ ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ ପାଇବା ସହିତ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

## ମେ ୧୫ ଯାଏ ବନ୍ଦ ରହିବ ୨୪ ବିମାନବନ୍ଦର

ନୂଆଦିଲ୍ଲୀ,୧୦।୫(ମହାଭାରତ): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ଉତ୍ତେଜନା ଯୋଗୁ କେନ୍ଦ୍ର ସରକାର ମେ ୧୫ ସକାଳ ୫.୨୯ ପର୍ଯ୍ୟନ୍ତ ଦେଶର ୨୪ ବିମାନବନ୍ଦରକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଅପରେଶନ ସିନ୍ଦୂର ଅନୁଯାୟୀ ଭାରତର ପ୍ରତିଶୋଧମୂଳକ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ପାକିସ୍ତାନ ଦ୍ୱାରା ଡ୍ରୋନ ଆକ୍ରମଣର ବିଫଳ ପ୍ରୟାସ ପରେ ଏହି ପଦକ୍ଷେପ ନିଆଯାଇଛି।

ପୂର୍ବରୁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହି ବିମାନବନ୍ଦରଗୁଡ଼ିକୁ ମେ ୧୦ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା କରିଥିଲା ଏବେ ଏହାକୁ ଏବେ ବୃଦ୍ଧି କରାଯାଇଛି ଯେଉଁ ବିମାନବନ୍ଦରଗୁଡ଼ିକରେ ବିମାନ ଚଳାଚଳ ସ୍ଥଗିତ ରହିବ ସେଗୁଡ଼ିକ



ମଧ୍ୟରେ ଚଣ୍ଡିଗଡ଼, ଶ୍ରୀନଗର, ଅମୃତସର, ଲୁଧିଆନା, ଭୁନ୍ତର, କିଶନଗଡ଼, ପଠାନକୋଟ, ଜମ୍ମୁ, ଶିମଲା, ଜୈସଲମେର, ବିକାନେର, ଲେହ ଏବଂ ପୋରବନ୍ଦର ଭଳି ରଣନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ସ୍ଥାନ ଅନ୍ତର୍ଭୁକ୍ତ ରହିଛି।

ଏହି ନିଷ୍ପତ୍ତି ପରେ, ଏୟାର ଇଣ୍ଡିଆ, ଇଣ୍ଡିଗୋ ସମେତ ଅନେକ ପ୍ରମୁଖ ଏୟାରଲାଇନ୍ସ ଯାତ୍ରୀମାନଙ୍କ ପାଇଁ ଯାତ୍ରା ପରାମର୍ଶ ଜାରି କରିଛନ୍ତି। ଏୟାର ଇଣ୍ଡିଆ (ପୂର୍ବରୁ ଟୁଇଟର) ରେ କହିଛି ଯେ ଅମୃତସର, ଚଣ୍ଡିଗଡ଼, ଭୁଜ, ଜାମନଗର, ଦିଲ୍ଲୀ, ଶ୍ରୀନଗର, ଲେହ, ଯୋଧପୁର ଏବଂ ରାଜକୋଟ ଭଳି ଷ୍ଟେଶନଗୁଡ଼ିକୁ ସଂଯୋଗ କରୁଥିବା ବିମାନଗୁଡ଼ିକ ମେ ୧୫ ମଇ ସକାଳ ୫.୨୯ ପର୍ଯ୍ୟନ୍ତ ବାତିଲ ରହିବ ଟିକେଟ ବାତିଲ ଉପରେ ଯାତ୍ରୀମାନଙ୍କୁ ପୂର୍ଣ୍ଣ ଫେରସ୍ତ କିମ୍ବା ଥରେ ମାଗଣା ପୁନଃବୁକିଂର ସୁବିଧା ଦିଆଯାଉଛି। ଇଣ୍ଡିଗୋ ଏୟାରଲାଇନ୍ସ ଏହା ମଧ୍ୟ କହିଛି ଯେ ଶ୍ରୀନଗର, ଜମ୍ମୁ, ଅମୃତସର, ଚଣ୍ଡିଗଡ଼, ଲେହ, ଧର୍ମଶାଳା, ବିକାନେର, ରାଜକୋଟ, ଯୋଧପୁର ଏବଂ କିଶନଗଡ଼କୁ ସମସ୍ତ ବିମାନ ଉଡ଼ାଣକୁ ଅସ୍ଥାୟୀ ଭାବରେ ବନ୍ଦ କରାଯିବ। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗୁ ଶୁକ୍ରବାର ଦିନ ୬୬ଟି ଘରୋଇ ଏବଂ ୫ଟି ଅନ୍ତର୍ଜାତୀୟ ବିମାନ ବାତିଲ କରାଯାଇଛି ଅଧିକାରୀମାନେ କହିଛନ୍ତି ଯେ ପରିବର୍ତ୍ତନଶୀଳ ଏୟାରସ୍ପେସ ପରିସ୍ଥିତି ଏବଂ ବର୍ଦ୍ଧିତ ସୁରକ୍ଷା ପ୍ରୋଟୋକଲ ଯୋଗୁ ବିମାନ ଚଳାଚଳ ପ୍ରଭାବିତ ହେଉଛି, ଯଦିଓ ବିମାନବନ୍ଦରରେ ସାଧାରଣ ସେବା ଜାରି ରହିଛି।

## ସବୁ ସେନାଧିକାରୀଙ୍କ ଛୁଟି ବାତିଲ

ନୂଆଦିଲ୍ଲୀ,୯।୫(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସିଡିଏସ୍ ଓ ୩ ସେନା ପ୍ରମୁଖଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ସମୀକ୍ଷା ବୈଠକ ପରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଆସିଛି। ବାତିଲ ହୋଇଛି ସବୁ ସେନାଧିକାରୀଙ୍କ ଛୁଟି। କୌଣସି କାରଣରୁ ଛୁଟିରେ ଥିଲେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେନାକୁ ସହଯୋଗ କରିବାକୁ ଟେରିଟୋରିଆଲ ଆର୍ମିକୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ରହିଛି। ମେ' ୮ ଓ ୯ ରାତିରେ ସଫଳ ହୋଇନଥିବା ପାକିସ୍ତାନର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ପରେ ଶୁକ୍ରବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସିଡିଏସ୍ ଓ ୩ ସେନା ପ୍ରମୁଖଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକର ଫଟୋ ଏବେ ସାମ୍ନାକୁ ଆସିଛି। ବୈଠକର ଫଟୋ ମଧ୍ୟ ଦୁନିଆକୁ କିଛି ବାର୍ତ୍ତା ଦେଉଛି। ଏହି ବନ୍ଦ କୋଠରୀରେ ହୋଇଥିବା ଉଚ୍ଚ ସ୍ତରୀୟ ବୈଠକରେ ଉପସ୍ଥିତ ଥିବା ଅଧିକାରୀ ଶାନ୍ତ ଓ ଆତ୍ମବିଶ୍ୱାସୀ ଦେଖାଯାଉଛନ୍ତି।

# ଓଡ଼ିଶାର ଏକାଧିକ ସ୍ଥାନରେ ହାଇଆଲର୍ଟ

**ଭୁବନେଶ୍ୱର,୯।୫(ମହାଭାରତ):** ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବୃଦ୍ଧି ପାଇବା ପରେ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି । ପାକିସ୍ତାନର ବିଫଳ ଡ୍ରୋନ ଓ ମିସାଇଲ ଆକ୍ରମଣ ପ୍ରୟାସ ପରେ ରାଜ୍ୟ ସରକାର ଏବଂ ପୁଲିସ ଉଚ୍ଚ ସତର୍କତା ଜାରି କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଛି ।

ପୁରୀର ଜଗନ୍ନାଥ ମନ୍ଦିର ଓ ବଙ୍ଗୋପସାଗର, ଭୁବନେଶ୍ୱର ବିମାନବନ୍ଦର, ବାଲେଶ୍ୱରରେ ଥିବା ଚାନ୍ଦିପୁର ମିସାଇଲ ପରୀକ୍ଷଣ କେନ୍ଦ୍ର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି । ପୁରୀର ଏସପି ବିନୀତ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରାଯାଇଛି । ମନ୍ଦିରର ମୁଖ୍ୟ ଦ୍ୱାରରେ ଅତିରିକ୍ତ ପୁଲିସ ମୁତୟନ କରାଯାଇଛି, ପାଟ୍ରୋଲିଂ ବୃଦ୍ଧି କରାଯାଇଛି ଏବଂ ଏକ କ୍ୱିକ ରିଆକ୍ସନ ଟିମ ମଧ୍ୟ ପ୍ରସ୍ତୁତ ରଖାଯାଇଛି ।ସେହିପରି ଭୁବନେଶ୍ୱର ବିମାନବନ୍ଦରରେ ମଧ୍ୟ ଭାରତ-ପାକିସ୍ତାନ ସଂଘର୍ଷର ପରିପ୍ରେକ୍ଷୀରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ସେ କହିଛନ୍ତି, ଭାରତ ପାକିସ୍ତାନର ଆକ୍ରମଣକୁ ଦୃଢ଼ତାର ସହ ମୁକାବିଲା କରୁଛି । ଭାରତୀୟ ସରକାର ପ୍ରତିଶୋଧମୂଳକ କାର୍ଯ୍ୟ ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଆମର ସେନା



ଏହି ଯୁଦ୍ଧରେ ଜିତିବାକୁ ଦୃଢ଼ପ୍ରତିଜ୍ଞ । ମୁଖ୍ୟମନ୍ତ୍ରୀ ଚାନ୍ଦିପୁର ମିସାଇଲ ପରୀକ୍ଷଣ କେନ୍ଦ୍ର ଏବଂ ପୁରୀ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଡିଜିପି କହିଛନ୍ତି ଯେ ଓଡ଼ିଶା ପାଇଁ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ବିପଦ ସତର୍କତା ଜାରି ହୋଇନାହିଁ । ତଥାପି, ସତର୍କତାମୂଳକ ପଦକ୍ଷେପ ଭାବେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମୁଖ୍ୟମନ୍ତ୍ରୀ ମାଝୀ ମଧ୍ୟ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାପନାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତି ନେଇଥିବା ନିଶ୍ଚିତ କରିଛନ୍ତି । ବାଲେଶ୍ୱର ଚାନ୍ଦିପୁରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି । ଏହି ବୈଠକରେ ପୂର୍ବାଞ୍ଚଳ ଡିଆଇଜିଙ୍କ ସମେତ ଏସ୍‌ପି ଓ ଥାନାଧିକାରୀ ଉପସ୍ଥିତ ଅଛନ୍ତି । ବର୍ତ୍ତମାନ ସାରା ଦେଶ ପାଇଁ ଏକ ସମ୍ବେଦନଶୀଳ ସମୟ ଚାଲି ଥିବା ବେଳେ ଶତ୍ରୁଙ୍କ ଟାର୍ଗେଟ ମଧ୍ୟରେ ଓଡିଶାର ଚାନ୍ଦିପୁର ମଧ୍ୟ ଥାଇପାରେ । ଏଠାରେ ପ୍ରତିରକ୍ଷାର ବଡ ବଡ ପ୍ରତିଷ୍ଠାନ ସବୁ ରହିଛି । ତେଣୁ ଏସବୁର ସୁରକ୍ଷା ପାଇଁ ସୁରକ୍ଷାକୁ କଡାକଡି କରାଯାଇଛି । କେଉଁଭଳି ରଣନୀତି ପ୍ରସ୍ତୁତ କରିବା କଥା ତାହା ନେଇ ଆଲୋଚନା ହେଉଛି । ତେବେ କେବଳ ଚାନ୍ଦିପୁର ନୁହେଁ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଏବେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ହୀରାକୁଦ ଡ୍ୟାମ, ପୁରୀକୁ ମଧ୍ୟ ସୁରକ୍ଷାରେ ରଖାଯାଇଛି । ଶତ୍ରୁ ପକ୍ଷରୁ ପ୍ରତିଟି ଆକ୍ରମଣାତ୍ମକ ପଦକ୍ଷେପକୁ ଯେପରି ପ୍ରତିହତ କରିହେବ ସେଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ସତର୍କ ଅଛନ୍ତି ।

## ବ୍ରେଡ ଉତ୍ତପମ

**ଆବଶ୍ୟକୀୟ ସାମଗ୍ରୀ :** ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତ ପ୍ରଣାଳୀ :** ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଚର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।



••••• ପରଦା ଖବର •••••

# 'ଅପରେଶନ ସିନ୍ଦୂର' ଫିଲ୍ମ ନେଇ ଘୋଷଣା, ଜାରି ହେଲା ପୋଷ୍ଟର




'ଅପରେଶନ ସିନ୍ଦୂର'। ପହଲଗାମରେ ହୋଇଥିବା ବର୍ବୋରଚିତ ଆକ୍ରମଣ ପରେ ପାକିସ୍ତାନକୁ କଡ଼ା ଜବାବ ଦେଉଛି ଭାରତୀୟ ସଶସ୍ତ୍ର ବାହିନୀ। ଏବେ ଏହି ଅପରେଶନ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଏନେଇ ଘୋଷଣା କରାଯାଇଛି। ଭାଇରାଲ ଭୟାନିଙ୍କ ଅନୁଯାୟୀ, ଏହି ଫିଲ୍ମଟି ନିକି-ଭିକି ଭଗନାନି ଫିଲ୍ମସ୍ ଏବଂ କଣ୍ଟେଣ୍ଟ ଇଞ୍ଜିନିୟରଙ୍କ ବ୍ୟାନରରେ ନିର୍ମାଣ ହେବାକୁ ଯାଉଛି। ଏକ ଏଆଇ ପୋଷ୍ଟର ମାଧ୍ୟମରେ ଏହି ଫିଲ୍ମର ଘୋଷଣା କରାଯାଇଛି। ପୋଷ୍ଟରରେ ଜଣେ ମହିଳା ସାମରିକ ଅଧିକାରୀ ହାତରେ ବନ୍ଧୁକ ଧରି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଥିବାର ଦେଖାଯାଉଛି। ଏହା ର ପୋଷ୍ଟରରେ 'ଭାରତ ମାତା କି ଜୟ ଅପରେସନ ସିନ୍ଦୂର' ଲେଖାଯାଇଛି।ଏହି ଫିଲ୍ମଟି ଜ୍ୟାକି ଭଗନାନୀଙ୍କ ସମ୍ପର୍କୀୟ ଭାଇ ଭିକି ଭଗନାନୀଙ୍କ ଦ୍ୱାରା ପ୍ରଯୋଜିତ ହେଉଛି। ଭିକି ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଭାଇରାଲଙ୍କ ପୋଷ୍ଟ ସେୟାର କରି ତାଙ୍କ ଫିଲ୍ମର ଘୋଷଣା ମଧ୍ୟ କରିଛନ୍ତି। ଏବେ କେବଳ ଫିଲ୍ମଟି ଘୋଷଣା କରାଯାଇଛି। ଏହି ଫିଲ୍ମର ଷ୍ଟାରକାଷ୍ଟ ସମ୍ପର୍କରେ କୌଣସି ସୂଚନା ଶେୟାର କରାଯାଇ ନାହିଁ। ଉତ୍ତମ ମାହେଶ୍ୱରୀ ଏବଂ ନୀତିନ କୁମାର ଗୁପ୍ତା ମିଳିତ ଭାବରେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତ। ଭିକି ଭଗନାନୀ ବଲିଉଡରେ ଏକ ବଡ଼ ନାମ। ସେ ସୋନାକ୍ଷୀ ସିହ୍ନାଙ୍କ ସହିତ 'ନିକିତା ରୟ' ନାମକ ଏକ ଫିଲ୍ମ ମଧ୍ୟ ତିଆରି କରିଛନ୍ତି। ସୋନାକ୍ଷୀଙ୍କ ଏହି ଫିଲ୍ମ ମେ' ୩୦ରେ ମୁକ୍ତିଲାଭ କରିବ।'ଅପରେସନ ସିନ୍ଦୂର' ହେଉଛି ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପାକିସ୍ତାନ ବିରୁଦ୍ଧରେ ପରିଚାଳିତ ଏକ ଅପରେଶନ। ପାକିସ୍ତାନୀ ଆତଙ୍କବାଦୀମାନେ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କଶ୍ମୀରର ପହଲଗାମରେ ଆକ୍ରମଣ କରି ୨୬ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ପାକିସ୍ତାନକୁ ଜବାବ ଦେବା ପାଇଁ, ମେ' ୭ ମଇରେ, ଭାରତୀୟ ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନରେ ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲେ। ଏବେ ଏହି ଷ୍ଟ୍ରାଇକର କାହାଣୀ ପରଦାରେ ଦେଖିବାକୁ ମିଳିବ।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ୍ୟ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ୍ୟ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# ହୃଦୟ ପାଇଁ ହିତକର ଅଖରୋଟ୍



ହୃଦୟ ସୁସ୍ଥ ରହିଲେ ଶରୀର ମଧ୍ୟ ସୁସ୍ଥ ରହେ। ସେଥିପାଇଁ ହୃଦୟକୁ ସୁସ୍ଥ ରଖିବା ମହତ୍ୱପୂର୍ଣ୍ଣ। ଖାଦ୍ୟପେୟ ଶରୀରକୁ ପ୍ରଭାବିତ କରିଥାଏ। ସେଥିପାଇଁ ଆହାରରେ ଏମିତି ଖାଦ୍ୟ ପଦାର୍ଥ ସାମିଲ କରିବା ଉଚିତ ଯାହା ମଣିଷକୁ ସୁସ୍ଥ ରଖିବ। ଅଖରୋଟ ଏହିଭଳି ଏକ ସ୍ୱାସ୍ଥ୍ୟକର ଖାଦ୍ୟ। ସେଥିପାଇଁ ଅଖରୋଟ୍ ସେବନ କରିବା ଉଚିତ। ଏହିଭଳି ଆଉ ଏକ ସ୍ୱାସ୍ଥ୍ୟକର ଖାଦ୍ୟ ହେଲା ଶୁଖିଲା ଏପ୍ରିକଟ୍। ଏପ୍ରିକଟରେ ନା କେବଳ ପୋଷାକ ତତ୍ୱ ଭରପୁର ରହିଛି ବରଂ ଏଥିରେ ଅନେକ । ଯୋଆକ୍ଟିଭ୍ ତତ୍ୱ ମଧ୍ୟ ରହିଛି ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଅଖରୋଟ୍ ମସ୍ତିସ୍କ ସହ ହୃଦୟ ପାଇଁ ମଧ୍ୟ ହିତକର। ଏହା ହୃଦୟର କାର୍ଯ୍ୟ ପ୍ରଣାଳୀ ସଞ୍ଚାଳିତ ଓ ନିୟନ୍ତ୍ରିତ କରିଥାଏ ଓ ସୁଧାର ଆଣିଥାଏ। ଅଖରୋଟରେ ଓମେଗା ଫେଟି ଏସିଡ ଅଧିକ ମାତ୍ରାରେ ରହିଛି। ଯେଉଁଥିପାଇଁ ଏହା କାର୍ଡିଓଭାସ୍କୁଲାର ସିଷ୍ଟମ୍ ପାଇଁ ବହୁତ ଲାଭଦାୟୀ ହୋଇଥାଏ। ଓମେଗା-୩ ଫେଟି ଏସିଡ ଶରୀରରେ ଖରାପ କୋଲେଷ୍ଟ୍ରୋଲକୁ କମ୍ କରିବା ଓ ଭଲ କୋଲେଷ୍ଟ୍ରୋଲକୁ ବୃଦ୍ଧି କରାଇଥାଏ ଯାହା ହୃଦୟ ପାଇଁ ହିତକର। ପ୍ରତିଦିନ କିଛି ଅଖରୋଟ୍ ସେବନ କଲେ ଉଚ୍ଚ ରକ୍ତଚାପ କମ କରିବାରେ ସହାୟକ ହୋଇଥାଏ। ଅଖରୋଟରେ ଭରପୁର ମାତ୍ରାରେ ଭିଟାମିନ୍-ବି, ଫାଇବର, ମ୍ୟାଗନେସିୟମ୍ ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି। ଅଖରୋଟରେ ପ୍ରୋଟିନ୍ ମଧ୍ୟ ଭରପୁର ମାତ୍ରାରେ ରହିଛି। ଅଖରୋଟ୍ ସୁଜନ ନିୟନ୍ତ୍ରଣ କରିବା, ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ସବୁ ଗୁଣ ସହ ଏହା ହୃଦୟକୁ ମଧ୍ୟ ସୁସ୍ଥ ରଖିଥାଏ। ଅଖରୋଟରେ କ୍ୟାଲୋରୀ ମଧ୍ୟ ବହୁତ ମାତ୍ରାରେ ରହିଛି। ସେଥିପାଇଁ ସଂଯମର ସହ ତାକୁ ସେବନ କରିବାକୁ ପରାମର୍ଶ ଦିଆଯାଇଥାଏ। ପ୍ରତିଦିନ ଗୋଟିଏରୁ ଦୁଇଟି ଅଖରୋଟ୍ ସକାଳେ କିମ୍ବା ସନ୍ଧ୍ୟାରେ ସେବନ କରିବା ଉଚିତ। ଗୋଟିଏ ଦିନରେ ୫ରୁ ଅଧିକ ଅଖରୋଟ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଗରମ ହୋଇଥାଏ। ସେଥିପାଇଁ ଜ୍ୱର ହେବାର ସମ୍ଭାବନା ମଧ୍ୟ ରହିଛି। କଫ ସମସ୍ୟା ଥିଲେ ଅଖରୋଟ ସେବନ କରିବା ଉଚିତ ନୁହେଁ। ଖାଲି ପେଟରେ ଅଖରୋଟ୍ ସେବନ କରିବା ଉଚିତ। ଅଖରୋଟ୍ ସେବନ କରିବାର ସଠିକ ତରିକା ହେଲା, ଏହାଲୁ କଦଳୀ କିମ୍ବା ଦହିରେ ମିଶାଇ ମିଶ୍ରଣ କରି ଖାଇବା। ତାଛଡା ସାଲାଡ଼ ସହ ମଧ୍ୟ ଖାଇପାରିବେ। ଅଖରୋଟରେ ଲେମ୍ବୁ ରସ, ରସୁଣ, ଅଲିଭ ଅଏଲ, ଲୁଣ ଓ ଗୋଲମରିଚ ଗୁଣ୍ଡ ମିଶାଇ ମଧ୍ୟ ସେବନ କରିପାରିବେ।

# ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା



ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ୍ୟ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ୍ୟ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

# ଔଷଧୀୟ ଗୁଣରେ ଭରପୂର ଲେମ୍ବୁ

ଆଜିକାଲିର ଖରାପ ଜୀବନଶୈଳୀ ଯୋଗୁଁ ଅଧିକାଂଶ ଲୋକ ଓଜନ ଜନିତ ସମସ୍ୟାର ଶିକାର ହୋଇଥାନ୍ତି । ଏଥିପାଇଁ ଆପଣ ଅନେକ ଡାଏଟିସିଆନ୍ ଓ



ମେଡିସନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଏସବୁ ନକରି ଲେମ୍ବୁ ସାହାଯ୍ୟରେ ମଧ୍ୟ ଓଜନ କମ୍ କରାଯାଇପାରିବ । ଲେମ୍ବୁ ପାଣି ଏସିଡିଟି, ପେଟ ଫୁଲିବା ପରି ସମସ୍ୟାକୁ ଭଲ କରିଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଖାଇବା ଦ୍ୱାରା ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ ।

◆ ଲେମ୍ବୁ ଶରୀରରେ ପିଏଚ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଆଇରନ୍, ମ୍ୟାଗ୍ନେସିୟମ୍ , ଫସଫରସ୍, କଲ୍ୟାସିୟମ୍, ପୋଟାସିୟମ୍ ଓ ଜିଙ୍କ ପରି ତତ୍ତ୍ୱ ରହିଛି । ଯାହା ଶରୀରରେ ଅଲଗା ଅଲଗା ଆବଶ୍ୟକତାରୁ ପୂରଣ କରିଥାଏ ।

◆ ଲେମ୍ବୁ ପାଣି କିଡନୀ ଷ୍ଟୋନକୁ କମ୍ କରିଥାଏ । ଏଥିପାଇଁ ପ୍ରତିଦିନ ଲେମ୍ବୁ ପାଣି ପିଅନ୍ତୁ ।

◆ ଲେମ୍ବୁ ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହିତ ରୋଗ ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ ।

◆ ଲେମ୍ବୁ ଥିୟାମିନ୍, ନୟାସିନ୍, ରିବୋଫ୍ଲୋବିନ୍, ଭିଟାମିନ୍ ବି ୬, ଭିଟାମିନ୍ ଇ ରହିଛି । ଯାହା କୋଷ୍ଠକାଠିନ୍ୟ, କିଡନୀ ସମସ୍ୟା, ଗଳା ଓ ପାଟି ଜନିତ ସମସ୍ୟାକୁ ଭଲ କରିଥାଏ ।

◆ ଲେମ୍ବୁ ଖାଇଲେ ରକ୍ତଚାପ ନିୟନ୍ତ୍ରଣ ହେବା ସହ ଡିପ୍ରେସନ ଦୂର ହୋଇଥାଏ ।

◆ ଲେମ୍ବୁର ନିୟମିତ ଖାଇବା ଦ୍ୱାରା ଡାଇବେଟିସ ରୋଗୀଙ୍କ ସୁଗାର ନିୟନ୍ତ୍ରିତ ହୋଇଥାଏ ।

## ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଜଳପଥରେ ଚେକିଂ କଡ଼ାକଡ଼ି

**ଭୁବନେଶ୍ୱର,୯।୫(ମହାଭାରତ) :** ଭାରତ ପାକିସ୍ତାନ ଯୁଦ୍ଧ ଭିତରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଜଳପଥରେ ଚେକିଂ କଡ଼ାକଡି। ଏହାସହ ସୀମାବର୍ତ୍ତୀ ଅଞ୍ଚଳବାସୀଙ୍କୁ ସଜାଗ କରାଉଛି ପୋଲିସ ୟ ଭାରତ ଆତଙ୍କୀ ଉପରେ ପ୍ରତିଶୋଧ ନେଉଥିବା ବେଳେ ଭାରତର ବିଭିନ୍ନ ସୀମାବର୍ତ୍ତୀ ରାଜ୍ୟ ସୀମାରେ ଚେକିଂ କଡ଼ାକଡ଼ି କରାଯାଇଛି। ବାଲେଶ୍ୱର ଜିଲ୍ଲା ପଶ୍ଚିମବଙ୍ଗକୁ ଲାଗିରହିଥିବା ବଙ୍ଗୋପସାଗର କୂଳ ଭୋଗରାଇର ଉଦୟପୁର ଓ ତାଳସାରୀ ଜଳପଥରେ ମେରାଇନ ପୋଲିସ, ମତ୍ସ୍ୟ ବିଭାଗ ଓ ଇଣ୍ଡିଆନ ନୌସେନା ଅଧିକାରୀ ଲୋକଙ୍କୁ ସଚେତନ କରାଉଛନ୍ତି। ବଙ୍ଗୋପସାଗରକୁ ଲାଗି ରହିଥିବା ଭୋଗରାଇର ଉଦୟପୁର, ତାଳସାରୀ, ବିଚିତ୍ରପୁର କୀର୍ତ୍ତନିଆ ଆଦି ଜଳପଥରେ ବୋର୍ଟ ଯୋଗେ ପାଟ୍ରୋଲିଂ କରାଯାଉଛି। କିନ୍ତୁ ସକାଳ କିଛି ସମୟ ଧରି ପୋଲିସ ଓ ଅନ୍ୟାୟ ବିଭାଗ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଡ୍ୟୁଟି କରୁଥିଲା ବେଳେ ଅନ୍ୟ ସମୟରେ କାହାର ଦେଖାନଥିବା ଅଭିଯୋଗ ହେଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭ୍ରମଣ ପୁସ୍ତକ ପ୍ରଦାନ କଲେ ବରିଷ୍ଠ ଲେଖକ ବିଶ୍ୱମୋହନ ପଟ୍ଟନାୟକ



**ଭୁବନେଶ୍ୱର,୯।୫(ମହାଭାରତ):** ବରିଷ୍ଠ ଲେଖକ ତଥା ପର୍ଯ୍ୟଟକ ବିଶ୍ୱମୋହନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ତାଙ୍କ ଲିଖିତ ଦୁଇଟି ଭ୍ରମଣ ପୁସ୍ତକର ପ୍ରଥମ ଖଣ୍ଡ ପ୍ରଦାନ କରିଛନ୍ତି । ଏହି ଦୁଇ ପୁସ୍ତକ ହେଲା ଓଡିଆରେ ଲିଖିତ ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ ଏବଂ ଏହାର ଇଂରାଜୀ ଅନୁବାଦ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦୁଇ ପୁସ୍ତକର ପ୍ରଥମ ଖଣ୍ଡ ଉପହାର ଦେବା ଅବସରରେ ଲେଖକ କହିଛନ୍ତି ଯେ ଏକ ବିଶାଳ ଏବଂ ସୁନ୍ଦର ଦେଶ ଆମେରିକା ପରିଦର୍ଶନ କରିବାର ସୌଭାଗ୍ୟ ପାଇଥିଲି ପୃଥିବୀର ଅନେକ ଦେଶ ବୁଲିଥିଲେ ବି ଆମେରିକାରୁ ଫେରିବା ପରେ, ସେଠାରେ ମୋର ରହଣିର ସ୍ମୃତିକୁ ଲେଖିବାର ଇଚ୍ଛାକୁ ନିୟନ୍ତ୍ରଣ କରିପାରି ନଥିଲି ଏହାକୁ କଫି ଟେବୁଲ୍ ପୁସ୍ତକର ରୂପ ଦେଇଥିଲି ଏହା ମୋ ମାତୃଭାଷାରେ ଲେଖିଥିଲି, ଯେପରି ଅଧିକରୁ ଅଧିକ ଲୋକ, ବିଶେଷକରି ରାଜ୍ୟର ଛାତ୍ରଛାତ୍ରୀମାନେ ଏହାକୁ ପାଠ କରିପାରିବେ ଏହା ମୋତେ ଏକ ଇଂରାଜୀ ସଂସ୍କରଣ ପ୍ରକାଶ କରିବାକୁ ପ୍ରେରଣା ଦେଇଥିଲା।ରାଜ୍ୟର ୧୦,୦୦୦ ହାଇସ୍କୁଲ ଏବଂ ୨,୦୦୦ କଲେଜ ଛାତ୍ରଛାତ୍ରୀଙ୍କ ବୃହତ ସ୍ୱାର୍ଥରେ ନିଜ ଖର୍ଚ୍ଚରେ ପୁସ୍ତକଟିକୁ ଉତ୍ସର୍ଗ କରିବାକୁ ଆମେ ନିଷ୍ପତ୍ତି ନେଇଥିଲୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଅନୁମତି ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଲୋକ-ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ ଲେଖକ ବିଶ୍ୱମୋହନ ପଟ୍ଟନାୟକ। ଭ୍ରମଣ ପୁସ୍ତକ ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସର ପ୍ରଥମ ଖଣ୍ଡ ଗ୍ରହଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଲେଖକଙ୍କ ପ୍ରୟାସର ସଫଳତା ଏବଂ ଶୁଭକାମନା କରିଥିଲେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ପୁସ୍ତକର ପ୍ରଥମ ସଂଖ୍ୟା ଗ୍ରହଣ କରି ପୁସ୍ତକର ପ୍ରକାଶିକା ଜୟଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଜମ୍ମୁରୁ ଫେରିବେ ଓଡ଼ିଆ ଛାତ୍ର

**ଭୁବନେଶ୍ୱର, ୯।୫ (ମହାଭାରତ) :** ଲଗାତାର ୩-୪ ଦିନ ହେବ ଜମ୍ମୁ ଅଶାନ୍ତ ରହିଥିବା ବେଳେ ଏବେ ଜମ୍ମୁରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରିଛନ୍ତି ଓଡ଼ିଶା ସରକାର। ଜମ୍ମୁର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ ଜାରି ହେବା ପରେ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିଲେ ଓଡ଼ିଶା ସରକାର। ଦିଲ୍ଲୀ ସ୍ଥିତ ଓଡ଼ିଶା ନିବାସରେ ଏହି କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ବେଳେ ହେଲ୍ପଲାଇନ ନମ୍ବର ୭୪୨୮୧୩୫୦୪୪, ୦୧୧-୨୪୬୭୯୨୦୧ରେ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ତେବେ କାଲି ପାକିସ୍ତାନର ଡ୍ରୋନ୍ ମାଡ଼ ପରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ ଜାରି ହେବା ପରେ ଓଡ଼ିଶା ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏକ ସ୍ୱତନ୍ତ୍ର ଟିମ୍ ଏଥିପାଇଁ ଗଠନ ହୋଇଥିବା ବେଳେ ସ୍ୱତନ୍ତ୍ର ଟିମର ବ୍ୟବସ୍ଥାରେ, ୫ଟି ଟିମ୍ କରି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ପିଲାଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ କିପରି ଓଡ଼ିଶା ଫେରାଇଆଣିବେ ସେନେଇ ନିର୍ଦ୍ଦେଶ ଦେଇଛନ୍ତି ସରକାର।

## ଲିଙ୍ଗରାଜଙ୍କ ସ୍ୱତ୍ୱଲିପି ପାଇଁ କମିଟି ଗଠିତ

**ଭୁବନେଶ୍ୱର, ୯।୫ (ମହାଭାରତ) :** ପ୍ରଭୁ ଲିଙ୍ଗରାଜଙ୍କ ସ୍ୱବଲିପି ପାଇଁ ଆଜି ରାଜ୍ୟ ସରକାର ୨ ଜଣିଆ କମିଟି ଗଠନ କରିଛନ୍ତି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚେଧୁରୀଙ୍କୁ କମିଟିର ଅଧକ୍ଷ ନିଯୁକ୍ତ କରାଯାଇଥିବା ବେଳେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏହି କମିଟି ପ୍ରଭୁ ଲିଙ୍ଗରାଜଙ୍କ ସେବା ପୂଜା କରୁଥିବା ବିଭିନ୍ନ ନିଯୋଗଙ୍କ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର୍) ର ସମୀକ୍ଷା କରିବା ସହ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ପୂର୍ବରୁ ଆଇନ ମନ୍ତ୍ରୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିବା ବେଳେ ଆଜି ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଆଇନ୍-୧୯୫୨ ଅନୁସାରେ ଲକ୍ଷ୍ମଣ ପଣ୍ଡା ନାମକ ଜଣେ ଜିଲ୍ଲା ଜଜ୍ ପାହ୍ୟାର ଅଧିକାରୀ ପୁରୀ ଶ୍ରୀମନ୍ଦିରର ସ୍ୱତ୍ୱଲିପି ପ୍ରସ୍ତୁତ କରିଥିଲେ। ଏହାକୁ ୧୯୬୦ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା। ଅନ୍ୟପଟେ ପ୍ରଭୁ ଲିଙ୍ଗରାଜଙ୍କ ସେବା ପୂଜା କ'ଣ, କେଉଁ ସେବାୟତ କେଉଁ ସେବା ପୂଜା କରନ୍ତି, କେମିତି ହୁଏ ନୀତିକାନ୍ତି, ଏହାର କେଣସି ଲିଖିତ ନୀତିନିୟମ ନାହିଁ। ଏକାଦଶ ଶତାବ୍ଦୀର ପୁରାତନ ମନ୍ଦିର ହୋଇଥିଲେ ମଧ୍ୟ ଲିଙ୍ଗରାଜ ମନ୍ଦିରରେ ଶୃଙ୍ଖଳିତ ନୀତି ନିମନ୍ତେ ଏଯାଏ ସ୍ୱବଲିପି ପ୍ରସ୍ତୁତ କରାଯାଇନାହିଁ। ସ୍ୱବଲିପି ନଥିବାରୁ ସେବାୟତ ମାନଙ୍କ ମଧ୍ୟରେ ନୀତିକୁ ନେଇ ବାରମ୍ବାର ବିଭ୍ରାଟ ଦେଖାଦେଉଛି। ଗତ ସରକାରଙ୍କ ଖାମଖିଆଲ ପାଇଁ ୧୦ ବର୍ଷ ଭିତରେ ପ୍ରଭୁ ଲିଙ୍ଗରାଜଙ୍କ ଅନେକ ସେବା ପୂଜା ବନ୍ଦ ହୋଇଛି। କପିଳେଶ୍ୱରଙ୍କ ହାଣ୍ଡିଭଙ୍ଗା ଯାତ୍ରାରେ ପ୍ରଭୁ ଲିଙ୍ଗରାଜ ଯାଉନାହାନ୍ତି। ଲିଙ୍ଗରାଜଙ୍କ ୨୨ଦିନ ଚନ୍ଦନ ଯାତ୍ରା ଓ ଶୀଳତ ଷଷ୍ଠୀକୁ କପିଳେଶ୍ୱର ଆସୁନାହାନ୍ତି। ସେବାୟତଙ୍କ ବିବାଦ ପାଇଁ ଚଳିତ ବର୍ଷ ପ୍ରଭୁଙ୍କ ପଇତା ଲାଗି ନୀତି ଓ ମକର ସଂକ୍ରାନ୍ତି ନୀତି ବନ୍ଦ ହେଲା। ମକରମଣ୍ଡପରେ ଶୀତ କାକର, ଉପାସ ଭୋକରେ ରହିଲେ ପ୍ରଭୁ ଲିଙ୍ଗରାଜ। ଏହାପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସେବାପୂଜାର ସ୍ୱତ୍ୱଲିପି ପାଇଁ ଖୁବ୍ ଶୀଘ୍ର ଅବସରପ୍ରାପ୍ତ ହାଇକୋର୍ଟ ଜଜ୍‌ଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିବାକୁ କହିଥିଲେ।

## ସ୍କାଉଟ୍ସ ଓ ଗାଇଡ୍ସ ସଦସ୍ୟ ଭବିଷ୍ୟତର ମଶାଲ ବାହକ ହୁଅନ୍ତୁ : ରାଜ୍ୟପାଳ

**ଭୁବନେଶ୍ୱର,୯।୫(ମହାଭାରତ):** ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ସଦସ୍ୟମାନେ ଏକ ଉତ୍ତମ ଭବିଷ୍ୟତର ମଶାଲ ବାହକ ହୁଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୯ତାରିଖ ଦିନ ରାଜ ଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଦେଶ ପାଇଁ ବର୍ତ୍ତମାନ ସ୍କାଉଟ୍ସ ଓ ଗାଇଡ୍ସର ପୂର୍ବ ଅପେକ୍ଷା ଅଧିକ ସମର୍ପଣ, ଶୃଙ୍ଖଳା ଏବଂ ମୂଲ୍ୟବୋଧର ଆବଶ୍ୟକତା ରହିଛି। ସେବା, ଆତ୍ମ ନିର୍ଭରଶୀଳତା ଏବଂ ନୈତିକ ସାଧୁତା ମାଧ୍ୟମରେ ଦାୟିତ୍ୱସଂପନ୍ନ ନାଗରିକ ତିଆରି କରିବାରେ ସ୍କାଉଟ୍ସ ଓ ଗାଇଡ୍ସ ଆନ୍ଦୋଳନର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। 'ରାଜ୍ୟ ପୁରସ୍କାର' ଆପଣଙ୍କ ଯାତ୍ରାର ଶେଷ ନୁହେଁ, ଏହା ଏକ ମାଇଲଖୁଂଟ ବୋଲି ରାଜ୍ୟପାଳ କହିବା ସହିତ ଯୁବ ସଦସ୍ୟମାନେ ସେମାନଙ୍କ ସମସ୍ତ କାର୍ଯ୍ୟରେ ଦୟା, ସଚ୍ଚୋଟତା ଏବଂ ନେତୃତ୍ୱର ମୂଲ୍ୟବୋଧକୁ ଆଗକୁ ବଢ଼ାନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ମୁଖ୍ୟ ପୃଷ୍ଠପୋଷକ ଭାବରେ ରାଜ୍ୟପାଳ ସଂଗଠନର ସଫଳତା ଓ ରାଜ୍ୟର ଦୁର୍ଗମ ଅଂଚଳରେ ମଧ୍ୟ ଏହା ସକ୍ରିୟ ଉପସ୍ଥିତ ଜାହିର କରିଥିବାରୁ ଗର୍ବ ପ୍ରକାଶ କରିଥିଲେ। ଓଡିଶା ରାଜ୍ୟ ଶାଖା ଜାତୀୟସ୍ତରରେ ଅନେକ ଥର ପୁରସ୍କାର ହାସଲ କରିଥିବାରୁ ରାଜ୍ୟ ଶାଖାକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ କରୁଣା, ପ୍ରକୃତି ପ୍ରତି ସମ୍ମାନ, ଦଳଗତ କାର୍ଯ୍ୟ ଏବଂ ସେବା ଭଳି ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବାରେ ସ୍କାଉଟ୍ ମାଷ୍ଟର, ଗାଇଡ୍‌ର, ପ୍ରଶିକ୍ଷକ ଏବଂ ସ୍ୱେଚ୍ଛାସେବକଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ରାଜ୍ୟପାଳ ତାରିଫ୍ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ମାନ୍ୟବର ଫାର୍ଷ୍ଟ ଲେଡି ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ।




ଏହି ସମାରୋହରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବକ୍ତବ୍ୟ ପ୍ରଦାନ କରି ଶୃଙ୍ଖଳା ସୃଷ୍ଟି ସହ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେବାରେ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଭୂମିକା ସଂପର୍କରେ ଅବତାରଣା କରିଥିଲେ। ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରି ଶିକ୍ଷା ଓ ସଂସ୍କାର, ଦେଶ ପାଇଁ ସମର୍ପିତ ହୋଇ ସେବା ନିମନ୍ତେ ସ୍କାଉଟ୍ସ ଏବଂ ଗାଇଡ୍ସ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ସଦସ୍ୟମାନଙ୍କୁ ଆଠୋଟି ଭିନ୍ନ ଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା। ରାଜ୍ୟପାଳ କୃତୀ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସଂଗଠନର ଭବିଷ୍ୟତ ପ୍ରୟାସର ସଫଳତା କାମନା କରିଥିଲେ। ଏତଦ୍‌ବ୍ୟତୀତ ଏହି ସମାରୋହରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'ଉତ୍କଳ ଜ୍ୟୋତି' ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଅଜଣା ବ୍ୟାଗକୁ ନେଇ ଚାଞ୍ଚଲ୍ୟ

**ଭୁବନେଶ୍ୱର,୯।୫(ମହାଭାରତ) :** ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ଭିତରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର ବାହାରେ ଏକ ସନ୍ଦିଗ୍ଧ ବ୍ୟାଗ୍ କିଛି ସମୟ ପାଇଁ ଆଲୋଡ଼ନ ସୃଷ୍ଟି କରିଥିଲା। ଲଗେଜ ଟ୍ରଲିରେ ଥିବା ଏହି ବ୍ୟାଗକୁ ଯାଞ୍ଚ କରିଥିଲା ଡଗ୍ ଓ ବମ୍ ସ୍କ୍ୱାଡ୍। ଯାଞ୍ଚ ପରେ ସନ୍ଦିଗ୍ଧ ବ୍ୟାଗକୁ ଜବତ କରାଯାଇଥିଲା। ତେବେ ବ୍ୟାଗ କେମିତି କେଉଁଠୁ ଆସିଲା ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ଏହି ଘଟଣା ପରେ ଭୁବନେଶ୍ୱର ବିମାନ ବନ୍ଦର ଏବେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ଭିତରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର ବାହାରେ ଏକ ସନ୍ଦିଗ୍ଧ ବ୍ୟାଗ୍ କିଛି ସମୟ ପାଇଁ ଆଲୋଡ଼ନ ସୃଷ୍ଟି କରିଥିଲା। ଲଗେଜ ଟ୍ରଲିରେ ଥିବା ଏହି ବ୍ୟାଗକୁ ଯାଞ୍ଚ କରିଥିଲା ଡଗ୍ ଓ ବମ୍ ସ୍କ୍ୱାଡ୍ୟ ଯାଞ୍ଚ ପରେ ସନ୍ଦିଗ୍ଧ ବ୍ୟାଗକୁ ଜବତ କରାଯାଇଥିଲା।

## ପ୍ରଦେଶ କଂଗ୍ରେସ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର,୯।୫(ମହାଭାରତ):** ଆଜି ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପାକିସ୍ଥାନର ଆତଙ୍କବାଦକୁ ଦମନ କରିବା ପାଇଁ ବୀରତ୍ୱ, ଅସୀମ ସାହସ, ଅମାପଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିବା ଭାରତୀୟ ଯବାନ ମାନଙ୍କର ସମ୍ମାନର୍ଥେ ତ୍ରୀରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ରାମ ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଂଟିନ ଛକଠାରେ ସମାପନ ହୋଇଥିଲା। ସେଠାରେ ସେବାଦଳ ପକ୍ଷରୁ ଭାରତର ସ୍ଥଳ, ଜଳ ଓ ବାୟୁ ସେନାଙ୍କ ପ୍ରତି ସଲାମୀ କାର୍ଯ୍ୟକ୍ରମ ହୋଇଥିଲା। ତ୍ରୀରଙ୍ଗା ଯାତ୍ରାରେ କଂଗ୍ରେସକର୍ମୀ ମାନେ ଜାତୀୟ ପତାକା ଧରି "ଜୟହୀନ୍ଦ", "ଜୟଜବାନ" ସ୍ଲୋଗାନ ଦେଇ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶାତ୍ମକ ବୋଧକ ସଂଗୀତ ଡାକବାଜି ଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯାଇଥିଲା।



ଏହି ଅବସରରେ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଦାସ କହିଥିଲେ ଯେ ଭାରତର ବୀରଯବାନ ମାନେ ଆତଙ୍କବାଦୀ ରାଷ୍ଟ୍ର ପାକିସ୍ଥାନକୁ ଯେଉଁ କଡ଼ା ଜବାବଦେଇଛନ୍ତି ସେଥିପାଇଁ କଂଗ୍ରେସ ଦଳ, ଏହାର ନେତୃବୃନ୍ଦ ଓ କର୍ମୀମାନେ ଗର୍ବିତ। ଆତଙ୍କବାଦକୁ ଦମନ କରିବାପାଇଁ ଦେଶର ସେନାବାହିନୀ ସୁସଜ୍ଜିତ ଓ କର୍ତ୍ତବ୍ୟରତ ରହିଛନ୍ତି। ଏହି ମହାନ ସଂଗ୍ରାମରେ ସମସ୍ତ ଭାରତୀୟ ଏକତ୍ରୀତ ଏବଂ ଏକ ସ୍ୱରରେ ଆତଙ୍କବାଦ ବିରୁଦ୍ଧରେ ଲଢୁଛନ୍ତି। ସେନାବାହିନୀ ପଛରେ ଆମେ ଅଟଳ ରହିଛୁ। କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଏବଂ ଜନନାୟକ ରାହୁଲ ଗାନ୍ଧୀ ତଥା ଦେଶର ସମସ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଭାରତୀୟ ସେନାଙ୍କର ଅତୁଲ୍ୟ ଶକ୍ତି ପ୍ରଦର୍ଶନର ପ୍ରଶଂସା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏଆଇସିସି ପ୍ରଭାରୀଅଜୟ କୁମାର ଲଲ୍ଲୁ କହିଥିଲେ ଯେ ଆମର ଯବାନମାନେ ଦେଶର ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ସୀମାରେ ଲଢ଼େଇ କରୁଛନ୍ତି। ସେମାନଙ୍କର ତ୍ୟାଗ, ରାଷ୍ଟ୍ରଭକ୍ତି ଓ ଦେଶବାସୀଙ୍କ ପାଇଁ ଅଙ୍ଗୀକାରର ପଟ୍ଟାନ୍ତର ନାହିଁ। ଏହି କାର୍ଯ୍ୟକ୍ରମରେ ଏଆଇସିସିର ସହ ପ୍ରଭାରୀ ରୋଜାଲିନ ତିର୍କୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦହରିଚନ୍ଦନ, ଶରତ ରାଉତ,ଶ୍ରୀକାନ୍ତ ଜେନା, ତାରା ପ୍ରସାଦ ବାହିନୀପତି, ଜଗନ୍ନାଥପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ସମୀର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତପ୍ରସାଦ ସେଠୀ, ରମେଶ ଜେନା, ବିଶ୍ୱଜିତ ଦାଶ, ମହମ୍ମଦ ମୋକିମ, ରଞ୍ଜିତ ପାତ୍ର, ଉଦିତପ୍ରଧାନ, ଶୁଭେନ୍ଦୁ ମହାନ୍ତି, ଲଲାଟେନ୍ଦୁ ମହାପାତ୍ର, ନଗେନ୍ଦ୍ର ପ୍ରଧାନ, ରବି ମଲ୍ଲିକ,ନବଜ୍ୟୋତି ପଟ୍ଟନାୟକ, ସୁବ୍ରତ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ବିଭୁତି ମିଶ୍ର,ପ୍ରଫୁଲ୍ଲ ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱରଞ୍ଜନମହାନ୍ତି, ସୋଫିଆ ଫିର୍ଦୋସ, ପ୍ରଶାନ୍ତ ଚମ୍ପତି, ପ୍ରକାଶ ଜେନା, କିଶୋର ଜେନା,ଜିଆଉଲ ହକ, ଉମାବଲ୍ଲଭ ରଥ, ମହମ୍ମଦ ଇମଦାଦ, ଅମିୟ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଗ୍ରୀଷ୍ମ ପ୍ରବାହରେ ଚାଲୁଥିବା ସ୍କୁଲ ବିରୁଦ୍ଧରେ ନିଆଯିବ ଆକ୍ସନ

**ଭୁବନେଶ୍ୱର,୮।୫(ମହାଭାରତ):** ଗ୍ରୀଷ୍ମ ପ୍ରବାହ ଯୋଗୁ ସ୍କୁଲ ବନ୍ଦ ରଖିବାକୁ ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଯେଉଁ ସ୍କୁଲଗୁଡ଼ିକ ଚାଲୁ ରହିଛି ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଜାରି ଏକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ତାପମାତ୍ରା ପ୍ରତି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨୨ ଏପ୍ରିଲ୍ ୨୦୨୫ ଠାରୁ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରଖିବାକୁ ଘୋଷଣା କରିଥିଲେ। ତେବେ କିଛି ଶିକ୍ଷାନୁଷ୍ଠାନ ଏହି ନିର୍ଦ୍ଦେଶକୁ ଅଣଦେଖା କରି ସ୍କୁଲ ଖୋଲା ରଖିଛନ୍ତି। ଫଳରେ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ବିପଦରେ ପକାଇଛି।

ନିର୍ଦ୍ଦେଶାବଳୀ ଜାରି ହେବା ସତ୍ତ୍ୱେ, କିଛି ସ୍କୁଲ ଦ୍ୱାରା ଏହି ନିର୍ଦ୍ଦେଶାବଳୀର ଉଲ୍ଲଂଘନ ସମ୍ପର୍କରେ ସୂଚନା ବିଭାଗର ଦୃଷ୍ଟିକୁ ଆସିଛି। ତେଣୁ ଆପଣଙ୍କ ଜିଲ୍ଲାରେ ଉପରୋକ୍ତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି, ବୋଲି ଡିଇଓମାନଙ୍କୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।ବିଭାଗ ପକ୍ଷରୁ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ନିଜ ନିଜ ଅଞ୍ଚଳର ସ୍କୁଲଗୁଡ଼ିକ ଉପରେ କଡ଼ା ନଜର ରଖନ୍ତୁ ଏବଂ ବିନା ବ୍ୟତିକ୍ରମରେ ଗ୍ରୀଷ୍ମ ଛୁଟି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରନ୍ତୁ।

## ପଶ୍ଚିମ ଓଡିଶାର ରେଳ ଷ୍ଟେସନଗୁଡିକର ରୂପାନ୍ତରଣ

**ଭୁବନେଶ୍ୱର,୯।୫(ମହାଭାରତ):** ଅମୃତ ଷ୍ଟେସନ ଯୋଜନାର ଅଂଶରୂପ ପଶ୍ଚିମ ଓଡିଶାର ବିଭିନ୍ନ ରେଳ ଷ୍ଟେସନଗୁଡିକର ପୁନର୍ବିକାଶ କାର୍ଯ୍ୟ ହାତକୁ ନେଇଛି ଭାରତୀୟ ରେଳ ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡିକୁ ଆଧୁନିକ ସୁବିଧା ସହିତ ରୂପାନ୍ତରଣ କରିବା, ଯାହା ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅନୁଭବକୁ ଉନ୍ନତ କରିବା ସହିତ ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ।

ଏହି ପୁନର୍ବିକାଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ରୂପାନ୍ତରଣ ସହ ଢାଞ୍ଚାରେ ବିକାଶ, ସୁବିଧାର ଆଧୁନିକୀକରଣ ଓ ନିରବଚ୍ଛିନ୍ନ ଯାତ୍ରା ସଂଯୋଗ ସୁନିଶ୍ଚିତ କରିବା ଯାହା ଯାତ୍ରୀ ସୁବିଧା ଓ ବ୍ୟବସାୟିକ ବୃଦ୍ଧି ଉଭୟକୁ ପ୍ରୋତ୍ସାହିତ କରିବ ଓଡିଶାର ପଶ୍ଚିମ ଅଞ୍ଚଳର ଚୟନିତ ଷ୍ଟେସନର ଢାଞ୍ଚା, ପ୍ରଯୁକ୍ତି ଓ ଯାତ୍ରୀ ସେବା ରେ ବ୍ୟାପକ ରୂପାନ୍ତରଣ ଦେଖିବାକୁ ମିଳିବ। ଏହି ପଦକ୍ଷେପ ଭାରତୀୟ ରେଳକୁ ଆଧୁନିକ ବନାଇବା ପାଇଁ ଚାଲୁଥିବା ଅଭିଯାନ ସହ ସମନ୍ୱୟ ରଖିଛି ଓ ସମସ୍ତଙ୍କ ପାଇଁ ସୁବିଧାଜନକ ଏବଂ ବ୍ୟବହାରକାରୀ-ମିତ୍ରପୂର୍ଣ୍ଣ ଯାତ୍ରା ଅନୁଭବ ପ୍ରଦାନ କରିବ।

ରେଳ ଷ୍ଟେସନଗୁଡିକରେ ଆଧୁନିକ ମାନଦଣ୍ଡ ଅନୁଯାୟୀ ପ୍ଲାଟଫର୍ମ, ସୁନିୟୋଜିତ ଟିକେଟ୍ ବୁକିଂ ବ୍ୟବସ୍ଥା, ପ୍ରତୀକ୍ଷା କକ୍ଷ ଓ ବୃଦ୍ଧିପାଇଥିବା ସ୍ୱଚ୍ଛତା ମାନଦଣ୍ଡ ଉପଲବ୍ଧ ହେବ ଯାହା ଯାତ୍ରୀମାନଙ୍କ ପାଇଁ ସୁବିଧା ଓ ସାନ୍ତ୍ୱନା ସୁନିଶ୍ଚିତ କରିବ। ଅଧିକ ସହଜ ପ୍ରବେଶ ଓ ପ୍ରସ୍ଥାନ : ଏହି ପୁନର୍ବିକାଶରେ ଏସ୍କେଲେଟର୍, ଲିଫ୍ଟ ସହିତ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ ହେବ ଯାହା ବୃଦ୍ଧ, ଦିବ୍ୟାଙ୍ଗଜନ ଲୋକମାନେ ଓ ଶିଶୁସହିତ ପରିବାର













ସଦସ୍ୟ ମାନଙ୍କ ପାଇଁ ପ୍ରବେଶକୁ ଉପଯୁକ୍ତ ଓ ଅବିରାମ ସେବା ପ୍ରଦାନ କରିବ। ସୁସ୍ଥ ଓ ପରିବେଶ ଅନୁକୂଳ ଢାଞ୍ଚା : ଷ୍ଟେସନଗୁଡିକ ଗ୍ରୀନ୍ ବିଲ୍ଡିଂ ସିଦ୍ଧାନ୍ତ ଅନୁଯାୟୀ ଉନ୍ନତ ହେବ ଯେଉଁଥିରେ ନବୀକରଣ ଦ୍ୱାରା ରୂପାନ୍ତରଣ ସମାଧାନ, ଜଳ ସଞ୍ଚୟ ପ୍ରଣାଳୀ ଓ ବ୍ୟବସ୍ଥିତ ଅବଶିଷ୍ଟ ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ। ଏହା ଭାରତୀୟ ରେଳର ସ୍ଥାୟୀ ବିକାଶ ପ୍ରତି ପ୍ରତିଶୃତିବଦ୍ଧତାର ସ୍ପଷ୍ଟ ପ୍ରତିବିମ୍ବ ହେବ। ଷ୍ଟେସନ ପରିସର ମଧ୍ୟରେ ଶ୍ରେଷ୍ଠ ପରିଚାଳନ ଅଞ୍ଚଳ: ପୁନର୍ବିକାଶ ଦ୍ୱାରା ଷ୍ଟେସନ ପରିସର ରେ ଡ୍ରପ୍-ଅନ୍ ଓ ଡ୍ରପ୍-ଆଉଟ୍ ଲେନ୍ ସହିତ ପର୍ଯ୍ୟାପ୍ତ ପାର୍କିଂ ସ୍ଥଳ ବିକାଶ କରାଯିବ ଯାହା ପରିଚାଳନାଗତ ଗତିଶୀଳତାକୁ ସାଧନ କରିପାରିବ। ଆଧୁନିକ ଯାତ୍ରୀ ସୁବିଧା: ଡସ-ରସ, ଡିଜିଟାଲ୍ ଡିସ୍ପ୍ଲେ, ଉନ୍ନତ ସୁରକ୍ଷା ପ୍ରଣାଳୀ, ଉନ୍ନତ ଖାଦ୍ୟ ସେବା ଓ ଆଧୁନିକ ପ୍ରତିକ୍ଷା ହଲ୍ ସହିତ ଯାତ୍ରୀ ଅନୁଭବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ରୂପାନ୍ତରିତ କରିବ।

ଆଞ୍ଚଳିକ ଅର୍ଥନୈତିକ ବିକାଶ:ଏହି ପୁନର୍ବିକାଶ ପ୍ରକଳ୍ପ ଦ୍ୱାରା ପର୍ଯ୍ୟଟନକୁ ଉତ୍ସାହିତ କରି ଆଞ୍ଚଳିକ ସଂଯୋଗ ବୃଦ୍ଧି କରିବ ଓ ନିଯୋଗ ସୃଷ୍ଟି କରିବା ଦ୍ୱାରା ସ୍ଥାନୀୟ ଅର୍ଥନୈତିକ ଗତିଶୀଳତାକୁ ବରାନ୍ୱିତ କରାଯିବ।

ପଶ୍ଚିମ ଓଡିଶା ଅଞ୍ଚଳ, ଯାହା ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ବିବିଧ ପ୍ରାକୃତିକ ପରିଦୃଶ୍ୟରେ ପରିପୂର୍ଣ୍ଣ, ଏହି ଆଧୁନିକିକରଣରୁ ବିଶେଷ ଭାବରେ ଲାଭାନ୍ୱିତ ହେବ। ଏହି ପୁନର୍ବିକାଶ ପ୍ରୟାସର ଅନ୍ତର୍ଗତ ରେଳ ଷ୍ଟେସନଗୁଡିକ ହେଲେ - ରାଉରକେଲା, ବିମଳାଗଡ଼, ରାଜଗାଙ୍ଗପୁର, ପାନପୋଷ, ଝାରସୁଗୁଡା, ଝାରସୁଗୁଡା ରୋଡ଼, ବ୍ରଜରାଜନଗର, ବେଲପାହାଡ଼, ସମ୍ବଲପୁର, ସମ୍ବଲପୁର ସିଟି, ଖରିଆର ରୋଡ଼, ହିରାକୁଦ, କେସିଙ୍ଗା, ବରଗଡ଼ ରୋଡ଼, ବରପାଲି, ବଲାଙ୍ଗିର, ଟିଟିଲାଗଡ଼, କଣ୍ଟାବାଞ୍ଜି, ହରିଶଙ୍କର ରୋଡ଼, ଭବାନୀପାଟଣା, ହିମଗିର ଇତ୍ୟାଦି ।

ଭାରତୀୟ ରେଳ ଏହି ପ୍ରକଳ୍ପଗୁଡିକୁ ସମୟ ସୀମା ମଧ୍ୟରେ ସମାପ୍ତ କରିବାପାଇଁ ପ୍ରତିବଦ୍ଧ ଅଛି ଓ କାମ ଧାରାବାହିକ ବି ହବାରେ ପ୍ରାରମ୍ଭ କରାଯାଉଅଛି। ଏହି ପୁନର୍ବିକାଶ ଯୋଜନା ଆଗାମୀ କିଛି ବର୍ଷରେ ସଫଳ ଭାବେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି ।

## କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ

**କଟକ,୯।୫:** ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ ରେଡକ୍ରସ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସର୍ବଶିକ୍ଷା ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି । ପ୍ରକାଶ ଥାଉକି ସୁଇଜରଲାଣ୍ଡର ନାମିଦାମି ବ୍ୟବସାୟୀ, ଚିକିତ୍ସକ ତଥା ରେଡକ୍ରସ ପ୍ରତିଷ୍ଠାତା ସାର ଜନ ହେନେରୀ ଡୁନାଣ୍ଟଙ୍କ ଜନ୍ମଦିବସରେ ପ୍ରତ୍ୟେକ ବର୍ଷ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଅଛି ।ଆଜିର ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସ୍ ର ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରି କହିଲେ ଯେ, ଏହି ଆଦର୍ଶ ବ୍ୟବସ୍ଥାରେ ଅତି କମ ସମୟରେ ଅଭାବି ଲୋକଙ୍କୁ ଚିକିତ୍ସା ଆଦି ଆବଶ୍ୟକତା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ ।ଅନେକ ସମୟରେ ଲୋକଙ୍କ ପାଇଁ ଏହି ସହାୟତା ଜୀବନ ରକ୍ଷକ ପ୍ରମାଣିତ ହୋଇଥାଏ । ତେଣୁ ରେଡକ୍ରସ ପାଣ୍ଠିରେ ବୃଦ୍ଧି କରିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ । ଏହି ପାଣ୍ଠି ଯଥେଷ୍ଟ ବୃଦ୍ଧି ଘଟିଲେ ଆମେ ଗରିବ ଲୋକଙ୍କୁ ଆବଶ୍ୟକତା ଅନୁଯାୟୀ ସହାୟତା ଯୋଗାଇ ପାରିବା । ସଭାର ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ଜିଲ୍ଲା ରେଡକ୍ରସ ପାଣ୍ଠି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ରେଡକ୍ରସ ସଂଗଠନ ର ଇତିହାସ ଓ ଭାରତରେ ରେଡକ୍ରସ ସୋଶାଇଟ ର ସଂମୃଦ୍ଧି ଉପରେ ବିସ୍ତୃତ ବିବରଣୀ ରଖିବା ସହ ଚଳିତ ବର୍ଷ ବିଶ୍ ରେଡକ୍ରସ ଦିବସର ବିଷୟ ମାନବିକତାର ପକ୍ଷରେ ଉପରେ ଆଲୋକପାତ କରି କହିଥିଲେ ଯେ, କଟକ ଜିଲ୍ଲାରେ ଜିଲ୍ଲା ଶାଖା ସଭାପତି ତଥା ଜିଲ୍ଲାପାଳ ଶ୍ରୀ ଶିନ୍ଦେଙ୍କ ନେତୃତ୍ୱରେ ରେଡକ୍ରସ ର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଦର୍ଶାଇଥିଲେ ।ରେଡକ୍ରସ ର ପାଣ୍ଠି ବୃଦ୍ଧି ସହ ଏହାର ସଦୁପଯୋଗ ଉପରେ ଜିଲ୍ଲାପାଳଙ୍କ ବିଶେଷ ନିର୍ଦ୍ଦେଶ ଥିବା ସେ କହିଥିଲେ । ସଭାରେ ସ୍ୱାଗତ ଭାଷଣ ଦେଇ ଜିଲ୍ଲା ଜରୁରୀକାଳିନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ଶ୍ରୀ ସୁଜୟ ପତି କଟକ ଜିଲ୍ଲା ରେଡକ୍ରସ ସୋଶାଇଟିର ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ ଥିବା କଥା ଜଣାଇଥିଲେ।

# ଉଦ୍‌ବେଗଜନକ ସଂକେତ

ଏହା ଏକ ଉଦ୍‌ବେଗଜନକ ସଂକେତ ଯେ, ୟୁଟ୍ୟୁବ ଭିଡିଓ ଅପସାରଣ କ୍ଷେତ୍ରରେ ଆନ୍ତର୍ଜାତିକ ତାଲିକାରେ ଭାରତ ପୁଣି ଥରେ ଶୀର୍ଷରେ ରହିଛି। ବିଶ୍ୱବ୍ୟାପୀ ମୋଟ ୯.୪ ମିଲିଅନ ଭିଡିଓ ଗୁଗୁଲ ମାଲିକାନାଧୀନ କମ୍ପାନୀ ଦ୍ୱାରା ଗଲାବର୍ଷ ଅକ୍ଟୋବରରୁ ଡିସେମ୍ବର ମାସ ମାତ୍ର ୩ମାସ ମଧ୍ୟରେ ଅପସାରଣ କରାଯାଇଥିବାବେଳେ ସେଥିମଧ୍ୟରୁ ୩୦ପ୍ରତିଶତ ହେଉଛି ଭାରତଠାରୁ। ଏହା ସ୍ପଷ୍ଟ ଯେ, ଲୋକପ୍ରିୟ ଭିଡିଓ ସେୟାରିଂ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମର ଅପବ୍ୟବହାର ଭାରତରେ ଅପ୍ରତିହତ ଭାବେ ବଢିଚାଲିଛି। ୟୁଟ୍ୟୁବର ଗାଇଡଲାଇନ ଯୌନ-ଉଦ୍ଦିପକ ପ୍ରଦର୍ଶନ, ହିଂସାକୁ ଉତ୍ସାହିତ କରିବା, ନିର୍ଯ୍ୟାତନା, ସାଇବର ଅପରାଧ, ଘୃଣ୍ୟ ବୟାନ ଏବଂ ବିଭ୍ରାନ୍ତିକର ତଥ୍ୟକୁ ସମ୍ପୂର୍ଣ୍ଣ ବାରଣ କରିଥିଲେ ମଧ୍ୟ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସହାୟତାରେ ଏବେ ୯୬ ପ୍ରତିଶତର ଅଧିକ ଏହାର ନୀତି, କଟକଣା ଉଲଂଘନ ହେଉଥିବା ଲକ୍ଷ୍ୟ କରାଯାଏ। ତେବେ ଏବେ ଏସବୁ ନୀତିବିରୁଦ୍ଧ ଦୃଶ୍ୟାବଳୀ ବା ପ୍ରସାରଣକୁ ୟୁଟ୍ୟୁବ୍ ଅପସାରଣ ବା ପ୍ରତ୍ୟାହାର କରିନେବା ପୂର୍ବରୁ ବହୁ ସଂଖ୍ୟାରେ କମେଂଟ ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ନିକଟରେ ୟୁଟ୍ୟୁବର ରଣବୀର ଆଲାବାଦିଆ ଇଣ୍ଡିଆସ ଗଟ୍ ଟ୍ୟାଲେଂଟ' ଅନଲାଇନ ସୋ'ରେ ଦେଇଥିବା କେତେକ ଆପତିଜନକ ମନ୍ତବ୍ୟକୁ ଦେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ତାଙ୍କ ବିରୁଦ୍ଧରେ ମଧ୍ୟ ବହୁ ଥାନାର ଏଫଆଇଆର(ଏତଲା) ଦାୟର ହୋଇଥିଲା। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଭିଡିଓ ପ୍ରସାରଣକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ସୋସିଆଲ ମିଡିଆ ପାଇଁ ଆଇନ ଓ ଗାଇଡଲାଇନ ପ୍ରଣୟନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହା ନିସନ୍ଦେହ ଯେ, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ) ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଏତେ ମାତ୍ରାରେ ଜନଜୀବନ ସହ ଜଡିତ ହୋଇଯାଇଛି ଯେ, ଏହା ବ୍ୟତିରେକ ମାନବ ସମାଜର ଚଳଣି ଅସମ୍ଭବ ମନେହୁଏ। କିନ୍ତୁ ଏହାର ଅପବ୍ୟବହାର କିଛି କମ୍ ନୁହେଁ, ଗୁଜବ ପ୍ରଚାର ଠାରୁ ଆରମ୍ଭ କରି ଠକେଇ, ସାଇବର ଅପରାଧ ପର୍ଯ୍ୟନ୍ତ ବିଭିନ୍ନ ସମାଜ ବିରୋଧି କାର୍ଯ୍ୟ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏହା ନିସନ୍ଦେହ ଯେ, ବିଭ୍ରାନ୍ତକର ଏବଂ ଅପପ୍ରଚାର ସମାଜ ତଥା ଦେଶ ପାଇଁ ଏବେ ଗୁରୁ ଧମକ ସୃଷ୍ଟି କରିଛି। ଭାରତ ଏବେ ଏକ ପ୍ରମୁଖ ରିସ୍କ ନେଶନ ଭାବେ ଚିହ୍ନଟ ହୋଇଛି। କେଉଁମାନେ କ୍ଷତିକାରକ ଏବଂ ଆପତିଜନକ ଭିଡିଓ ଲୋଡ କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ। ଅବଶ୍ୟ ସରକାର ଏବଂ ୟୁଟ୍ୟୁବର ପରି ପ୍ଲାଟଫର୍ମର ମିଳିତ ସହଯୋଗ ଦୁର୍ବୃତ ବା ସମାଜ ବିରୋଧିଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇପାରିବ। ଏହା ସତ୍ୟ ଯେ, ସାମାଜିକ ଗଣମାଧ୍ୟମର ତ୍ୱରିତ ପ୍ରସାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବହୁ ସମସ୍ୟା ସହଜରେ ସମାଧାନ କରିବାରେ ସହାୟକ ହୋଇଛି। ମହିଳା ନିର୍ଯ୍ୟାତନା, ମହିଳା ହିଂସା ଘଟଣାରେ ତ୍ୱରିତ ଭିଡିଓ ଘୁରି ବୁଲିବା ଯୋଗୁଁ ପୋଲିସ ଅବିଳମ୍ବେ ଘଟଣା ସ୍ଥଳରେ ପହଁଚିବା ସହ ଅପରାଧିଙ୍କୁ କାବୁ କରିବାରେ ସହାୟକ ହୋଇଛି। ସେହିପରି ବର୍ଷ ବର୍ଷ ଧରି ସୁଧୁରି ନଥିବା ରାସ୍ତାର ଅବସ୍ଥା ରାତାରାତି ସମାଧାନ ହୋଇଯିବା ଦେଖାଯାଏ। ତେବେ ସାମାଜିକ ଗଣମାଧ୍ୟମର ସତ୍ -ବ୍ୟବହାର ଏକାନ୍ତ ଜରୁରୀ। ଏହା ଦ୍ୱାରା ବହୁ ଅନାଲୋଚିତ ଘଟଣା ଲୋକଲୋଚନକୁ ଆସିପାରିବ। କିନ୍ତୁ ଏହାର ଦୁରୁପଯୋଗ କେବଳ ସମାଜର କ୍ଷତି କରିବ ନାହିଁ, ସମାଜ ବିରୋଧି ଶକ୍ତିଙ୍କ ଉତ୍ସାହିତ କରିବାରେ ସହାୟକ। ଏଥିଲାଗି ସଚେତନତା ସହ ଜରୁରୀ ନିୟନ୍ତ୍ରଣ ଏବଂ ସଚେତନତା ଆବଶ୍ୟକ ରହିଛି। ସେହିପରି ୟୁଟ୍ୟୁବ୍ ମଧ୍ୟ ସଜାଗ ଏବଂ ସତର୍କ ରହିବା ଜରୁରୀ। ଭାରତ ମଧ୍ୟ ୟୁଟ୍ୟୁବର ବିଶୃଙ୍ଖଳାକାରୀଙ୍କୁ ନିୟନ୍ତ୍ରଣ ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ ହୋଇଛି।

# ଭାଇ ବେଶରେ ତ ଭଗାରିଏ : ବନ୍ଧୁ-ବନ୍ଧୁକ-ବର୍ତ୍ତେ କିଏ ?

**ମାୟାଧର ନାୟକ**

ମଣିଷ ଯେତେବେଳେ ଉନ୍ନତିର ପାହାଚ ପାହାଚ ଆଗକୁ ମାଡିଚାଲେ ସେତେବେଳେ ମଧ୍ୟ ଶତ୍ରୁମାନେ କେବେ ହରାଇପାରନ୍ତିନାହିଁ । ମଣିଷ ଯଦି ହାରେ - ନିଜ ଲୋକଙ୍କ ପାଇଁ । ଗୋଟିଏ ସୁଗ୍ରିବ ମିଳିଲେ ବାଳି ବଦ୍ଧ । ଗୋଟିଏ ବିଭୀଷଣ ମିଳିଲେ ରାବଣ ବଦ୍ଧ । ଗୋଟିଏ ଭଣଜା କୃଷ୍ଣ ମିଳିଲେ କଂସ ବଦ୍ଧ - କୌରବକୂଳ ନିପାତ । ଗୋଟିଏ ବନ୍ଧୁ ମିଳିଲେ ଯୁଦ୍ଧ ଶେଷ । ବନ୍ଧୁ ବେଶରେ ଅବନ୍ଧୁ ମିଳିଲେ ନିଜେ ନିପାତ । ମୁଁ ବନ୍ଧୁତ୍ୱକୁ ନିନ୍ଦା କରୁନି, କିନ୍ତୁ ନିନ୍ଦା କରୁଛି – ବନ୍ଧୁବେଶୀ ସେହି ଭୟଙ୍କର ଶତ୍ରୁକୁ ଲଜ୍ୟା ଦେଉଥିବା ଚଂଚକଚରିତ୍ରମାନଙ୍କୁ ।

ବନ୍ଧୁ ସହଜରେ ମିଳନ୍ତି ନାହିଁ । ପଟୁଆରରେ ମାଳମାଳ ମଣିଷ ମିଳନ୍ତି – ବାହାଘର ଭୋଜିଭାତରେ ନିମନ୍ତ୍ରଣର କାହିଁ କେତେଗୁଣ ବର୍ଦ୍ଧିତ ସଂଖ୍ୟାର ଖାଦ୍ୟପ୍ରେମିକ ମିଳନ୍ତି ଏବଂ ଜୁଆଖେଳରେ ବସିପଡିଲେ ବି ଜୁଟିଯାଆନ୍ତି - ଅଜଣାଅଚିହ୍ନା କାହିଁ କେତେଦୂରର ବାଟୋଇ, ହେଲେ ଜୀବନର ଶୂନ୍‌ଶାନ୍ ସଂକଟ ସମୟରେ ତଥାକଥିତ ବନ୍ଧୁଏ ଆଉ ଚିହ୍ନିପାରନ୍ତିନାହିଁ । ଉପରେ ଅନାଇଥାଏ, ଆଁ କରା ଆକାଶ, ଆଉ ତଳେ ମାଟି ଭିତରୁ ଯେତେବେଳେ ଅନୁଭୂତ ହେଉଥାଏ - ଆସନ୍ନ ଭୂମିକମ୍ପ - ସେତେବେଳେ ଯୋଉ ଦୁଆରେ ଛିଡାହେଲେ ବି ଆଖିଆଗେ ଝୁଲୁଥାଏ ମସ୍ତବଡ କୋଳପ ।

ବେଳେବେଳେ ଭାଇ, ବନ୍ଧୁ ଅତ୍ୟନ୍ତ ବିଶ୍ୱାସୀ ବେଶରେ ଭଗାରୀ ସାଜି ବନ୍ଧୁକ ଧରି ଆମ ସାମ୍ନାରେ ଠିଆ ହୋଇଯାଆନ୍ତି । ତାଙ୍କ କବଳରୁ ବର୍ତ୍ତେ କିଏ ? ଯୀଶୁଖ୍ରୀଷ୍ଟଙ୍କୁ ଲୋଭରେ ପଡି ତାଙ୍କରି ଶିଷ୍ୟମାନେ କ୍ରୁଶବିଦ୍ଧ କରିଥିଲେ । ଜୁଲିଅସ୍ ସିଜରଙ୍କୁ ତାଙ୍କର ଅତ୍ୟନ୍ତ ପ୍ରିୟ ବ୍ରୁଟାସ୍ ଛୁରିକାଘାତ କରିଥିଲେ । ମହାତ୍ମାଗାନ୍ଧୀଙ୍କୁ ନାଥୁରାମ ଗଡ୍‌ସେ ଗୁଳିବିଦ୍ଧ କରିଥିଲେ । ନେତାଜୀ ସୁଭାଷବୋଷଙ୍କୁ ଷଡଯନ୍ତ୍ର କରି ସେ ଆସୁଥିବା ବିମାନକୁ ଜାଳିଦେଇଥିଲେ । ଇନ୍ଦିରାଗାନ୍ଧୀଙ୍କୁ ଘେରିରହିଥିବା ସ୍ୱିକ୍ୟୁରିଟି ହତ୍ୟାକରିଥିଲେ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟ ଲଳିତାଙ୍କୁ ତାଙ୍କ ବାନ୍ଧବୀ ଶଶିକଳା କ୍ଷମତାମୋହରେ ଦୂରେଇ ଦେଇଥିଲେ । ଏହିଭଳି ସମଗ୍ର ବିଶ୍ୱରେ ହଜାର ହଜାର ଘଟଣା ଘଟିଯାଇଛି । ଏ ଧରାପୃଷ୍ଠରେ ଯେଉଁ ସବୁ ଜୀବନ ଜନ୍ମନିଏ ତା'ର ମୃତ୍ୟୁ ଅବଶ୍ୟମ୍ଭାବୀ। ଜନ୍ମମୃତ୍ୟୁର ମଧ୍ୟବର୍ତ୍ତୀ ସମୟରେ ଆମେ ଠକିଠକି ନୟାନ୍ତ। ଅଶାନ୍ତି, ଅସନ୍ତୋଷ, ହତାଶା, କ୍ରୋଧ, ଆଶା, ଆକାଂକ୍ଷାରେ ଆମ ଦିନ କଟୁଛି। ସମାଜରେ ଆମେ ଆମ ଦାୟିତ୍ୱ ପାଳନ କରୁନାହାଁନ୍ତି। ଯେଉଁ ସମାଜ ପାଇଁ ଆମେ ତିଷ୍ଠି ରହିଛେ - ତା' ପ୍ରତି ଆମର କର୍ତବ୍ୟ ନାହିଁ। ସମାଜ ଭାସିଗଲା କେତେ ରହିଲା କେତେ ସେଥିପ୍ରତି ଆମର ନଜର ନାହିଁ। କେବଳ ଆମ ସ୍ୱାର୍ଥ ପୂରଣ ହେଲା କି ନାହିଁ – ଆମର ସବୁଠୁ ବଡ଼ ଚିନ୍ତା।

ସମାଜ ସୃଷ୍ଟି ହେଲା ଦିନଠୁ, ସାମାଜିକ ବ୍ୟବସ୍ଥା ଅହରହ ପରିବର୍ତନ ହେବାରେ ଲାଗିଛି। କେବଳ ଜଣେ ଚାହିଁଲେ ସମାଜ ପରିବର୍ତନ ହୁଏନା – ଏଥିପାଇଁ ପୂରା ସମାଜର ଲୋକେ ଯେତେବେଳେ ଚାହିଁବେ – ପରିବର୍ତନ ହେବାକୁ ବାଧ୍ୟ। ସାମାଜିକ ବ୍ୟବସ୍ଥାର ପରିବର୍ତନ ପାଇଁ କେଉଁଠି ଶହଶହ ବର୍ଷ ଏପରିକି ହଜାରହଜାର ବର୍ଷ ଲାଗିଯାଏ। ଆମେ ପଛକୁ ନଯାଇ ଏବକାର ସାମାଜିକ ବ୍ୟବସ୍ଥା କଥା ଚିନ୍ତା କଲେ ଜାଣିପାରିବା ଯେ – ସାମ୍ପ୍ରତିକ ସମାଜ ବ୍ୟବସ୍ଥା ଏକ ପଚାପୂତିଗନ୍ଧମୟ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ବଦଳାଇବାକୁ ହେଲେ ଦୁଇ ଭୟଙ୍କର ଶକ୍ତି ବିରୋଧରେ ତୁମୁଳ ସଂଘର୍ଷ କରିବାକୁ ହେବ। ଏଥିପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱବୋଧ ରହିଛି। ଆମେ ସବୁ ଭଲ ଆଶା କରିବା, କିନ୍ତୁ ଭଲ ପାଇଁ କିଛି କରିବା ନାହିଁ। ଏଭଳି ହେଲେ ଏ ସାମାଜିକ ବ୍ୟବସ୍ଥା ପରିବର୍ତନ ପାଇଁ ଆଉ କେତେ ବର୍ଷ ଲାଗିବ କହି ହେବନି।

ଆମେ ଆମ ସଂସାର-ପରିବାରରେ ମଧ୍ୟ ଦାୟିତ୍ୱ ନିଭାଇ ପାରୁନେ। ପରିବାରର ଛୋଟବଡ଼ ସବୁ ସଦସ୍ୟ ଆମେ ଆଗେ ଆତ୍ମସ୍ୱାର୍ଥକୁ ବଡ଼ କରି ଦେଖୁଛେ। ପରିବାର ପାଇଁ ଯାହାକିଛି କରୁଛେ - ବାଧ୍ୟବାଧକତାରେ। ଯେଉଁ ପୁଅଝିଅଙ୍କୁ ଏତେ କଷ୍ଟକରି ବଡ଼ କଲେ - ସେମାନେ ବାପ ମା'ଙ୍କୁ ଭୁଲି ନିଜ ସ୍ୱାର୍ଥରେ ମାତିଲେ। ଅବଶ୍ୟ ହଜାରେକେ ଗୋଟାଏ ଦି'ଟା ନିଆରା। ପରିବାରରେ ରକ୍ତର ସମ୍ପର୍କ ଥିଲେ ବି ଆମେ ତୋ'ର, ମୋ'ର ନୀତି ଅବଲମ୍ବନ କରୁଛେ। ଯାହା ଫଳରେ ସଂସାର ଓ ସାଂସାରିକ ଜୀବନ ଭାଙ୍ଗି ଚୂରମାର ହେଇଯାଉଛି। ଆମେ ସବୁ ବସ୍ତୁବାଦୀ। ଆମର ସମ୍ପର୍କ ବସ୍ତୁକୁ ନେଇ। ଆମେ ସବୁବେଳେ ଲାଭ ପଛରେ ଗୋଡ଼ାଇ ଗୋଡ଼ାଇ ହତାଶପଙ୍କରେ ପଡ଼ିଛେ। ଆମ ଆଖିରେ ଲାଭ କଥା ବିଚାର କରି ଶୂଳିରେ ମଲେ ଲାଭ କି ଫାଶୀରେ ମଲେ ଲାଭ – ଚିନ୍ତା କରୁଛେ। ପୂର୍ବଭଳି ମଣିଷ ମଣିଷ ଭିତରେ ସମ୍ପର୍କର ସେତୁ ଭାଙ୍ଗିଗଲାଣି। ଏବକାର ସମ୍ପର୍କ ସମ୍ପୂର୍ଣ୍ଣ ସ୍ୱାର୍ଥରେ ଭରପୂର। ଏ ସମ୍ପର୍କ କାଳଜୟୀ ନୁହେଁ। ସମ୍ପର୍କରେ ମଧ୍ୟ ଆମେ ଠକୁଛେ।

ଆଉ ବନ୍ଧୁତ୍ୱ! ଆଜି ଯେ ବନ୍ଧୁ କାଲି ସେ ଶତ୍ରୁ ପାଲଟିଯାଉଛି। କ୍ଷମତା-ଅର୍ଥ-ସ୍ୱାର୍ଥ-ମୋହ-ମାୟାରେ ଆମେ ବନ୍ଧୁଙ୍କୁ ବି ଛୁରା ମାରିବାରେ ପଛଉନାହିଁ। ଆଜିବି ଶହ ଶହ ଜୁଲିଅସ୍ ସିଜର - ବ୍ରୁଟାଶ୍ ଏ ସମାଜରେ ଘୂରି ବୁଲୁଛନ୍ତି। ରକ୍ତର ସମ୍ପର୍କ ନ ଥିଲେ ବି ବନ୍ଧୁତ୍ୱ ଭଳି ପବିତ୍ର ଶବ୍ଦକୁ ଆମେ ଅବମାନନା କରୁଛୁ। ଝଗଡା ପରେ ଯିଏ ପ୍ରଥମେ କଥା ହୁଏ – ସେଇ ବନ୍ଧୁ ହିଁ ସଂପର୍କର ମୂଲ୍ୟ ବୁଝିଥାଏ । ବନ୍ଧୁ ପାଇଁ ବନ୍ଧୁ ଜୀବନ ଦେବା ଭଳି ଉଦାହରଣ କ୍ୱଚିତ୍ ମିଳେ।

ଆମେ ସବୁ ପୁଅ ହେଉ କି ଝିଅ ହେଉ – ଫଟାରସିକ, ରସିକିଆଣୀ। ଆମେ ପ୍ରେମରେ ବି ଠକିବାରେ ପାରଙ୍ଗମ। ପ୍ରେମ କରିବା ଜଣକୁ, ବିଭାହେବା ଅନ୍ୟ ଜଣକୁ। ଏଭଳି ବିଫଳ ପ୍ରେମରେ ଉଭୟେ କ୍ଷତିଗ୍ରସ୍ତ। ଜୀବନସାରା ହତାଶ। ଆଜିକାଲି ଶାଶ୍ୱତ ପ୍ରେମ ଖୁବ୍ କମ୍ ଦେଖାଯାଏ। ଆମେ ଅଧିକାଂଶ ସମୟରେ ସୌନ୍ଦର୍ଯ୍ୟ, ଧନ ସମ୍ପତି, ବଂଶ ପରମ୍ପରାକୁ ଅଗ୍ରାଧିକାର ଦେଉ। ଯାହା ଫଳରେ ଦୁଇଟି ଅମେଳ ମନକୁ ଜବରଦସ୍ତ ମିଳାଯାଏ। ଫଳରେ ସାଂସାରିକ ଜୀବନ ଏପରିକି ଯୌନଜୀବନ ମଧ୍ୟ ସଫଳ ହୁଏନା। ଯିଏ କହିବ – ମୁଁ ପ୍ରେମରେ କାହାକୁ ଠକିନି, ତାକୁ କି ଉପାଧି ଦେବାକଥା ଆପଣମାନେ ଦିଅନ୍ତୁ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହିଥିଲେ – "ଯିଏ ପାପ କରେ ସେ ପାପୀ, ଯେଉଁମାନେ ଜାଣତରେ ହେଉ କିମ୍ବା ଅଜାଣତରେ ପାପକୁ ସମର୍ଥନ କରନ୍ତି କିମ୍ବା ସହ୍ୟ କରନ୍ତି – ସେମାନେ ମହାପାପୀ।" ଆମେସବୁ କେହି ପାପୀ ନୁହଁନ୍ତି – ଜଣେ ଜଣେ ମହାପାପୀ। ଆମେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଠକି ଚାଲିଛୁ। ଆମେ କେଉଁଥିରେ ନ ଠକିଛେ – ପ୍ରେମରେ, ବନ୍ଧୁତ୍ୱରେ, ସମ୍ପର୍କରେ, ସଂସାରରେ, ସମାଜରେ ସବୁଥିରେ ଠକିଛୁ। ଏବେ ଦୁର୍ନୀତି, ଭ୍ରଷ୍ଟାଚାର ସମଗ୍ର ବିଶ୍ୱକୁ ଗ୍ରାସ କରିଯାଇଛି। କିଏ କେଉଁଭଳି ଦୁର୍ନୀତି, ଭ୍ରଷ୍ଟାଚାର, ଲୁଟ୍‌ତରାଜରେ ଲିପ୍ତ, ତାହା କେବଳ ୧୦୦ ଭାଗ ତାକୁ ହିଁ ଜଣା। ଯାହାବି ପ୍ରକାଶ ପାଉଛି ସେ ସବୁ ଅର୍ଦ୍ଧସତ୍ୟ।

ଆସନ୍ତୁ – ଆମେ କେବଳ ଆମ ଦେଶ କଥା ବିଚାର କରିବା। ଦେଶ ଭିତରେ ଆମ ରାଜ୍ୟ ଓଡ଼ିଶା। ୧୯୪୭ ମସିହା ଦେଶ ସ୍ୱାଧୀନ ହେଲା ଦିନଠୁଁ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଦୁର୍ନୀତିର ହିସାବଫର୍ଦ୍ଦରେ ଆଖି ବୁଲାଇଲେ କି ଶୁଣିଲେ ଅବଶ୍ୟ ମୁଣ୍ଡ ଚକ୍କର ଖାଇଯିବ। ଯେଉଁମାନେ ରାଜକୋଷ ଲୁଟ୍ କରି ମରିଗଲେ, ସେମାନେ ତାଙ୍କ ପରିବାର ପାଇଁ ଲୁଟ୍ ମାଲ ରଖିଯାଇଛନ୍ତି। ସେମାନେ ଭୋଗ କରୁଛନ୍ତି। ସେଥିରେ ଦେଶର ଭାଗ ନାହିଁ। ପୁଣି ଆମେ ଏତେ ଅଭାଗା, ସେଇ ରାଜକୋଷ ଲୁଟେରାମାନଙ୍କ ପ୍ରତିମୂର୍ତି ଗଢ଼ି ତାଙ୍କ ଜନ୍ମ କିମ୍ବା ଶ୍ରାଦ୍ଧଦିବସରେ ଫୁଲମାଳ ଦେଇ ଜୟଗାନ କରୁଛେ। ସେଇ ପରିବାର ଲୋକଙ୍କୁ ଭୋଟ୍ ଦେଇ ପୁଣି ଶାସନକ୍ଷମତାର ଡୋରି ଛାଡ଼ିଦେଉଛେ। ଏ ମହାପାପର କେବେ ପ୍ରାୟଶ୍ଚିତ କରିବା କେଜାଣି! ଆମେ ଯୁକ୍ତି କରୁଛେ – ପେଟପାଟଣା ପାଇଁ ବଂଚିବା ପାଇଁ ପାପୀଙ୍କୁ ମୁଣ୍ଡିଆ ମାରିବାକୁ ବାଧ୍ୟ ହେଉଛେ। କିଏ ଆମକୁ ବଂଚିବାକୁ ବାଧ୍ୟ କରୁଛି କି ? ମଣିଷ ଜୀବନଟା ଏତେ ସ୍ୱାର୍ଥପର – ମଲା ବେଳକୁ ଆଉ ଟିକେ ବଂଚନ୍ତି କି ବୋଲି ଡହଳବିକଳ ହୁଏ।ମୋର କହିବାର କଥା – ଆମେ ସବୁ, ପ୍ରେମରେ, ବନ୍ଧୁତ୍ୱରେ, ସମ୍ପର୍କରେ, ସଂସାରରେ, ସର୍ବୋପରି ସମାଜରେ ଠକିଚାଲିଛେ। ଏସବୁ ଠକାମି ଯେ ପୂରାପୂରି ବନ୍ଦ ହୋଇଯିବ – ସେକଥା ମୁଁ ହଲପ କରି କହୁନି। ଠକାମିକୁ ଟିକେ ନିମ୍ନମୁଖୀ କରିଦେଲେ – ଆହାଃ! ଜୀବନଟା କି ଆନନ୍ଦମୟ ହୋଇଯାଆନ୍ତା!

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ବବନାଭୂତ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଶ୍ରୀକ୍ଷେତ୍ର ଜଗନ୍ନା ଧମାରେ ଏକ ଭୂତ ପୂଜାପାଏ, ଏକଥା କେମିତି କେମିତି ଲାଗୁଛି। ହେଲେ ଏ ଭୂତ କାହିଁ କେତେକାଳରୁ ରାଜ ପ୍ରତାପରୁଦ୍ରଙ୍କ ବେଳୁ ଅସ୍ଥାନ ଜମାଇଁ ପୂଜା ପାଉଛି। ଭୂତଗଣରେ ବେତାଳ, ପିଶାଚ, କୁଷ୍ମାଣ୍ଡ, ବ୍ରହ୍ମରାକ୍ଷସ ଆଦି ବର୍ଗୀକରଣରେ ଆସନ୍ତି। ଭୈରବ, ଯୋଗିନୀ ଏପରି ଶକ୍ତି ଅଛନ୍ତି ଡାକିନୀ, ଶାକିନୀ, ପୂତନା ଏହି ତାଲିକା ଅନ୍ତର୍ଭୁକ୍ତ। ଅସୁର ରାକ୍ଷସ ନାମ ଲୋକରେ ଏବେ ବି ଶୁଣାଯାଉଛି ଶ୍ରୀଚଣ୍ଡୀରେ ଏପରି ମନ୍ତ୍ର ଅଛି ଯହିଁରେ ଏ ଶକ୍ତିକୁ ପ୍ରଶମିତ କରାଯାଏ। ହନୁମାନ ଚାଳିଶା ବଜ୍ରଂଗବାଣରେ ଏହାକୁ ଶାନ୍ତି କରାଯାଇପାରେ। ଏମିତି ଦେବଦେବୀଙ୍କ କବଚରେ ଏସବୁ ଶାନ୍ତି ପାଇଁ ମନ୍ତ୍ରରେ ବର୍ଣ୍ଣନା ଅଛି। ଅପରାଜିତ ମାଳା ମନ୍ତ୍ରରେ ଶାନ୍ତିଭାବ ଦମନର ପ୍ରକ୍ରିୟା ଅଛି। ହେଲେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ପ୍ରଭୁ ବଡ଼ଦାଣ୍ଡରେ ଲୀଳାରେ ରହି ଗୁଣ୍ଡିଚାବାଡ଼ିରେ ରହିବା ଯେଉଁ ନଅ ଦିନ ଧାର୍ଯ୍ୟ ଅଛି, ଏହି ନଅ ଦିନ ବାଦ ବର୍ଷର ଅନ୍ୟଦିନ ଗୁଡ଼ିକ ଠାକୁରଙ୍କର ଏଇ ବାର୍ଷିକ ଗସ୍ତ କାଳ ବଙ୍ଗଳା ବାଡ଼ୀକୁ ଏକ ଅଦୃଶ୍ୟ ଶକ୍ତି ଉପରେ ପଶିବା କାର୍ଯ୍ୟ ନ୍ୟସ୍ତ ଅଛି। ଏହାର ନାମ ବାବନାଭୂତ। ଏଇ ଭୂତ ଏକ ଭୟ ବାତାବରଣ ସୃଷ୍ଟି କରିବା କାରଣରୁ ଲୁଚି ଛପି ନିଶାଚରୀ ଚୋର ମାନଙ୍କର କାର୍ଯ୍ୟର ଏ ବାଧକ ସାଜିଥାନ୍ତି।

ପ୍ରଭୁଙ୍କ ରଥଯାତ୍ରାର ଶେଷ ଦିନ ବେଳକୁ ଯେଉଁ ଅଧରପଣା ଲୀଳା ଅଛି, ଏହି ପଣା ଭାଣ୍ଡ ଗୁଡ଼ିକ ଠାକୁରଙ୍କ ମୁଖ ଅଧର ପର୍ଯ୍ୟନ୍ତ ଉଚ୍ଚତାରେ କୁମ୍ଭକାର ଗଢ଼ି ପଣା ନୈବେଦ୍ୟ ପାଇଁ ଯୋଗାଇଥାନ୍ତି। ମୃତ୍ତିକାର ଭାଣ୍ଡ ଗୁଡ଼ିକର ପ୍ରଭୁଙ୍କର ଭୋଗ ନୈବେଦ୍ୟ ମନ୍ଦିରରେ ସର୍ବଦା ଲାଗୁଛି। ହେଲେ ଅଧରପଣାର ଏହି ଦୁର୍ଲଭ ପ୍ରସାଦ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ରଥଯାତ୍ରାରେ ସମସ୍ତ ଅଦୃଶ୍ୟ ଭୂତ ଶକ୍ତି ପାଇଁ ଏହି ପଣା ହାଣ୍ଡିକୁ ପିଟି ଭାଙ୍ଗି ଦିଆଯାଏ। ପଣା ସବୁ ଢ଼ାଳି ଦିଆଯାଏ। ଯାହା ଭୂତଗଣ ଅର୍ପଣରେ ଏହା ଉଦ୍ଦିଷ୍ଟ। ପୂର୍ବେ ହଇଜା, ବସନ୍ତରୋଗରେ ବିଭିନ୍ନ ପୂଜା ପାର୍ବଣରେ ପଣା ଏମିତି ତ୍ରିଛକି ରାସ୍ତାରେ ଅର୍ପଣ କରାଯାଏ। ମୃତାହ କାର୍ଯ୍ୟରେ ଛକ ମୁଣ୍ଡରେ ଅଣହଳଦୀଆ ତେଲ ବିହୀନ ବ୍ୟଞ୍ଜନ ଓ ଅନ୍ନର ଗୃହଜନ ଭୋଜନ ଅନ୍ନ ଅଂଶର ହାଣ୍ଡି ଦିଆଯାଉଛି। ପ୍ରକୃତରେ ଏସବୁ ଭୌତିକ ବଳୀ ବା ଭୂତବଳୀ।

ଫସଲ କ୍ଷେତ୍ରରେ ଏକ ହାଣ୍ଡିକୁ ଚିତ୍ରିତ କରି ଏକ ଦଣ୍ଡ ଉପରେ ସ୍ଥାପନ କରି ପୋତାଯାଇଥାଏ। ଏ ବି ଫସଲ କ୍ଷେତ୍ର ରକ୍ଷକ ତାକୁ ବି ବାବନାଭୂତ କୁହାଯାଏ। ଏହା ସହିତ ଶିଶୁମାନେ ଜନ୍ମ ଠାରୁ ବାର ବର୍ଷ ଯାଏ ଏକ ଭୂତ ଯାହା ଏକ୍ଷବ ଭୂତାଣୁ ଆକ୍ରମିତ ରୋଗରେ ଗଣତି ହେଉଛନ୍ତି। ଏହାକୁ ପୁତନା କୁହାଯାଏ। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ଏ ପୁତନାର ନାମ ଜଡ଼ିତ। ଦିନ-ମାସ-ବର୍ଷରେ ଏକରୁ ବାର ବର୍ଷ ମଧ୍ୟରେ ଏପରି ବାର ପ୍ରକାର ପୁତନା ଆକ୍ରମଣ କରନ୍ତି। ଏସବୁର ଶାନ୍ତି ପ୍ରଭୁଙ୍କ କ୍ଷେତ୍ର ଅଧରପଣା କାର୍ଯ୍ୟ ହିଁ ସମ୍ପୂର୍ଣ୍ଣ ଶାନ୍ତି ପାଇଁ ଉଦ୍ଦିଷ୍ଟ। ପୂର୍ବେ ଶିଶୁ ଜନ୍ମ ପୂର୍ବରୁ ପରେ ବାପ-ମାଆମାନେ କ୍ଷେତ୍ର ଗମନ କରି ପ୍ରଭୁଙ୍କୁ ଦର୍ଶନ କରି ଲୀଳା ଭାଗୀ ହେଉଥିଲେ ବର୍ତ୍ତମାନ ଏସବୁକୁ ହେୟଜ୍ଞାନ କରାଯାଉଛି। ଯେଉଁ ଗୁରୁମାନେ ପୂର୍ବେ ଶିଷ୍ୟ କରୁଥିଲେ ତାକୁ ଲୀଳା କ୍ଷେତ୍ରକୁ ଯିବାକୁ ପ୍ରଭାବିତ କରୁଥିଲେ। ଯାହାକୁ ଏବେ ଦିଅଁ ତାଙ୍କର ଆଶ୍ରମରେ ଅଛନ୍ତି ଏମିତି କହି କ୍ଷେତ୍ରପ୍ରତି ବିମୁଖ କରାଯାଉଛି ବା ଲୋକଙ୍କୁ ସମୟ ଓ ଅର୍ଥ କମ କରି ଦିଆଯାଉଛି ଯାହା କ୍ଷେତ୍ର ଦର୍ଶନ ହେଲା ହୋଇଯାଉଛି। ଶିଶୁରୋଗ ଚିନ୍ତା ଏବେ ବହୁ ଦମ୍ପତିଙ୍କର ହେଉଛି। ଗୃହରେ ଠିକ ପିତୃ ଶ୍ରାଦ୍ଧାଦିକର୍ମ କରାଯାଉଛି। ଠକିବା ଉତକୋଚ ନେବା ଘରକୁ ଭୟ ଦେଖାଇବା, ଏସବୁ ପିଶାଚିକାଣ୍ଡ ଲୋକେ ଆପଣେଇ ଏପରି ପିଶାଚିଶକ୍ତି ହାବୁଡ଼ରେ ପଡ଼ିବା ଦିଗ ଖୋଲୁଛନ୍ତି। ବାବନାଭୂତ ଜାଗ୍ରତ ହୋଇ ତାର ସ୍ଥାନକୁ ଯଶୋବନ୍ତ ବାସ ପଞ୍ଚସଖାଙ୍କର ଅନ୍ୟତମ ଏହା ତାଙ୍କର ପଦଯାତ୍ରାରେ ଡାକି ଗ୍ରାମ ଅଡ଼ଙ୍ଗରୁ ଶ୍ରୀକ୍ଷେତ୍ରକୁ ଆସିଲା ବେଳ ପଥରେ ପଥଚାରୀଙ୍କୁ ବଟି ଆଦାୟ ଲୁଟ କରିବା ବ୍ରହ୍ମରାକ୍ଷସ (ଯେଉଁମାନେ ଭାଇ ପୁଅ, ବାପା ଆଦି ସମ୍ବୋଧନରେ ତରଳନ୍ତି ନାହିଁ) ଅନୁନୟ ବିନୟ କାକୁତି ମିନତୀରେ ବଦଳନ୍ତି ନାହିଁ। ସେହିପରି ଏକ ବ୍ୟକ୍ତିକୁ ଯଶୋବନ୍ତ ଦାସ ତାଙ୍କର ଲୀଳାରେ ପ୍ରଭାବିତ କରି ତାଙ୍କ ସହିତ ଶ୍ରୀକ୍ଷେତ୍ରକୁ ନେଇ ଚାଲିଲେ ଶେଷରେ ସେହି ଗୁଣ୍ଡିଚାବତୀରେ ଠାକୁରଙ୍କର ସର୍ବଦର୍ଶନ କାଳରେ ଦର୍ଶନ ବ୍ରହ୍ମରାକ୍ଷସଟିକୁ ଦର୍ଶନ କରାଇ ତାପରେ ସେହି ବ୍ରହ୍ମରାକ୍ଷସଟି ଶେଷରେ ସେ ଗୁଣ୍ଡିଚାବତୀରେ ଜୀବନ୍ତରେ ଥିଲା, ମୃତ୍ୟୁ ପରେ ହିଁ ବାବନାଭୂତରେ ସେହିଠାରେ ରହି ପ୍ରଭୁଲୀଳାରେ ସାଙ୍ଗ ହୋଇ ନିତ୍ୟ ଶ୍ରୀ ପ୍ରସାଦ ପାଇ ଜଗୁଆଳୀ ଅଛି। ଏହାକୁ ସେ ସ୍ଥାନର ଜଗୁଆଳୀ ରାଜା ପ୍ରତାପରୁଦ୍ର ଦେବ ହିଁ ଆଜ୍ଞାକରି କରାଇ ଅଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩

# ପ୍ୟାରୀମୋହନ ଆଚାର୍ଯ୍ୟ

**ଡକ୍ଟର ତପନ କୁମାର ପାଳ**

ପ୍ୟାରୀମୋହନ ଜଣେ ଐତିହାସିକ ଓ ସମ୍ପାଦକ ଥିଲେ। ୧୮୫୧ ମସିହା ମଇ ୮ ତାରିଖରେ ଏକ ବଙ୍ଗୀୟ ବ୍ରାହ୍ମଣ ପରିବାରରେ କଟକ ଜିଲ୍ଲା କୁଆଁପାଳ ନିକଟବର୍ତ୍ତୀ ପଶୁଲୁଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୨୦ବର୍ଷ ବୟସରୁ ସେ ମଧୁସୂଦନ ରାଓ ଗୋବିନ୍ଦ ରଥଙ୍କ ସହ ମିଶି ଓଡ଼ିଆ ଭାଷାରେ ଉତ୍କଳପୁତ୍ର ନାମକ ସମ୍ବାଦପତ୍ରର ଆରମ୍ଭ କରିଥିଲେ। ସେ ଏହି ସମ୍ବାଦପତ୍ରର ପ୍ରକାଶକ ଓ ସମ୍ପାଦକ ଥିଲେ। ସେଥିରେ ସେ ଜୋତାର ଦରଖାସ୍ତ ନାମକ ଲେଖାଟିଏ ପ୍ରକାଶ କରିଥିଲେ। ଏହାର ପ୍ରତ୍ୟେକ୍ଷ ଅର୍ଥ ହେଲା ଯେ ତତ୍‌କାଳୀନ କଟକ ନଗର ପରିଚାଳନା ଅଧିକାରୀ ନଗରକୁ ନିର୍ମଳ ରଖିବାରେ ଅସମର୍ଥ ଅଟନ୍ତି। ଏହାଦ୍ୱାରା ସେ ମାଜିଷ୍ଟରେଟଙ୍କ କ୍ରୋଧର ଶିକାର ହେଲେ। ମାଜିଷ୍ଟ୍ରେଟ ତାଙ୍କୁ ସ୍କୁଲରୁ ବହିଷ୍କାର କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେ ମାଜିଷ୍ଟରେଟଙ୍କୁ ଭୁଲ ନମାଗି କମିଶନର ସାହେବଙ୍କୁ ଭେଟିବା ଲାଗି ବାହାରି ପଡ଼ିଲେ। ଏହାପରେ ସେ ଏକ ପ୍ରାଇଭେଟ ସ୍କୁଲ ପ୍ରତିଷ୍ଠା କରିଥିଲେ। ସ୍କୁଲଟି ଏବେ ପ୍ୟାରିମୋହନ ଏକାଡ଼େମୀ ନାମରେ ମଧ୍ୟ ଜଣାଶୁଣା। ତତ୍କାଳୀନ ସମୟରେ ଉତ୍କଳର ଇତିହାସ କାହାକୁ ଏତେ ଜଣାନଥିଲା ଓ ଓଡ଼ିଆ ଭାଷା ଏକ ଗଭୀର ସନ୍ଧୀକ୍ଷଣ ଭିତରେ ରହିଥିଲା। ସବୁଠାରୁ ବଡ଼କଥା ହେଉଛି ଓଡ଼ିଆ ଭାଷାକୁ ନେଇ ସେ ସମୟରେ ଏକ ଭାଷା ଆନ୍ଦୋଳନ ଅତ୍ୟନ୍ତ ତୀବ୍ର ହୋଇଥିଲା। ତେଣୁ ସେ ଉତ୍କଳର ଇତିହାସକୁ ନେଇ ବହୁ ଗ୍ରନ୍ଥ, ପୁରାତନ ରାଜକୀୟ ନଥି ଓ ମାଦଳା ପାଞ୍ଜି ଆଦି ଗବେଷଣା କରି ଗୋଟିଏ ଓଡ଼ିଆ ଇତିହାସ ସଂକଳନ କରିଥିଲେ। ନିଜ ମାତୃଭୂମି ପ୍ରତି ତାଙ୍କର ଖୁବ୍ ପ୍ରେମ ଥିଲା। ୧୮୮୧ ମସିହାରେ ସେ ମୃତ୍ୟୁବରଣ କରିଥିଲେ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ପରମ ଶାନ୍ତି କେଉଁଠି ?

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଶାନ୍ତି ଏକ ଦିବ୍ୟବସ୍ତୁ। ଶାନ୍ତି ହେଉଛି ଆତ୍ମାର ଗୋଟିଏ ବିଭବ। ଲୋଭୀ ଲୋକ ନିକଟରେ ଶାନ୍ତି ରହେନାହିଁ। ଶାନ୍ତି ଅବସ୍ଥାନ କରେ ସେମାନଙ୍କ ନିକଟରେ, ଯେଉଁମାନଙ୍କର ହୃଦୟ ପବିତ୍ର। ଶାନ୍ତି କାମୁକ ମାନଙ୍କୁ ପରିତ୍ୟାଗ କରେ; ସ୍ୱାର୍ଥପର ମାନଙ୍କୁ ଉପେକ୍ଷା କରେ। ଶାନ୍ତି ହେଉଛି ପରମହଂସଙ୍କର ଏକ ଭୂଷଣ। ସଂସାରରେ ପୂର୍ଣ୍ଣ ଶାନ୍ତି, ସଂପୂର୍ଣ୍ଣ ବ୍ୟାଘାତଶୂନ୍ୟ ନିଶ୍ଚିତ ଅବସ୍ଥା ମିଳିପାରିବ ନାହିଁ, କାରଣ ସଂସାର ହେଉଛି ଏକ ଆପେକ୍ଷିକ କ୍ଷେତ୍ର। ଏଠାରେ ପ୍ରତ୍ୟେକ ବିଷୟ ଦେଶ, କାଳ ଓ କାରଣ ଅଧୀନ; ପ୍ରତ୍ୟେକ ବସ୍ତୁ ଭଙ୍ଗୁର। ତା'ହେଲେ ପୂର୍ଣ୍ଣ ଶାନ୍ତି, ପୂର୍ଣ୍ଣ ନିରାପତ୍ତା ମିଳିବ କେଉଁଠି ? ତାହା ଆପଣ ପାଇବେ କେବଳ ପରମାତ୍ମାଙ୍କ ଠାରେ। ସେ ହେଉଛନ୍ତି ଶାନ୍ତିର ଆଧାର। ଦେ ଦେଶ, କାଳ ଓ କାରଣର ଅତୀତ। ଯଥାର୍ଥ ଗଭୀର ଶାନ୍ତି ବାହ୍ୟ ପରିବେଶ ଉପରେ ନିର୍ଭର କରେନାହିଁ। ଅନ୍ତର୍ନିବାସୀ ଆତ୍ମାଙ୍କର ପରମସ୍ଥିରତା ହିଁ ପ୍ରକୃତ ପରମଶାନ୍ତି। ଆପଣ ଯଦି ସେହି ଶାନ୍ତିର ସାଗରରେ ନିବାସ କରିପାରିବେ, ତେବେ ବାହ୍ୟ ଜଗତରେ ଚାଲୁଥିବା ହଟଗୋଳର ପ୍ରଭାବ ଆପଣଙ୍କୁ ସ୍ପର୍ଶ କରିପାରିବ ନାହିଁ।

ଶ୍ରୀ ଶ୍ରୀ ଠାକୁର ନିଜ ତରଫରୁ କହିଲେ - ସର୍ବଦା ସ୍ମରଣ ରଖି ଚାଲିବାକୁ ହୁଏ - 'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମ ଚେତସା, ନିରାଶୀର୍ନିର୍ମୋମ ଭୂତ୍ୱା ଯୁଦ୍ଧ୍ୟସ୍ୱ ବିଗତଜ୍ୱରଃ'। ପରମେଶ୍ୱରଙ୍କ ପାଇଁ ଭୃତ୍ୟବିତ କର୍ମ ଏହି ବୁଦ୍ଧି ଦ୍ୱାରା ମୋ ଠାରେ ସମସ୍ତ କର୍ମ ସମର୍ପଣ କରି ଫଳାଭିସନ୍ଧି ରହିତ, ମମତ୍ୱହୀନ ଶୋକଶୂନ୍ୟ ହୋଇ ତୁମେ ଯୁଦ୍ଧ କର। ଜଣେ ପ୍ରଶ୍ନ କଲେ - ଜଡ଼ କ'ଣ ? ଶ୍ରୀ ଶ୍ରୀ ଠାକୁର - ମୋର ପିଲା, ମୋର ସ୍ତ୍ରୀ, ମୋର ଭାଇ, ମୋର ମା', ମୋର ଟଙ୍କା-ପଇସା, ମୋର ଘରବାଡ଼ି, ମୋର ଲାଭ - ଲୋକସାନ, ଏହି ଭାବରେ ମୋର ଆତ୍ମ କେନ୍ଦ୍ରିକ ଭାବ ନେଇ ମତ୍ତ ରହିବା ହିଁ ଜଡ଼ ଅବସ୍ଥାରେ ରହିବା। ଭାବିବାକୁ ହୁଏ, ମୁଁ ଓ ମୋର ଯାହା କିଛି ସବୁ ହିଁ ପରମପିତାଙ୍କର ଅଟେ। ତାଙ୍କରି ସେବା ପାଇଁ ହିଁ ଯାହାକିଛି ଅଛି ତାଙ୍କ ପାଇଁ ବା ପରିବେଶ ପାଇଁ କିଛି କରିପାରିଲେ, ସେହି ସୁଯୋଗ ପାଇଥିବା ଯୋଗୁଁ ବିନମ୍ର ଓ କୃତଜ୍ଞ ରହିବାକୁ ହୁଏ। କୌଣସି ପ୍ରତ୍ୟାଶା ରଖିବା ଉଚିତ ନୁହେଁ। କୌଣସି ଅହଂକାର କରିବା ଠିକ ନୁହେଁ। ତାଙ୍କୁ ତୃପ୍ତ ଓ ପ୍ରୀତି କରିବା ହିଁ ଆମ୍ଭ ମାନଙ୍କର ପରମ ସ୍ୱାର୍ଥ। ଏହି ଭାବରେ ଚଳି ପାରିଲେ ହିଁ ପରମ ଶାନ୍ତି ଆସିଥାଏ। (ଆ:ପ୍ର: ୧୫/୨୭.୧.୧୯୪୯)।

ଶାନ୍ତି ହେଉଛି ବ୍ରହ୍ମାଣ୍ଡର ଶ୍ରେଷ୍ଠତମ ସମ୍ପଦ। ବିକାଶ ନିମନ୍ତେ ଶାନ୍ତି ଏକାନ୍ତ ଆବଶ୍ୟକ; ଶାନ୍ତି ବିନା କୌଣସି ଉନ୍ନତି, କୌଣସି ବିକାଶ ଅସମ୍ଭବ। ରାତ୍ରିର ଶାନ୍ତନିସ୍ତବ୍ଧ ବାତାବରଣରେ ମୃତ୍ତିକା ତଳେ ବୀଜର ଅଙ୍କୁରୋଦଗମ ହୁଏ। ଶାନ୍ତିନିରବ ଗଭୀର ରଜନୀରେ ହିଁ କଳିକା ପ୍ରସ୍ଫୁଟିତ ହୁଏ ପୃଷ୍ଟରେ। ମନୁଷ୍ୟ ସମାଜ ସେହି ଶାନ୍ତିର ଅପେକ୍ଷାରେ ରହିଥାଏ; ମନୁଷ୍ୟ ସଂସ୍କୃତିର ଉନ୍ନତି ଘଟେ ଶାନ୍ତି, ଶ୍ରଦ୍ଧା ଓ ପ୍ରେମର ବାତାବରଣରେ; ପରିପୂର୍ଣ୍ଣତା ପଥରେ ସଭ୍ୟତାର ବିକାଶ ଘଟେ ସେତେବେଳେ, ଯେତେବେଳେ, ଲୋକ ସମାଜରେ ବିରାଜମାନ କରେ ଶାନ୍ତି ଓ ସୌହାର୍ଦ୍ଦ୍ୟ। ଆଧ୍ୟାତ୍ମିକ ବିବର୍ତ୍ତନ ମଧ୍ୟ ସମ୍ଭବ ହୁଏ ଶାନ୍ତି ଓ ସୁସ୍ଥିରଚିତ୍ତତାରେ।

ଆପଣଙ୍କ ପାଇଁ ଅନ୍ୟ କେହି ଶାନ୍ତି ଆଣି ଦେଇପାରିବେ ନାହିଁ; ଆଣିପାରିବେ କେବଳ ଆପଣ ନିଜେ, କେବଳ ନିଜ ଉପରେ ବିଜୟ ଲାଭ କଲେ ହିଁ, କେବଳ ଇନ୍ଦ୍ରିୟ ଓ ମନ, କାମନା ଓ ଲାଳସା ଉପରେ ବିଜୟ ଲାଭ କଲେ ହିଁ ଆପଣ ଶାନ୍ତି ପାଇପାରିବେ। ଅନ୍ୟ କୌଣସି ଉପାୟରେ ଶାନ୍ତି ପାଇବେ ନାହିଁ। ନିଜ ଅନ୍ତରରେ ଯଦି ଶାନ୍ତି ନାହିଁ, ତେବେ ବାହ୍ୟ ବସ୍ତୁରେ, ବାହ୍ୟ ଜଗତରେ ଶାନ୍ତି ଖୋଜି ବୁଲିବା ବୃଥା ପ୍ରୟାସ ମାତ୍ର। ଗଠନମୂଳକ ଶାନ୍ତି, ସ୍ଥାୟୀ ଶାନ୍ତି କେବଳ ଈଶ୍ୱରୋପାସନାରୁ ଲାଭ କରାଯାଇପାରେ। ଈଶ୍ୱରଙ୍କୁ ପରିତ୍ୟାଗ କରିଦେଲେ, ଶାନ୍ତି ମିଳିବ ନାହିଁ। ଈଶ୍ୱର ହିଁ ଶାନ୍ତି। ସେହି ପରମ ଶାନ୍ତିର ନିଧାନ ଈଶ୍ୱରଙ୍କ ମପାଦରେ ଲାଗିଯାଆନ୍ତୁ। ଆପଣ ଶାନ୍ତି ବିକିରଣ କରିବାକୁ ସମର୍ଥ ହୋଇଯିବେ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## କଟୁରିଆ-ଠାକୁରମୁଣ୍ଡା ଘାଟିରାସ୍ତା କାମ ଅଧାପନ୍ତରିଆ

କପ୍ତିପଦା, (ମହାଭାରତ): କପ୍ତିପଦା -ଶରତ ବଜାର ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଅଟକିଛି, ଯାତ୍ରୀ ଅନ୍ତସନ୍ତ: ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡୁଛନ୍ତି ଶରତ ଅଂଚଳବାସୀ ଲାବଣ୍ୟଦେଇପୁର ପଂଚାୟତ ଅଧୀନ କଟୁରିଆ ଛକରୁ ଶରତ ବଜାର ଦେଇ ନୋଟ ଛକ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶରତ ବଜାର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଏବଂ ଚିପ୍ସ ଫିଲିଙ୍ଗ ପାଇଁ ଖୋଳା ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ରାସ୍ତା ଉପରେ ମଧ୍ୟ ଗୁଣ୍ଡ ଚିପ୍ସ ପଡ଼ି ଥିବାରୁ ରାସ୍ତାରେ ଗାଡ଼ି ଚଲାଇବା ମଧ୍ୟ ସମ୍ଭବ ହୋଇ ପାରୁ ନାହିଁ । ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା । ଏହି ରାସ୍ତା କାମଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ମୟୁରଭଞ୍ଜ(ବାରିପଦା)ଙ୍କ ଅଧିନରେ ଆସୁଅଛି । ପ୍ରକଳ୍ପର ସଫଳ ରୂପାୟନ ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଶରତ ଅଂଚଳର ଜନ ସାଧାରଣ । ତେବେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି କାର୍ଯ୍ୟକୁ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

## ଏ୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲାରେ ଚଳିତ ଶିକ୍ଷାବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଏ୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସଚିନ ପାୱାର୍ ପ୍ରକାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ପବିତ୍ର ମୋହନ ସାହୁ, ହେମସାଗର ମହାନନ୍ଦ ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢୀ ଏ୧ ଗ୍ରେଡ୍‌ରେ ଉତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ସଭାରେ ତେରଟି ବ୍ଲକରୁ ଆସିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଖିଗୁଡ଼ାର ଆଠ ଜଣ ଛାତ୍ରଛାତ୍ରୀ ଶ୍ରୀୟାଂସୀ ସାହୁ,ଅନ୍ୱେଷ କୁମାର ଠାକୁର,ଭବାନୀ ଶଙ୍କର ନାଗ,ରାହୁଲ ବଣିଆ, ତନିଶାରାଣୀ ରଥ, ପ୍ରଗତିକା ପଟ୍ଟନାୟକ, କମଳେନ୍ଦ୍ର ନାଏକ, ଶୁବାଶିଷ ଗୋପାଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପାଟଣାର ଅଙ୍କିତା ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜୁନାଗଡ଼ର ଅଂଶୁମାନ କଟା, ସ୍ମୃତିପ୍ରଜ୍ଞା ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜପୁରର ପ୍ରଣତି ମଶ୍ରା ଓ ଜିଜ୍ଞାସୁ ଶବର, ଚିଚେଇଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ରିତିକ୍ କୁମାର ମେହେର, ପଂଚାୟତ ହାଇସ୍କୁଲ, ମେଦିନୀପୁରର ଭୂପେଶ ନାଏକ, ପୋଲିସ ହାଇସ୍କୁଲ ଭବାନୀପାଟଣାର ଝିଲି ସାହୁ, ଶ୍ରୀ ଶ୍ରୀ ଧବଳେଶ୍ୱର ଉଚ୍ଚ ବିଦ୍ୟାପୀଠ, ଦେପୁରର ଆୟୁଷ କୁମାର ସା ଓ ପ୍ରିୟଙ୍କା ସାହୁ ଏବଂ ଜନତା ହାଇସ୍କୁଲ, କଣ୍ଟପଡାର ଦୁଷ୍ମନ୍ତ ରଣାଙ୍କୁ ଜିଲ୍ଲାପାଳ ଟ୍ରଫି ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସୋମନାଥ ସାହୁ, ବିରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଶ୍ରଦ୍ଧାଞ୍ଜଳି ଦାଶ, ନିହାରିକା ପଣ୍ଡା, ଲିପିକା ଅପରାଜିତା, ସୌମେନ୍ଦ୍ରନାଥ ପଟ୍ଟନାୟକ ତଥା ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଇ୧ ପାଇଥିବା ବିଦ୍ୟାର୍ଥୀଙ୍କ ପ୍ରଧାନ ଶିକ୍ଷକ ତଥା ଅଭିଭାବକ ଅଭିଭାବିକା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନର ଏଭଳି ଛାତ୍ରଛାତ୍ରୀ ଅନୁକୂଳ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ସରାଟ ସେବା ସମବାୟ ଓ ଆମ ଓଡିଶା ଆନୁକୂଲ୍ୟରେରେ ରକ୍ତଦାନ ଶିବିର

ବାଲିପାଟଣା, (ମହାଭାରତ) : ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବାଲିପାଟଣା ବ୍ଲକ ସରାଟ ସେବା ସମବାୟ ସମିତି ଓ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଖୋର୍ଦ୍ଧା ଜିଲ୍ଲା ସମବାୟ ଭୁବନେଶ୍ୱର ସର୍କଲ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ତହସିଲଦାର କଳ୍ପନା ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଫିସର ଡାକ୍ତର ଶ୍ରୀକାନ୍ତ ବେହେରା, ସହକାରୀ ନିବନ୍ଧକ ଭୁବନେଶ୍ୱର ମଣ୍ଡଳ ର ବରିଷ୍ଠ ଅଧିକାରୀ ପ୍ରିୟ ବ୍ରତ ପଣ୍ଡା, ଲଳିତ ବିଶ୍ୱାଳ, ସରାଟ ସମବାୟ ସମିତି ସଭାପତି ତଥା ଅବସର ପ୍ରାପ୍ତ ଅଧ୍ୟାପକ ଭାରତ ଭୁଷଣ ମହାନ୍ତି, ଖୋର୍ଦ୍ଧା ସମବାୟ ବ୍ୟାଙ୍କ ବାଲିପାଟଣା ଶାଖା ପରିଚାଳକ ଶକ୍ତି ଜେନା, ସି ଇ ଓ ଦିବ୍ୟ ରଞ୍ଜନ ପ୍ରଧାନ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ପୂର୍ବତନ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ । ସମବାୟ ସମିତି ଗୋଦାମ ଗୃହରେ ଆୟୋଜିତ ଶିବିର ରେ ୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ସମବାୟ ସଭା ର ଆୟୋଜନ କରାଯାଇଥିଲା । ବୋର୍ଡ ମେମ୍ବର ସଂଗ୍ରାମ କୃଷ୍ଣ ଦାସ, ମାନସ କୁମାର ପଣ୍ଡା, ଅମୁଲ୍ୟ ପ୍ରଧାନ, ଦିନବନ୍ଧୁ ରାଉତରାୟ, ପ୍ରସନ୍ନ ସ୍ୱାଇଁ, ବାବୁଲି ମଲ୍ଲିକ, ବାବୁ ଲାଲ ନାୟକ, ବୀଣାପାଣି ସ୍ୱାଇଁ, କ୍ରିଷ୍ଣା ମହାପାତ୍ର, ସତ୍ୟଜିତ ରାୟ, ଉମାକାନ୍ତ ସାହାଣୀ, ବିଶ୍ୱ ରଞ୍ଜନ ଭୋଇ, ଅବକାଶ ସ୍ୱାଇଁ, ବାସୁଦେବ ଜେନା, ସୁକାନ୍ତ କୁମାର ଦାଶ, ବଳରାମ ପରିଡା, କମଳା କାନ୍ତ ମହାନ୍ତି, ଜୟନ୍ତ ଓଝା, କୃଷ୍ଣ ଚନ୍ଦ୍ର ରାୟ, ସମବାୟ ସମିତି ସମ୍ପାଦକ ସୁଶୀଲ କୁମାର ପଣ୍ଡା, ଚିନ୍ମୟ ମହାନ୍ତି , ସୁରେନ୍ଦ୍ର ବେହେରା, ବିକ୍ରମ ମହାନ୍ତି, ଶିବ ପ୍ରସାଦ ଜେନା, ରବୀନ୍ଦ୍ର ଜେନା, ଧରଣୀ ଧର ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ । ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ଏବଂ ସମ୍ବାଦ ପ୍ରତିନିଧି ବସନ୍ତ କୁମାର ଦାଶ ଶିବିର ପରିଚାଳନା କରିଥିଲେ ।

## ରେଡକ୍ରସ୍ ଦିବସ ପାଳିତ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : ଜିଲ୍ଲାପାଳ କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ରେଡକ୍ରସ୍ ପତାକା ଉତୋଳନ କରିବା ସହ ରେଡକ୍ରସ୍ ର ଶପଥ ପାଠ କରାଇଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକକ୍ତ ଜିଲ୍ଲାପାଳ ବୈତୁରା ଦୀପ, ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ମୂଖ୍ୟ ଚିକିତ୍ସାଧିକାରୀ ଡ଼ା.ମୀନତି ଦାସ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ଶିକ୍ଷାବିତ ଅଜୟ କୁମାର ମିଶ୍ର,ମୂଖ୍ୟ ବକ୍ତା ଭାବେ ଡ଼. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ସମାଜ କଲ୍ୟାଣ ଦିଗରେ ରେଡକ୍ରସ୍ ର ମହନୀୟ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାଜ୍ୟପାଳ ପୁରସ୍କାର ପାଇଥିବା ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଷି ଓ ସୁଧିର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କାଳିମେଳାରେ ବିଡ଼ିଓଙ୍କ ମନୋମୁଖୀ କାର୍ଯ୍ୟକୁ ବିରୋଧ




ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର ବିଡ଼ିଓ ପ୍ରଦୀପ କୁମାର କରଙ୍କ ମନୋମୁଖୀ କାର୍ଯ୍ୟକୁ ବିରୋଧ କରି ୧୨ ଘଂଟିଆ ବନ୍ଦ ଡାକରା ସହିତ ବ୍ଲକରେ ଅଣ୍ଡା ମାଡ଼ ମାରିଲେ ଏବଂ ଗେଟରେ ତାଲା ପକାଇଲେ ୨୩ ଗୋଟି ପଂଚାୟତ ର ସରପଂଚ, ସମିତି ସଭ୍ୟ ଓ ଲୋକେ । କାଳିମେଳା ଟାଉନ ସହ ଦୋକାନ,ବଜାର ସମସ୍ତ ବନ୍ଦ ରହିଲା । ଗତ ମାସ ୯ ତାରିଖ ଦିନ କାଳିମେଳା ବ୍ଲକ ଅଧକ୍ଷା ସହ ୨୩ ଗୋଟି ପଂଚାୟତର ନିର୍ବାଚିତ ପ୍ରତିନିଧି ମାନେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କୁ କାଳିମେଳା ବିଡିଓ ପ୍ରଦୀପ କୁମାର କରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବଦଳି ପାଇଁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । କୌଣସି ପଦକ୍ଷେପ ନହେବାରୁ ଆଜି ୧୨ ଘଂଟିଆ ବନ୍ଦ ଡାକରା ଦେଇଥିଲେ । ଦୀର୍ଘ ଏକ ବର୍ଷ କାଳ ପରେ କାଳିମେଳା ଗୋଷ୍ଠୀ ଉନୟନ ଅଧିକାରୀ ଶ୍ରୀ କର କାଳିମେଳା ପଂଚାୟତ ସମିତି ସଭା କକ୍ଷରେ ଗତ ଏପ୍ରିଲ ମାସ ୨୩ ତାରିଖ ଏକ ସମିତି ବୈଠକ ଡକାଇ ଥିଲେ ଯେଉଁ ବୈଠକରେ କାଳିମେଳା ବ୍ଲକ ର ବ୍ଲକ ଅଧକ୍ଷା ସମେତ କାଳିମେଳା ବ୍ଲକ ଅଧୀନ ୨୩ ଗୋଟି ଗ୍ରାମ ପଂଚାୟତ ର ସରପଂଚ, ସମିତି ସଭ୍ୟ, ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ମାନେ ଆସି ସଭାଗୃହରେ ଉପସ୍ଥିତ ହୋଇଥିଲେ କିନ୍ତୁ ସମିତି ବୈଠକ ଆରମ୍ଭ କରିବାକୁ ଯେତେବେଳେ କାଳିମେଳା ଗୋଷ୍ଠି ଉନ୍ନୟନ ଅଧିକାରୀ ଯାଉଥିଲେ ସେହି ସମୟରେ ଗୋଷ୍ଠି ଉନ୍ନୟନ ଅଧିକାରୀ ବୈଠକ ଆରମ୍ଭ କରିବା ପାଇଁ ଆଲୋଚନା କରିବା ମାତ୍ରକେ ସମସ୍ତେ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଉପରେ ତାଙ୍କ ମୋନମୁଖୀ କାର୍ଯ୍ୟକଳାପ ନେଇ ପାଟିତୁଣ୍ଡ କରିବା ସହିତ ଦୀର୍ଘ ଏକ ବର୍ଷ କାଳ ଭିତରେ କାହିଁକି ବୈଠକ କରି ନାହାନ୍ତି ବୋଲି ପଚାରିବା ସହିତ ବୈଠକ ବର୍ଜନ କରି ସଭା ଗୃହରୁ ପଦା କୁ ବାହାରି ପଳେଇ ଆସିଥିଲେ । ପ୍ରତି ଦି ମାସରେ ଜେଇ (ହର) ମାନଙ୍କୁ ବଦଳି ମନୋଇଛା କରିବ୍ୱା ଏବଂ କୌଣସି ଉନତିମୂଳକ କାମ ଗୁଡିକୁ ଠିକ ରେ ନ କରାଉ ଥିବା ଭଳି ସଂଗୀନ ଅଭିଯୋଗ କରିଥିଲେ ଏବଂ ଜନପ୍ରତିନିଧି ମାନଙ୍କୁ କିଛି ନ ଜଣାଇ ମନୋଇଛା କାମ ନିଜ ମନ ମର୍ଜୀରେ କରୁଥିବା ଅଭିଯୋଗ ଆଣିଥିଲେ ।ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ କରଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରିଥିଲେ ଯଦି ଗୋଷ୍ଠି ଉନୟନ ଅଧିକାରୀଙ୍କ ବଦଳି ନ ହୁଏ ତାହାଲେ କାଳିମେଳା ବ୍ଲକରେ ଆଗାମୀ ମେ ମାସ ୯ ତାରିଖ ରେ କାଳିମେଳା ସଦର ର ସମସ୍ତ ଦୋକାନ ବଜାର ୧୨ ଘଣ୍ଟିଆ ପାଇଁ ବନ୍ଦ ଡାକରା ଦିଆଯିବ ସହିତ କାଳିମେଳା ପଂଚାୟତ ସମିତି କାର୍ଯ୍ୟାଳୟ ତାଲା ପକେଇବେ ବୋଲି ସମିତି ବୈଠକ ବର୍ଜନ କରିବା ଦିନ ଗଣମାଧ୍ୟମ ସମ୍ମୁଖ ରେ ପ୍ରକାଶ କରିଥିଲେ । ଆଜି ବନ୍ଦ ଡାକରା ଦେବା ସହିତ କାଳିମେଳା ବ୍ଲକ କାର୍ଯ୍ୟାଳୟରେ ତାଲା ମାରିବା ସହିତ ବ୍ଲକ କାର୍ଯ୍ୟାଳୟରେ ଅଣ୍ଡା ମାଡ଼ କରିଥିଲେଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣା ଦେବା ପରେ ସେଠୁ ବାହାରି କାଳିମେଳା ଥାନା ରେ ଯାଇ ବଡ଼ିଗେଟା ଗ୍ରାମ ପଂଚୟତ ର ସରପଂଚ ଲିଲି ସୋଢ଼ି ଆଦିବାସୀ ଝିଅକୁ ଅଫିସ ଭିତରେ ହାତ ଧରି ଦୁର୍ବ୍ୟବହାର କରିଥିବା ବିଷୟରେ ଲିଖିତ ଅଭିଯୋଗ କରିଛନ୍ତି । କେବଳ ସେତିକି ନୁହଁ ଏହା ସଠିକ ଭାବେ ତଦନ୍ତ କରାଯାଏ ତାହାହେଲେ ଅନେକ ମହିଳାଙ୍କୁ ଅସଦାଚରଣ ହୋଇଛି ବୋଲି ବୁଦ୍ଧିଜିବି ମହଲରେ ଚର୍ଚ୍ଚା ଜୋର ଧରିଛି । ବିଡ଼ିଓ ପ୍ରଦୀପ କୁମାର କରଙ୍କ ଏତାଦୃଶ ମନୋମୁଖୀ ଓ ଅନୈତିକ କାର୍ଯ୍ୟ ପାଇଁ ପୂର୍ବରୁ ଦୁଇ ଦୁଇ ଥର ଏ ବ୍ଲକରୁ ଅନ୍ୟତ୍ର ବଦଳି ଆଦେଶ ହୋଇଥିଲେ ମଧ୍ୟ କୌଣସି ରାଜନୈତିକ ଦଳ ବା ପ୍ରଭାବଶାଳି ବ୍ୟକ୍ତି ବିଶେଷଙ୍କ ଛତ୍ରଛାୟା ତଳେ ନିଜକୁ ସୁରକ୍ଷିତ ରଖି ବଦଳି ଆଦେଶକୁ ବାତିଲ କରିବାରେ ସମର୍ଥ ହୋଇଛନ୍ତି ବୋଲି ଦାବି ହେଉଛି ହେଲେ ଲୋକଙ୍କ ମନରେ ପ୍ରଶ୍ନ ଦୁଇ ଦୁଇ ଥର ବଦଳି ହେଲେବି ବାତିଲ ହେଇଯାଉଛି ଏହା ପଛରେ ରାଜନୈତିକ ହାତ ନାହିଁ ତ ? ପୁର୍ନବାର ଓ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏହି ବନ୍ଦ ଡାକରାରେ ସାମିଲ ରହିଥିଲେ ୨୩ ଗୋଟି ପଂଚାୟତ ର ସରପଂଚ, ସମିତି ସଭ୍ୟ, ବ୍ଲକ ଅଧକ୍ଷା ସହ ବିଜେଡିର ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ,କାଳିମେଳା ପୂବତନ ବ୍ଲକ ଅଧକ୍ଷ ମାଳା ମାଡି ସହ ପୂର୍ବତନ ବିଜେଡି ବିଧାୟକ ମାନସ ମାଡକାମୀ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଢି ପ୍ରମୁଖ ଉପସ୍ଥିତ ରହି ଏହି ସଭାରେ ସାମିଲ ହୋଇଥିଲେ ।

## ପ୍ରକଳ୍ପକୁ ସର୍ତମୂଳକ ସମର୍ଥନ : ମେସର୍ସ ରୁଙ୍ଗଟା ମାଇନ୍ସର କେନ୍ଦୁଡିହି ନର୍ଥ ଖଣିଜ ବ୍ଲକର ସର୍ବସାଧାରଣ ଶୁଣାଣୀ ସଫଳ




ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ଖଣିକ୍ଷେତ୍ର ତଥା ବଡବିଲ ତହସିଲ ଅନ୍ତର୍ଗତ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ର କେନ୍ଦୁଡିହି ନର୍ଥ ଖଣିଜ ବ୍ଲକର ସର୍ବସାଧାରଣ ଶୁଣାଣୀ ସଫଳ ହୋଇଥିବା ଖବର ହସ୍ତଗତ ହୋଇଛି । କେନ୍ଦୁଝର ଜିଲ୍ଲା କେନ୍ଦୁଡିହି ପ୍ରାଥମିକ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ଏହି ଜନଶୁଣାଣୀରେ ନିକଟସ୍ଥ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସେମାନଙ୍କ ପରିବେଶୀୟ ମତାମତ ଉପସ୍ଥାପନା କରିଥିବା ବେଳେ କେତେକ ଗ୍ରାମବାସୀ ଲିଖିତ ଆକାରରେ ଜଣାଇଥିବା ଖବର ମିଳିଛି । କେନ୍ଦୁଡିହି ଏବଂ ପାଣ୍ଡୁଲିପୋଷି ଗ୍ରାମରେ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ର ସମୁଦାୟ ୧୮୭.୮୬୨ ହେକ୍ଟର ପରିମିତ ଅଂଚଳରେ ସ୍ଥିତ କେନ୍ଦୁଡିହି ନର୍ଥ ଖଣିଜ ବ୍ଲକ ଖଣିରୁ ବାର୍ଷିକ ୨.୬ ଏମଟିପିଏ ଆରଓଏମ ଲୌହ ଖଣିଜ (ସମୁଦାୟ ୪.୦୧୩୮ ଏମଟିପିଏ,୨.୬ ଏମଟିପିଏ ଆରଓଏମ ଲୌହ ଖଣିଜ ଯୁକ୍ତ ୧.୪୧୩୮ ଏମଟିପିଏ ବର୍ଜ୍ୟ) ଉତୋଳନ କରିବା ନିମନ୍ତେ ପ୍ରସ୍ତାବ ରହିଛି । ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଂଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣୀକୁ ପରିଚାଳନା କରିଥିଲେ । ଅଂଚଳବାସୀ ଜନଶୁଣାଣୀରେ ନିଜର ମତାମତ ଦେବା ସହ ସ୍ଥାନୀୟ ଅଂଚଳର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ଶୁଣାଣୀରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା । ଏହି ସର୍ବସାଧାରଣ ଜନଶୁଣାଣୀରେ ସ୍ଥାନୀୟ ପ୍ରଭାବିତ ଅଂଚଳର ଗ୍ରାମବାସୀ ମାନେ ମତାମତ ଦେଇଥିଲେ । ଜନଶୁଣାଣୀରେ ପାର୍ଶ୍ୱବର୍ତୀ ଗ୍ରାମର ମୋଟ ୭୫ ଜଣ ନିଜର ମତାମତ ଉପସ୍ଥାପନ କରିଥିବା ବେଳେ ୩୫ ଜଣ ଅତିରିକ୍ତ ଜିଲ୍ଲପାଳଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ପ୍ରଭାବିତ ଅଂଚଳ ମାନଙ୍କରେ ପାରିପାର୍ଶ୍ୱିକ ଉନ୍ନତି, ନୂତନ ଜଙ୍ଗଲ ସୃଷ୍ଟି, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ କରଣ, ସ୍ଥାନୀୟଙ୍କୁ ନିଯୁକ୍ତି ଆଦି ଦାବି କରି ଅଂଚଳବାସୀ ଏହି ପ୍ରକଳ୍ପକୁ ସର୍ତ ମୂଳକ ସମର୍ଥନ ଜଣାଇଥିଲେ । ପାରିପାର୍ଶ୍ୱିକ ଉନ୍ନତି, ପାନୀୟଜଳ, ଗମନାଗମନ, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କମ୍ପାନୀ ଯତ୍ନବାନ ହେବାକୁ ଯୋଡ଼ା ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ ମତ ଉପସ୍ଥାପନ କରିଥିଲେ । ସ୍ଥାନୀୟ ଅଂଚଳର କୁଶ ଆପଟ୍ଟ, ଦଶରଥ ବାରିକଙ୍କ ସମେତ ଅନ୍ୟ ଗ୍ରାମବାସୀ ମାନେ କମ୍ପାନୀ ସପକ୍ଷରେ ସର୍ତ ମୂଳକ ସମର୍ଥନ ଜଣାଇଥିଲେ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରଦୂଷଣ ନିୟନ୍ତ୍ରଣ ସକାଶେ ସବୁ ମାନଦଣ୍ଡ ଓ ନିୟମକୁ ମାନି ପଦକ୍ଷେପ ନିଆଯିବ ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ ତଥା ସିଏସଆର ଜେନେରାଲ ମ୍ୟାନେଜର ଏଲ.ଏନ.ରାଉତ ସୂଚନା ଦେଇଥିଲେ । ସ୍ଥାନୀୟ ବାସୀନ୍ଦାଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ସହ ସିଏସଆର ମାଧ୍ୟମରେ ଜନହିତକର କାର୍ଯ୍ୟ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ଜନଶୁଣାଣୀରେ ପ୍ରଦୂଷଣ ବୋର୍ଡ ଅଧିକାରିଣୀ ନିବେଦିତା ବେବର୍ତା, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡବିଲ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାଏକଙ୍କ ସମେତ କମ୍ପାନୀର ନିର୍ଦ୍ଦେଶକ ହୀରକ ମଜୁମଦାର, ମାନବସମ୍ବଳ ବିଭାଗ ସଭାପତି ରାମୁ ଅଗ୍ରୱାଲ, ଉପସଭାପତି ଅଭିଜିତ ସେନ, ଅନନ୍ତ ଶଙ୍କର ମହାପାତ୍ର, ଦିଲୀପ କୁମାର ପରିଡ଼ା, ସ୍ମୃତି କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ହାତୀ ଆକ୍ରମଣରେ ଜଣେ ମୃତ

ପାଟଣା, (ମହାଭାରତ) : ହାତୀ ଆକ୍ରମଣରେ ଜଣେ ଗୁରୁତର ପରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ପାଟଣା ବନାଂଚଳ ଅନ୍ତର୍ଗତ ଡେଣୁଆ କାଜୁଜଙ୍ଗଲ ମଧ୍ୟ ରେ ଏକ ଗୋଠ ଛଡ଼ା ହାତୀ ରହି ଥିବା ଖବର ପାଇ ଲୋକେ ହାତୀ ଦେଖିବାକୁ ଆସିଥିବା ବେଳେ ଗହଳି ଲାଗି ରହିଥିବା ଫଳ ରେ ହାତୀ ଟି ଦେଖଣା ସାଜିଥିବା ଲୋକ ମାନଙ୍କୁ ଆକ୍ରମଣ କରି ଥିଲା । ଏଥିରେ ଜଣେ ଦେଖାଣା କାରିକୁ ଆକ୍ରମଣ କରିଥିଲା । ଫଳରେ ବ୍ୟକ୍ତି ଜଣ ଗୁରୁତର ହୋଇଛନ୍ତି । ଗୁରୁତର ବ୍ୟକ୍ତି ଜଣଙ୍କ ଭାଲୁପାହାଡି ତନୁ ସାହିର ଗଣେଶ୍ୱର ମହାନ୍ତ ବୋଲି ଜଣାପଡିଛି । ସ୍ଥାନୀୟ ଲୋକ ମାନେ ତଥା ପାଟଣା ବନାଂଚଳ ସହାୟତା ବ୍ୟକ୍ତିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମୁଖ୍ୟ ଚିକିତ୍ସାଳୟରେ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି ।

## ଟ୍ରକ୍ ପଛରେ ପିଟି ହେଲା ବାଇକ୍, ଦୁଇ ମୃତ

କେନ୍ଦୁଝର, (ମହାଭାରତ): କେନ୍ଦୁଝରସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ଫାଣ୍ଡି ଅଧିନ ୨୦ ନମ୍ବର ଜାତୀୟ ରାଜପଥର ଗ୍ରୀନଫିଲ୍ଡ ସ୍କୁଲ ସମ୍ମୁଖରେ ଅପରାହ୍ନ ୧୨ଟାବେଳେ ଏକ ବାଇକ୍ ଭାରସାମ୍ୟ ହରାଇ ଚଳନ୍ତା ଟ୍ରକ୍ ପଛ ପଟେ ପିଟି ହୋଇଛି । ଫଳରେ ଆରୋହୀଙ୍କ ସମେତ ପଛରେ ବସିଥିବା ଅନ୍ୟ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଲେ ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଂଚାୟତ କଳଣ୍ଡା ଗ୍ରାମର ସନ୍ତୋଷ କୁମାର ମହାକୁଡ (୩୫) ଓ ଦୀପକ କୁମାର ମହାକୁଡ (୩୦) । ଉଭୟ ଝୁମ୍ପୁରା ବଜାରରୁ ପଳାସପଙ୍ଗା ଅଭିମୁଖେ ଯାଉଥିବାବେଳେ ବାଇକ୍ ନିୟନ୍ତ୍ରଣ ହରାଇ ଟ୍ରକ ପଛପଟେ ପିଟି ହୋଇଥିଲା । ଫଳରେ ଦୁହିଁଙ୍କ ମୃତ୍ୟୁ ଘଟିଛି । ପଳାସପଙ୍ଗା ଫାଣ୍ଡି ପୁଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା ।

## ହୀରାକୁଦ ଓ କେନ୍ଦ୍ରାପଡାରେ ବଢିଲା ସୁରକ୍ଷା

କେନ୍ଦ୍ରାପଡା/ସମ୍ବଲପୁର, (ମହାଭାରତ) : ହୀରାକୁଦରେ ବଢିଲା ସୁରକ୍ଷା ବ୍ୟବସ୍ଥା । ଭାରତ-ପାକିସ୍ତାନ ଉତେଜନାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମ ଅଂଚଳ ବୁଲିବା ଉପରେ ରୋକ ଲଗାଯାଇଛି । ଆଜିଠାରୁ ପର୍ଯ୍ୟଟକଙ୍କୁ ହୀରାକୁଦ ଡ୍ୟାମ୍ ବୁଲିବା ମନା ହୋଇଛି । ସେପଟେ କେନ୍ଦ୍ରାପଡା ଜିଲାରେ ଥିବା ଲାଇଟ୍ ହାଉସକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି ।

# ନୂଆ ବସ୍‌ଷ୍ଟାଣ୍ଡକୁ ଗଡୁନି ବସ୍: ପାଲଟିଛି ଅଚଳ ଗାଡ଼ି ଡିପୋ



ନୟାଗଡ଼, ( ମହାଭାରତ ) : କାମରେ ଆସୁନି ନୟାଗଡ଼ ନୂଆ ବସଷ୍ଟାଣ୍ଡ୍ । ଏଯାଏଁ ଏହି ନବନିର୍ମିତ ବସ୍‌ଷ୍ଟାଣ୍ଡକୁ ଗଡ଼ିଲାନି ବସ୍ । ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ବେଳେ ଏବେ ଏହି ବସ୍‌ଷ୍ଟାଣ୍ଡରେ ଅଚଳ ଗାଡ଼ିଗୁଡ଼ିକୁ ରଖାଯାଉଥିବା ଦେଖିବାକୁ ମିଳୁଛି । ଏହି ବସ୍‌ଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ମାର୍କେଟ୍ କମ୍ପ୍ଲେକ୍ସର ଦୋକାନ ଘର ଗୁଡ଼ିକରେ ଏବେ ବି ତାଲା ଝୁଲୁଛି । ଯେ ପର୍ଯ୍ୟନ୍ତ ଷ୍ଟାଣ୍ଡକୁ ବସ୍ ନ ଆସିଛି, ସେ ପର୍ଯ୍ୟନ୍ତ ଦୋକାନ ଖୋଲିବୁ ନାହିଁ ବୋଲି ବ୍ୟବସାୟୀ ମାନେ ସ୍ପଷ୍ଟ ଭାବେ କହୁଛନ୍ତି । ଦୋକାନ ଖୋଲିବା ପାଇଁ ପୂର୍ବରୁ ପୌର ପରିଷଦ ପକ୍ଷରୁ ଦୁଇ ଦୁଇ ଥର ଚିଠି କରିଥିଲେ ମଧ୍ୟ ବ୍ୟବସାୟୀ ମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ । ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ଆଣିବା ପାଇଁ ବିଭିନ୍ନ ଯୋଜନା କରାଯାଉଛି ମାତ୍ର ଏହାକୁ ଆଦୌ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଛି । ପୂର୍ବରୁ ଜିଲ୍ଲାପାଳ, ପୌର ପରିଷଦ, ପରିବହନ ଅଧିକାରୀ ଓ ବସ୍ ମାଲିକ ସଂଘର କର୍ମକର୍ତା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ନୂଆ ବସ୍‌ଷ୍ଟାଣ୍ଡକୁ କିପରି ବସ୍ ଆସିବ, ସେ ନେଇ ଆଲୋଚନା ହୋଇଥିଲା । ବିଶେଷକରି ବସ୍ ରହଣି ସ୍ଥାନ ଗୁଡ଼ିକ ତୁରନ୍ତ ନିରୂପଣ କରିବା ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଥିଲା । ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ନାରାୟଣୀ ପାର୍କ ନିକଟରେ ବସ୍ ଷ୍ଟପ୍ ନିର୍ମାଣ କରାଯିବ ବୋଲି ନିଷ୍ପତି ନିଆଗଲା । ମାତ୍ର ଏ ଦିଗରେ ବର୍ତମାନ ସୁଦ୍ଧା କିଛି ବି ପଦକ୍ଷେପ ନିଆଗଲା ନାହିଁ । ଫଳରେ ବସ୍ ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡକୁ ଯାଉନଥିବା ଜଣାପଡ଼ିଛି । ସେହିପରି ୨୦୨୧ ମସିହାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ବଡ଼ ମାର୍କେଟ୍ କମ୍ପ୍ଲେକ୍ସ୍ ତିଆରି କରାଯାଇଥିଲା । ଏଥିରେ ୯୦ଟି ଦୋକାନ କୋଠରୀ ରହିଛି । ସମସ୍ତ କୋଠରୀକୁ ମଧ୍ୟ ବ୍ୟବସାୟୀ ମାନେ ପୌର ପରିଷଦକୁ ଆବଶ୍ୟକ ଟଙ୍କା ଜମା କରି ନେଇ ସାରିଛନ୍ତି । ମାତ୍ର ହାତଗଣତି କେତୋଟି କୋଠରୀକୁ ବାଦ୍ ଦେଲେ ଅନ୍ୟ ସବୁଠି ତାଲା ଝୁଲୁଛି । ଯେଉଁମାନେ ବି ସେଠାରେ ଦୋକାନ ଖୋଲିଛନ୍ତି, ବସ୍ ଆସୁନଥିବାରୁ ସେମାନଙ୍କର ବେପାର ମଧ୍ୟ ହେଉ ନାହିଁ । ଏପଟେ ସମସ୍ତ କୋଠରୀକୁ ପୌର ପରିଷଦ ପକ୍ଷରୁ ଦୋକାନୀଙ୍କୁ ହସ୍ତାନ୍ତର କରି ସାରିଥିଲେ ମଧ୍ୟ ଏଯାବତ୍ ପୌର ପରିଷଦ ଗୋଟିଏ ବି ଟଙ୍କା ଦୋକାନୀ ଙ୍କ ଠାରୁ ଭଡ଼ା ସୂତ୍ରରେ ଆଦାୟ କରିପାରୁ ନାହିଁ । ଦୋକାନ ଘର ଗୁଡ଼ିକ ବନ୍ଦ ରହୁଥିବାରୁ ଏହା ମଧ୍ୟ ନଷ୍ଟ ହେବା ଆରମ୍ଭ କଲାଣି । ଗତ ମାସରେ ପୌର ପରିଷଦ ପକ୍ଷରୁ ବ୍ୟବସାୟୀ ମାନଙ୍କୁ ଚିଠି କରାଯାଇ ଦୋକାନ ଘର ଗୁଡ଼ିକୁ ଖୋଲିବା ପାଇଁ ତାଗିଦ କରାଯାଇଥିଲା । ନଚେତ ସେମାନଙ୍କ ନାମକୁ ଚୁକ୍ତିରୁ ବାତିଲ କରାଯାଇ ଅପେକ୍ଷା ତାଲିକାରେ ଥିବା ଅନ୍ୟ ଆବେଦନକାରୀଙ୍କୁ ଅଗ୍ରାଧିକାର ଭିତିରେ ଦୋକାନ ଗୃହ ପୁଣି ଅବଂଟନ କରାଯିବ ବୋଲି କୁହାଯାଇଥିଲା । ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହନ୍ତି ଯେ, ବସ୍ ଷ୍ଟପ୍ ପାଇଁ ଚିହ୍ନଟ ହୋଇଥିବା ଦୁଇଟି ଜାଗା ପାଇଁ ଟେଣ୍ଡର ପ୍ରକ୍ରିୟା କରାଯାଇଛି । ନାରାୟଣୀ ପାର୍କ ନିକଟରେ ଗଛକଟା ମଧ୍ୟ ସରିଛି । ବସ୍ ?ଷ୍ଟପ୍ ନିର୍ମାଣ ହେବା ପରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବୈଠକ କରାଯାଇ ବସ୍ ମାଲିକ ଓ ମାର୍କେଟ୍ କଂପ୍ଲେକ୍ସରେ ବ୍ୟବସାୟୀ ମାନଙ୍କ ସହ ଆଲୋଚନା କରାଯିବ ।

# ସାତମାଇଲ ଠାରେ ହିନ୍ଦୋଳ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ହିନ୍ଦୋଳ (ମହାଭାରତ)ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜଳସେଚନ ଡାକବଙ୍ଗଳା ଠାରେ ଶୁକ୍ରବାର ଅପରାହ୍ନରେ ହିନ୍ଦୋଳ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି ।ଉକ୍ତ ସମ୍ମିଳନୀ ରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି , ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ , ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର , ବିଜେପି ରାଜ୍ୟପରିଷଦ ସଦସ୍ୟ ଅଜୟ ଦାଶ , ବିଜେପି ଜିଲ୍ଲା ସଂପାଦକ ସୁଶାନ୍ତ ପତି , ସାପୁଆ ବଡଯୋର ଜଳସେଚନ ବିଭାଗ ଅଧ୍ୟକ୍ଷ ପ୍ରେମାନନ୍ଦ ପଟନାୟକ , ବିଜେପି ନେତା ଭାସ୍କର ଚନ୍ଦ୍ର ନାୟକ ଓ ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିବା ସମୟରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ହିନ୍ଦୋଳର ଜନସାଧାରଣଙ୍କର ର୍ଦିଘ




ଦିନର ସ୍ୱପ୍ନ ବଡଯୋର ପ୍ରକଳ୍ପ କୁ ରାଜ୍ୟ ସରକାର ମଞ୍ଜୁର କରିବା ସହ ଏହାର କାର୍ଯ୍ୟ ନିମି□ ୧୨୮ କୋଟି ୨୬ ଲକ୍ଷ ଟଙ୍କା ପ୍ରଦାନ କରିଥିା ସୂଚନା ଦେବାସହ ଏହି ପ୍ରକଳ୍ପ ମଞ୍ଜୁର ନିମି□ ସାଂସଦ ରୁଦ୍ରନାରାୟଣ ପାଣି , କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମେତ ମୋହନ ସରକାର ଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ହିନ୍ଦୋଳ ଜନସାଧାରଣଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । କୃଷିର ଉତ୍ତିରେ କୃଷକ ର ଉନ୍ନତ୍ତି ନିମିତ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନହିତକର କାର୍ଯ୍ୟ କରୁଛନ୍ତି ମାତ୍ର ବିଗତ ୨୫ ବର୍ଷରେ ପୂର୍ବ ସରକାର ହିନ୍ଦୋଳ ଜନସାଧାରଣଙ୍କୁ ବାରମ୍ବାର ପ୍ରତିଶୃତିଦେଇ ର୍ନିବାଚନ ପାର ପରେ ପ୍ରତିଶୃତି ଭୁଲିଯାଇଥିବା ସମୟରେ ଲୋକସଭାରେ ଉକ୍ତ ପ୍ରସଙ୍ଗକୁ ଉଠାଇବା ସହ ହିନ୍ଦୋଳ ଜନସାଧାରଣ ଙ୍କ ଦିବା ସ୍ୱପ୍ନ ବଡଯୋର ପ୍ରକଳ୍ପ ଆରମ୍ଭ ନିମିତ୍ତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହଯୋଗ ସହ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିବାପରେ ମୋହନ ସରକାର କଥା ଦେଇ କଥା ରଖି ହିନ୍ଦୋଳ କୃଷି ଓ କୃଷକର ମନକୁ ବୁଝି ପ୍ରକଳ୍ପକୁ ମଞ୍ଜୁର କରିଥିବାରୁ ସେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସାମ୍ାଦିକ ସମ୍ମିଳନୀରେ ହାତୁରା ବିଜେପି ମଣ୍ଡଳ ସଭାପତି ସୁଜିତ ଜେନା , ବାବନ୍ଧ ସଭାପତି ପ୍ରବୋଧ ପ୍ରଧାନ , ପାରିକୂଳ ସଭାପତି ରବିନ ବାରିକ , ରାସୋଳ ସଭାପତି ଲିଙ୍ଗରାଜ ସାହୁ , ଅଶୋକ ରାଉତ ମନୋଜ ପଟନାୟକ , ଜଗନ୍ନାଥ ପାଣିପଞ୍ଚାୟତ ସଭାପତି ଟଙ୍କଧର ପାଳ ଓ ରାଧାମୋହନ ପାଣିପଞ୍ଚାୟତ ସଂପାଦକ ସନ୍ତୋଷ କୁମାର ଖୁଣ୍ଟିଆ ସକ୍ରିୟ ସହଯୋଗ କରିଥିବା ସମୟରେ ହିନ୍ଦୋଳ ଉପଖଣ୍ଡରେ ବହୁ ସାମ୍ବାଦିକ ଏଥିରେ ଯୋଗଦେଇଥିଲେ ।

# ନାଲକୋ ଏମ୍ପ୍ଲୟିଜ୍ ସଂଘର ଶପଥ ପାଠ ସମାରୋହ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ) :ନାଲକୋ ନଗର କଲୋନୀ ମଧ୍ୟରେ ଥିବା ନାଲକୋ ଏମ୍ପ୍ଲୟିଜ ସଂଘ (ନେସ୍)ର କାର୍ଯ୍ୟାଳୟ ପରିସରରେ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିମନ୍ତ୍ରୀତ ଅତିଥି ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପୂର୍ବ ବର୍ଷ ଭଳି ଏହି ବର୍ଷ ମଧ୍ୟ ର୍ନିମଳ କୁମାର ସାମଲ ସଭାପତି ରୂପେ ର୍ନିବାଚିତ ହୋଇଥିବା ବେଳେ ରଞ୍ଜିତ କୁମାର ସାହୁ ସାଧାରଣ ସମ୍ପାଦକ ରୂପେ ର୍ନିବାଚିତ ହୋଇଛନ୍ତି । ନବ ର୍ନିବାଚିତ ସମସ୍ତ ପଦାଧିକାରୀ ଶପଥ ପାଠ ସମାରୋହରେ ସାମିଲ ହୋଇ ଶପଥ ପାଠ ଗ୍ରହଣ କରିଥିଲେ ।

# ଚା’ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ(ମହାଭାରତ) :ଗୋବିନ୍ଦଚନ୍ଦ୍ର ସାହୁ ଆଜି ନାଲକୋ ବଜାରରୁ ବିଦାୟ ନେଇଛନ୍ତି ।ନାଲକୋନଗର ବଜାରରେ ଦୀର୍ଘ ୪୫ବର୍ଷ ଧରି ଏକ ଚା’ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା କେନ୍ଦ୍ରାପଡ଼ା ଜିଲାର ଗୋବିନ୍ଦଚନ୍ଦ୍ର ସାହୁଙ୍କୁ ଆଜି ସଂମ୍ମାନର ସହ ନାଲକୋ ବଜାରରୁ ବିଦାୟ ଦେଇଛନ୍ତି । ଦୀର୍ଘ ୪୫ ବର୍ଷ ଧରି ନାଲକୋ ନଗର ବ୍ୟବସାୟୀ ଏବଂ କାଣ୍ଡସର ଗ୍ରାମବାସୀଙ୍କ ସହିତ ତାଙ୍କର ରହିଥିବା ସୁସମ୍ପର୍କକୁ ଲୋକେ ଉଜ୍ଜୀବିତ କରି ରଖିବାକୁ ଆଜି ତାଙ୍କୁ ନିଆରା ଢଙ୍ଗରେ ବିଦାୟ ଜଣାଇଛନ୍ତି ।ବଜାରରେ ଆୟୋଜିତ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ସହ କେକ କାଟି ବିଦାୟ ଦିଆଯାଇଥିଲା ।ବ୍ୟବସାୟୀଜଣଙ୍କ ଦୀର୍ଘଦିନ ଧରି କାଣ୍ଡସର ଗ୍ରାମରେ ଭଡ଼ାରେ ରହୁଥିଲେ । ସମସ୍ତଙ୍କ ସହିତ ତାଙ୍କର ସମ୍ପର୍କ ଅତି ନିବିଡ ରହିଥିଲା । ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର, ପୂର୍ବତନ ସରପ□ ବିଷ୍ଣୁ ଚରଣ ବେହେରା, ଜୟ ଜଗତ୍ତାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅନନ୍ତ କୁମାର ବାରିକ, ଅଜୟ ସାହୁ, ସୁଶାନ୍ତ ସାହୁ, ସନାତନ ନାଏକ, କ୍ଷୀତିଶ ବାରିକ, ସନାତନ ପ୍ରଧାନ, ବଜାର କମିଟି ସଦସ୍ୟ କ୍ଷୀରୋଦ ବେହେରା ପ୍ରମୁଖଙ୍କ ସମେତ ବହୁ ବ୍ୟବସାୟୀମାନେ ତାଙ୍କୁ ଆଜି ଅଞ୍ଚଳରୁ ଏକ ଭାବବିହ୍ୱଳ ପରିବେଶରେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଦୁଇ ବାଇକ ମୁହାଁ ମୁହିଁ ଧକ୍କା ଜଣେ ମୃତ ତିନି ଗୁରୁତର

ଆସିକା (ମହାଭାରତ): ଆସିକା କଲେଜ ଛକ ନିକଟରେ ଦୁଇବାଇକ ଧକ୍କା । ଜଣେ ମୃତ ତିନି ଗୁରୁତର । ଆଜି ସନ୍ଧ୍ୟା ୮ଘଣ୍ଟା ସମୟରେ ବ୍ରହ୍ମପୁର ଜିଲ୍ଲା ଶିକ୍ଷାଧିକାରି କାର୍ଯ୍ୟାଳୟରେ କାର୍ଯ୍ୟରତ କୋଟିନଡ଼ା ଗ୍ରାମର ସୁକାନ୍ତ କୁମାର ପଣ୍ଡା ନିଜ କାମ ସାରି ନିଜ ଘରକୁ ଫେରୁଥିବା ସମୟରେ ଆସିକା ବିଜୁ ପଟ୍ଟନାୟକ ଛକ ନିକଟରେ ବସ ରୁ ଓଲ୍ହାଇ ପୁରୁଷୋତ୍ତମପୁର ଥାନାରେ କାର୍ଯ୍ୟରତ ବିନାୟକ ନାୟକ କନଷ୍ଟେବଲ ଙ୍କ ସହତ ନିଜ ଘର କୋଟିନଡ଼ା କୁ ଏକ ଆପଚି ବାଇକରେ ଯାଉଥିବା ସମୟରେ ବିପରୀତ ଦିଗରୁ ସୁନ୍ଦରିଆପଡ଼ାର ଦୀପକ ନାହାକ ଓ ଗୁରୁଦେବ ଗୌଡ଼ ଏକ ଗ୍ଲାମର ବାଇକ ଯୋଗେ ଆସିକା ଅଭିମୁଖେ ଆସିବା ସମୟରେ କଲେଜ ଛକ ଡିପଲ ସ୍କୁଲ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା ଘଟଣା ସ୍ଥଳରୁ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ଏଠାରେ କାର୍ଯ୍ୟରତ ଡାକ୍ତର ଦୀପକ ନାହାକଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ତିନି ଗୁରୁତରଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସମସ୍ତ ଙ୍କ ବ୍ରହ୍ମପୁର ଏମକେଶିଜୀ ମେଡିକାଲ କୁ ସ୍ଥାନତରିତ କରିଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ବହୁ ଚର୍ଚ୍ଚିତ ଉଦୟମୁନି ହତ୍ୟାକାଣ୍ଡରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ



ଆସିକା (ମହାଭାରତ): ବହୁ ଚର୍ଚ୍ଚିତ ଆସିକା ତାଲୁକା ରୋଡ଼ ବାସିନ୍ଦା ଉଦୟ ମୁନି ହତ୍ୟା ଘଟଣାର ରାୟ ଆଜି ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ଅଭିଯୁକ୍ତ ମୁକେଶ ଆନନ୍ଦ କୁ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି । ପ୍ରକାଶ ଥାଉକି ଗତ ୧୩/୦୭/୨୦୨୪ ମସିହାରେ ଆସିକା ଏନଏସି କଲୋନୀ ୱାର୍ଡ ନମ୍ବର ୧୦ ରେ ଗୋଟିଏ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦିବ୍ୟାଙ୍ଗ ଉଦୀୟ ମୁନୀ ଘଟଣା ଦିନ ଅପରାହ୍ନ ପ୍ରାୟ ୨ ଟା ସମୟରେ ପ୍ରବଳ ବର୍ଷା ହେଉଥିଲା ଉଦୟ ନିଜ ଘର ବାରଣ୍ଡା ନିଜ ଦୋକାନ ରେ ବସିଥିବା ସମୟରେ ଆସିକା ଜୋକବନ୍ଧ ସାହି ର ମୁକେଶ ଆନନ୍ଦ (୩୫) ପିତା କୁମାର ଆନନ୍ଦ ନାମକ ଜଣେ ଯୁବକ ଅଚାନକ ତାଙ୍କ ଦୋକାନରେ ପଶି ପ୍ରଥମେ ଗୋଟିଏ ପଥରରେ ଆକ୍ରମଣ କରିବା ପରେ ଉଦୟ ଙ୍କ ସ୍ତ୍ରୀ ମମତା ମୁନି ନିଜ ସ୍ୱାମୀକୁ ରକ୍ଷା କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରି ଲହୁ ଲୁହାଣ କରିଥିଲା । ଏହା ପରେ ପାଖରେ ଥିବା ଦିବ୍ୟାଙ୍ଗ ମାନସିକ ବିକାର ଗ୍ରସ୍ତ ଝିଅ କୁ ଘର ଭିତରକୁ ଟାଣି ନେଇ ଭିତର ପଟୁ କବାଟ ଦେଇ ବଳାତ୍କାର କରିଥିଲା । ଏହି ଘଟଣା ଘଟୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଓ ଆସିକା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ କସରତ କରିବା ପରେ ଉକ୍ତ ଯୁବକ ପୋଲିସ କୁ ଇଟା ପଥର ଫୋପାଡ଼ି ଚକମା ଦେଇ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା । ପରେ ପୋଲିସ ଉଭୟ ଉଦୟ, ମମତା ଓ ତାଙ୍କ ଝିଅ କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲା । ତେବେ ଏଠାରେ କାର୍ଯ୍ୟରତ ଡାକ୍ତର ଉଦୟଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଉକ୍ତ ଘଟଣା ସମ୍ପର୍କରେ ମୃତ ଉଦୟ ଙ୍କ ସ୍ତ୍ରୀ ମମତା ମୁନି ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ପକ୍ଷରୁ ୪୭୫/୨୪ ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଉକ୍ତ ମାମଲା ଟିକୁ ବରିଷ୍ଠ ଏସ ଆଇ ତଥା ମହିଳା ଡେସ୍କ ଅଧିକାରୀ ଅମ୍ବିକା ବେଣିଆ ଙ୍କୁ ତଦନ୍ତ ଭାର ପ୍ରଦାନ କରିଥିଲେ । ପୋଲିସ ଅଫିସର ଅମ୍ବିକା ବେଣିଆ ଘଟଣାର ସରଜମିନ ତଦନ୍ତ କରି ଧାରା ୭ ୪ , ୭୫(୨),୭୬,୩୩୧(୫), ୧୧୫(୨), ୧୨୬(୨), ୧୦୩(୧), ୧୦୯(୧), ୧୩୨, ୬୪, ୬୪(୨କେ)ଓ୨୧ଜଣ ସାକ୍ଷୀ ଓ ୨୮ଗୋଟି ପ୍ରମାଣ ଦସ୍ତାବିଜ ସହିତ ଚାରସିଟ ଦାଖଲ କରିଥିଲେ । ଆଜି ମାନ୍ୟବର ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର କେସ ନମ୍ବର ଏସଟି ୧୬୮/୨୪ ର ସମସ୍ତ ସାକ୍ଷ ପ୍ରମାଣ କୁ ଭିତ୍ତି କରି ଅଭିଯୁକ୍ତ ମୁକେଶ ଆନନ୍ଦ କୁ ଉଦୟ ମୁନି ର ହତ୍ୟା ମାମଲାରେ ୨୦ବର୍ଷ କାରାଦଣ୍ଡ ସହିତ ୧୦୦୦୦ ଜୋରିମାନା ଅନାଦୟେ ୬ମାସ କାରାଦଣ୍ଡ, ମମତା ମୁନି କୁ ହତ୍ୟା ଉଦ୍ୟମ ମାମଲାରେ ୧୦ବର୍ଷ କାରାଦଣ୍ଡ ସହିତ ୨୦୦୦ ଜୋରିମାନା ଅନାଦୟେ ୨ମାସ କାରାଦଣ୍ଡ, ଦିବ୍ୟାଙ୍ଗ ଝିଅକୁ ବଳାତ୍କାର କରିଥିବା ମାମଲାରେ ୧୪ବର୍ଷ ସହିତ ୧୦୦୦୦ ଜୋରିମାନା ଅନାଦୟେ ୬ମାସ କାରାଦଣ୍ଡ, ଜବରଦସ୍ତ ଘରେ ପଶିବା ମାମଲାରେ ୫ବର୍ଷ ସହିତ ୨୦୦୦ ଜୋରିମାନା ଅନାଦୟେ ୨ମାସ କାରାଦଣ୍ଡ, ଘରେ ଅଟକାଇବା ମାମଲାରେ ୧ମାସ କାରାଦଣ୍ଡ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ମାମଲାରେ ୧ମାସ ସହିତ ୧୦୦୦ ଜୋରିମାନା ଅନାଦୟେ ୧ମାସ କାରାଦଣ୍ଡ ଏହିପରି ଭାବେ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି । ଏହି ମାମଲା କୁ ସରକାରୀ ଆଇନଜୀବି ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ ।

# ବକରେ ଫାଶୀ ଲଗାଇ ନବବଧୁ ଙ୍କ ଆତ୍ମହତ୍ୟା,ସ୍ୱାମୀ ଅଟକ

ନାରାୟଣପାଟଣା(ମହାଭାରତ): ବିବାହର ପାଞ୍ଚ ମାସ ପୁରିନି ,ହାତରୁ ମେହେନ୍ଦି ଲିଭିନି କିନ୍ତୁ ନବବଧୁ ବେକରେ ଓଢଣୀ ଦେଇଆତ୍ମହତ୍ୟା କରିଛନ୍ତି । କାହିଁକି ଆଉ କିପରି ପରିସ୍ଥିତି ରେ ଏଭଳି ଘଟଣା ଘଟିଛି ତାହା ସନ୍ଦେହ ।ଘଟଣା ନାରାୟଣପାଟଣା ବ୍ଲକ ସଦରରେ ଘଟିଛି ।ପଡୋପଦର ପଂଚାୟତର ଡାକ କର୍ମଚାରୀ ସୁରଜ ପଟନାୟକ ଗତ ଡିସେମ୍ବର ମାସ ୧୪ ତାରିଖ ଦିନ ବିବାହ କରିଥିଲେ ବୋରିଗୁମ୍ମା ସ୍ଥିତ ସୁଲୋଚନା ପଟନାୟକ (୨୬)ଙ୍କୁ ଯଆଜି ସକଳେ ସାଢ଼େ ୧୧ ଟା ସମୟରେ ଘରେ କେହି ନଥିବା ବେଳେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଛନ୍ତି ।ସ୍ୱାମୀ ସକାଳେ ନିଜର ସରକାରୀ କାମ ପାଇଁ ବାହାରକୁ ଯାଇଥିବା ବେଳେ ଘରକୁ ଫେରି ଦେଖିବା ବେଳକୁ ଘର ଭିତରେ କବାଟ ଦେଇ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ ।ପରିବାର ଲୋକ କବାଟ ବାଡେଇବାରୁ ଭିତର ପଟୁ ଲକ୍ ଥିବାରୁ ପରିବାର ଲୋକ କବାଟ ଭାଙ୍ଗି କବାଟ ଖୋଲି ଦେଖିଲା ବେଳକୁ ଓଢଣୀ ସହ ଆତ୍ମହତ୍ୟା କରିଥିବା ଦେଖି ପରିବାର ଲୋକେ ଥାନା କୁ ଯାଇ ଘଟଣା ବିଷୟରେ ସୁଚନା ଦେଇଥିଲେ ଯପରେ ଝିଅ ଙ୍କ ପରିବାର ବର୍ଗଙ୍କ ଟେଲିଫୋନ ରେ ଘଟଣା ବିଷୟରେ ଅବଗତ କରାଇଥିଲେ । ବୋରିଗୁମ୍ମା ରୁ କନ୍ୟା ଙ୍କ ପରିବାର ବର୍ଗ ଆସି ଯୌତୁକ ,ଓ ମାନସିକ ର୍ନିଯ୍ୟାତନା ଦିଆଯାଇଥିବା ନେଇ ନାରାୟଣପାଟଣା ଥାନା ରେ ଲିଖିତ ଅଭିଯୋଗ କରିଥିଲେ କନ୍ୟାର ମା କନକ ମଞ୍ଜରୀ ପଟ୍ଟନାୟକ ।ଘଟଣା ସ୍ଥଳରେ ଲକ୍ଷ୍ମୀପୁର ଏସ୍ ଡି ପି ଓ ବିରଂଚି ନାରାୟଣ ଜଗତ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଦେବବ୍ରତ ମହାରଣା,ଏସ୍ ଆଇ ପ୍ରଫୁଲ୍ଲ ପାତ୍ର ,ଏସ୍ ଆଇ ନରସିଂହ ପାଢୀ ,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଓ କନ୍ୟା ଙ୍କ ପରିବାର ବର୍ଗ ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରିବାକୁ ନେଇଥିଲେ ।ପୋଲିସ ସ୍ୱାମୀ ଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଥିବା ବେଳେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖାଯାଇଥିବା ପୋଲାସ କହିଛି ।ବିବାହ ହୋଇ ୪ ମାସ ଭିତରେ ଗୋଟିଏ ମାତ୍ର ଝିଅ ର ମୃତ୍ୟୁ ର ଖବର କୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରରୁ ନଥିବା ବେଳେ ଗାଁ ରେ ଏକ ପ୍ରକାର ସୋକାକୁଳ ପରିବେଶ ହୋଇଛି । ଅନ୍ୟପଟେ ସ୍ୱାମୀ ଙ୍କ କହିବାନୁଯାୟୀ ମୋ ବିରୁଦ୍ଧରେ ସ୍ତ୍ରୀ ପରିବାର ତରଫରୁ ଅଭିଯୋଗରେ କୌଣସି ସତ୍ୟ ସତ୍ୟତା ନାହିଁ ବୋଲି କହିଛନ୍ତି ।

# ୫୦୦୦ ଲିଟର ପୋଚ ନଷ୍ଟ ୨ଜଣଙ୍କୁ ଗିରଫ କଲା ଆସିକା ପୋଲିସ




ଆସିକା (ମହାଭାରତ): ଦିନକୁ ଦିନ ଆସିକା ଅଞ୍ଚଳରେ ଦେଶୀ ମଦ କାରବାର ବଢିବାକୁ ଲାଗିବା ଆସିକା ପୋଲିସକୁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି । ଏହା ଉପରେ ରୋକ ଲଗାଇବା ପାଇଁ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଙ୍କୁ ନିର୍ଦ୍ଦେଶ କ୍ରମେ ଆସିକା ଥାନା ଅଧିକାରୀ କୁଳମଣି ସେଠି ଙ୍କ ନେତୃତ୍ୱରେ ଏ ଏସ ଆଇ ଅଶୋକ କୁମାର ପଟ୍ଟନାୟକ ଙ୍କୁ ନେଇ ଏକ ଟିମ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକା ତୁମ୍ବ ଠେଙ୍ଗାପଲ୍ଲୀ ଏରେଗଲା କ୍ୟାମ୍ପ ରେ ଚଢ଼ାଉ କରି ମଦ ପ୍ରସ୍ତୁତ ପାଇଁ ଥିବା ୫୦୦୦ଲିଟର ପୋଚ ନଷ୍ଟ କରିବା ସହ ଏ. ଜଗତ୍ତାଥ ଓ ଏନ. କବିତା କୁ ଗିରଫ କରିବା ବେଳେ ଅନ୍ୟ ଦୁଇ ଜଣ ଘଟଣା ସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲେ । ଆସିକା ପୋଲିସ ଏମାନଙ୍କ ନାମରେ ଥାନା କେସ ନମ୍ବର ୩୨୫/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଅକାଳରେ ଚାଲିଗଲା ୬ ବର୍ଷ ର ଶିଶୁ ପୁତ୍ର

## ଜେଇ ନା ରେ ମାମଲା ରୁଜୁ କଲେ ପରିବାର

ନାରାୟଣପାଟଣା,(ମହାଭାରତ): ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଅକାଳରେ ଚାଲିଗଲା ୬ ବର୍ଷ ର ଶିଶୁ ପୁତ୍ର ।ଘଟଣା କୁ ନେଇ ଜେଇ ର ନାମ ରେ ମାମଲା ରୁଜୁକଲେ ମୃତ ଶିଶୁ ପୁତ୍ର ର ପରିବାର ବର୍ଗ ।ଶବ ରଖି ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଟି ପି ସି ଓ ଏଲ୍ ଡି କାର୍ଯ୍ୟାଳୟ ଆଗରେ କ୍ଷତି ପୁରଣ ଦାବି ସହ ,ଯନ୍ତ୍ରୀ ଙ୍କୁ ଗିରଫ ଦାବି ରେ ଆନ୍ଦୋଳନ କରିଛନ୍ତି ଗ୍ରାମବାସୀ ଓ ସରପଂଚ ।ପୋଲିସ ମାମଲା ରୁଜୁ କରିବା ସହ ବିକ୍ଷୋଭକାରୀ ଙ୍କୁ ବୁଝାସୁଝା କରୁଛନ୍ତି ,ଯାହାକୁ ନେଇ ଚାପା ଉତ୍ତେଜନା ଜାରି ରହିଛି ।ସୁଚନା ଅନୁସାରେ ଆଜି ସକାଳେ ବୋରିଗୀ ପଂଚାୟତର ଚିନ୍ତା ଗୁଡା ଗାଁ ର ଅର୍ଜୁନ ନାଚିକା ର ପୁଅ ସଂଜୟ ନାଚିକା (୬)ବାରିପଟରେ ଖେଳୁଥିବା ବେଳେ ବିଦ୍ୟୁତ ପୋଲ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ ।ବିଦ୍ୟୁତ ପୋଲରେ ଶିଶୁ ପୁତ୍ର ଲାଗିଥିବା ବେଳେ ଉଦ୍ଧାର କରିବାକୁ ଯାଇଥିଲେ ମାଉସୀ ସୁଲୋ




ନାଚିକା ।ସେ ବି ବିଦ୍ୟୁତ ଆଘାତ ପାଇ ଛିଟିକି ପଡିଥିଲେ । ପରେ ପାଟି ଶୁଣି ଦାଦା ନାଚିକି ବୁଦ୍ଧି ଖଟେଇ ଶୁଖିଲା ବାଡି ରେ ଶିଶୁ ପୁତ୍ର କୁ ଉଦ୍ଧାର କରିଥିଲେ । ଅଚେତ ଅବସ୍ଥାରେ ଗ୍ରାମବାସୀ ଙ୍କ ସହଯୋଗ ରେ ନାରାୟଣପାଟଣା ଡାକ୍ତର ଖାନା କୁ ଆଣିଥିଲେ ।ସେଠାରେ ଆଖି ବୁଜି ଦେଇଥିଲେ ଶିଶୁ ପୁତ୍ରଟି ଯବିଦ୍ୟୁତ ପୋଲ ଟିରେ ବିଦ୍ୟୁତ ସ୍ପର୍ଶ ଥିବାରୁ ଜାଣି ପାରିନଥିଲେ କେହି ।ପୁର୍ବରୁ ପୋଲ୍ ଟି ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ମରାମତି କରିବାକୁ ପୁର୍ବରୁ ଗ୍ରାମବାସୀ ବାରମ୍ବାର ଜଣାଇଥିଲେ । କିନ୍ତୁ କେହି କର୍ଣ୍ଣପାତ କରିନଥିଲେ ।ଫଳରେ ଆଜି ଏକ ନୀରୀହ ଆଦିବାସୀ ଶିଶୁର ମୁଲ୍ୟବାନ ଜୀବନ ଚାଲିଯାଇଥିବା ବୋରିଗୀ ସରପଂଚ ସୁରେନ୍ଦ୍ର ପାଙ୍ଗି କହିଛନ୍ତି । ଅନ୍ୟପଟେ ମୃତ ଖବର ଶୁଣି ଶତାଧୀକ ଗ୍ରାମବାସୀ ପହଂଚି ଥିଲେ ଟିପିସିଓଡିଏଲ୍ ଅଫିସରେ ।ଗ୍ରାମବାସୀ କ୍ଷତିପୂରଣ ଦାବିରେ ଶବ ରଖି ବିଭାଗୀୟ ଅଧିକାରୀ ଙ୍କୁ ଗିରଫ କରିବା ସହ ବିଭାଗ ତରଫରୁ କ୍ଷତିପୁରଣ ଦାବି ରେ ସ୍ଥଳରେ ବିକ୍ଷବ ପ୍ରଦର୍ଶନ କରିଛନ୍ତି ।ଯାହାକୁ ନେଇ ଚାପା ଉ□ଜନା ଜାରି ରହିଛି ।ଘଟଣା ସ୍ଥଳରେ ପୋଲିସ ଓ ତହସିଲଦାର ,ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥଉପସ୍ଥିତ ରହି ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରଖିଥିବା ଦେଖିବାକୁ ମିଳିଛି । ରେଡ୍ କ୍ରଶ ତରଫରୁ ତହସିଲଦାର ୧୦୦୦୦ ଟଙ୍କା ଯୋଗାଇ ଦେଇଥିବାବେଳେ ।ପଞ୍ଚାୟତ ସରପଞ୍ଚ ହରିଚନ୍ଦ୍ର ଯୋଜନାରେ ୨୦୦୦ଟଙ୍କା ସହାୟତା ଦେବାସହ ସାଂନା ମୂଳକ ଭାବେ ବିଦ୍ଯୁତ ବିଭାଗର ଯନ୍ତ୍ରୀ ୧୦୦୦୦ ଟଙ୍କା ଦେବାସହ ବିଭାଗୀୟ ତରଫରୁ ସାହାଯ୍ୟ ସହୋଜୋଗ କରାଯିବ ବୋଲି ଜଣାଇ ଥିଲେ ।ଘଟଣା ସ୍ଥଳରେ ସବ ଇନିସ ପେକ୍ତର ପ୍ରଫୁଲ୍ଲ ପାତ୍ର ସହ ଅନ୍ୟ କର୍ମଚାରୀ ଉପସ୍ତିତ ଥିଲେ ।

# ବାଲିପାଟଣା ବଜାରରେ ହିନ୍ଦୁସ୍ଥାନ ର ନୂତନ ପେଟ୍ରୋଲ ପମ୍ପ ଉଦଘାଟିତ

ବାଲିପାଟଣା: ( ମହାଭାରତ) ବାଲିପାଟଣା ବ୍ଲକ ସରିପୁ ଠାରେ ନୂତନ ପେଟ୍ରୋଲ ପମ୍ପ ‘ଶ୍ରୀ ବାଲାଜୀ ଏନର୍ଜି ଷ୍ଟେସନ’ ଆଜି ଉଦଘାଟିତ ହୋଇଯାଇଛି । ନିମାପଡା – ସରଦେଇପୁର ରାଜ୍ୟ ରାଜପଥ ପାର୍ଶ୍ୱରେ କାର୍ଯ୍ୟକ୍ରମ ଏହି ନୂତନ ପେଟ୍ରୋଲ ପମ୍ପ ଦ୍ୱାରା ବାଲିପାଟଣା, ଅଠାନ୍ତର , ଚଣାହାଟ , ସରିପୁର, ଆଇତଲଙ୍ଗ , ବନମାଳିପୁର ଆଦି ଅଞ୍ଚଳର ଗ୍ରାହକମାନେ ଉପକୃତ ହୋଇପାରିବେ । ହିନ୍ଦୁସ୍ତାନ ପେଟ୍ରୋଲିୟମ ଦ୍ୱାରା କ୍ଷମତାପ୍ରାପ୍ତ ଏହି ଆଧୁନିକ ଫିଲିଙ୍ଗ ଷ୍ଟେସନରେ ଉତ୍ତମାନର ପେଟ୍ରୋଲ, ଡିଜେଲ ଓ ଲୁବ୍ରିକା□ ଉପଲବ୍ଧ ହେବା ସଙ୍ଗେସଙ୍ଗେ ଏଥି ସମ୍ପର୍କିତ ବିଭିନ୍ନ ସୁବିଧା ଗ୍ରାହକଙ୍କୁ ମାଗଣାରେ ଯୋଗାଇଦିଆଯିବବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ସୋମେନ୍ଦ୍ର କୁମାର ସାହୁ ମତ ପ୍ରକାଶ କରିଛନ୍ତି । ଗ୍ରାହକଙ୍କ ସନ୍ତୁଷ୍ଟିକୁ ଆମେ ସର୍ବଦା ଅଗ୍ରାଧିକାର ଦେବୁବୋଲି ଏହାର ମୁଖ୍ୟ ପରିଚାଳକ ସୌମେନ୍ଦ୍ର କୁମାର ସାହୁ ଉଦଘାଟନ ଅବସରରେ କହିଛନ୍ତି ।ବାଲିପାଟଣା ଥାନା ଭାରପ୍ରାପ୍ତ ଅଧିକାରୀ ଏହାକୁ ଉଦଘାଟନ କରିଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ଅଜିତ କୁମାର ପାଇକରାୟ ଓ ବାଲିପାଟଣା ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ବେଧଡକ ଭାବେ ଚାଲିଛି ଚୋରା ବାଲି ଚାଲାଣ

ଦାନଗଦି:( ମହାଭାରତ)-: ଯାଜପୁର ଜିଲ୍ଲା ଦାନଗଦି ତହସିଲ ରେ ଥିବା ପଙ୍କପାଳ ବାଲିଘାଟ ସବୁବେଳେ ଚର୍ଚ୍ଚାର ଶିରୋନାମା ରେ ରହି ଆସୁଛି । କିଛି ଦିନର ବିରାମ ପରେ ଏବେ ବାଲି ଲୁଟିଥିବା ପ୍ରତିଦିନ ଗଣମାଧ୍ୟମ ରେ ପ୍ରକାଶିତ ହେବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗ ର ମୁଖ୍ୟ ଜୟପ୍ରକାଶ ସାହୁ ପଙ୍କପାଳ ବାଲିଘାଟ ରେ ମେସିନ ସାହାଯ୍ୟରେ ଖନନ କରୁଥିବା ବେଳେ ଖଣି ଅଧିକାରୀ ଦାଇତ୍ୱ ରେ ଥିବା ଅଧିକାରୀ କହିଛନ୍ତି ।ଜଦି ମେସିନ ରେ ଖନନ କରିବା ପାଇଁ ସରକାରୀ ନିୟମରହିଛି ତେବେ ପୂର୍ବରୁ କାହିଁକି ମେସିନ ଓ ଗାଡ଼ି ଜବତ କରିବା ପରେ ଜଖପୁରା ଥାନା ରେ ଜିମା ଦେଇଥିଲେ ଯାହା କୁ ନେଇ ପ୍ରଶ୍ନ ଉଠିଛି । ମାତ୍ର ବାଲି ମାଫିଆ ମାନେ ଯେନତେନ ଉପାୟରେ ସରକାରଙ୍କୁ ଚକମା ଦେଇ ବାଲି ଉଠାଇବା ପାଇଁ ସବୁ ସମୟରେ ଯୋଜନା କରୁଛନ୍ତି । ନିକଟରେ ଥିବା ଚକୁଆ ଓ ଖପୁରିଆପଦା ବାଲିଘାଟ ରେ ବହୁ ବାଲି ମାଫିଆ ସକ୍ରିୟ ଥିବା ବେଳେ ସେମାନଙ୍କୁ ଅଣଦେଖା କରୁଥିବା ଦେଖିବାକୁ ମିଳିଛି ।ସୂଚନା ଥାଉ କି ଦାନଗଦି ତହସିଲ ଅଧିନସ୍ଥ ମାନତିରା ଆର ଆଇ ସର୍କଲ ରେ ଥିବା ପଙ୍କପାଳ ପଞ୍ଚାୟତ ରେ ଦୁଇଟି ବାଲିଘାଟ ରହିଛି । ଦିଲ୍ଲୀପ ସାହୁ ନାମକ ବ୍ୟକ୍ତି ବାଲିଘାଟ ୧ ରୁ ବାଲି ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିବାର କହୁଥିବା ବେଳେ ତାଙ୍କ ପାଖରେ ଆବଶ୍ୟକୀୟ କାଗଜ ପତ୍ର ନଥିବାରୁ ସେ ପୂର୍ବରୁ ଅନେକ ଥର ବାଲି ଉଠାଇବା ବନ୍ଦ କରିଛନ୍ତି । ଏହି ଘାଟଟି ଚାଷୀ ଘାଟ ଥିବାବେଳେ ଏଠାରୁ ବେଆଇନ ଭାବେ ବଡ ବଡ ମେସିନ ସାହାଯ୍ୟରେ ବାଲି ଉଠାଯାଉଥିବାର ପୂର୍ବରୁ ଦେଖିବାକୁ ମିଳୁଥିଲା । ବାଲି ଉଠାଯିବାର ର୍ନିଦ୍ଧିଷ୍ଟ ସମୟ ଦିଆ ଯାଇଥିଲେ ମଧ୍ୟ ତାହାକୁ ବେଖାତିର କରି ମନଇଚ୍ଛା ବାଲି ଉଠାଯାଉଥିବାର ଅଭିଯୋଗ ହୋଇଛି । ଏପରି ବେଆଇନ ବାଲି ଉଠାଇବାର ଖବର ବାରମ୍ବାର ପ୍ରକାଶ ପରେ ଲଘୁ ଖଣିଜ ବିଭାଗ ଗତ ଜୁଲାଇ ମାସ ୫ତାରିଖରେ ଘାଟରେ ପହ□ ବାଲିଘାଟ ୧ରୁ ଗୋଟିଏ ହିଟାଜୀ ମେସିନ ଓ ଗୋଟିଏ ହାଇବା ଗାଡିକୁ ଜବଦ କରିଥିଲେ । ଏହା ପରେ ମଧ୍ୟ ବାଲି ଉଠାଇବା ରେ ରୋକ୍ ଲାଗୁନଥିଲା । ପୁଣି ଲଘୁ ଖଣିଜ ବିଭାଗ ଜୁଲାଇ ୨୪ତାରିଖରେ ପହଞ୍ଚି ଘାଟ୧ ତାର ପରିସୀମା ବାହାରେ ବାଲି ଉଠାଉଥିବାର ଦେଖିବାକୁ ପାଇଥିଲେ । ଘାଟ୧ ର ଖାତା ନମ୍ବର ୨୯୪ ଓ ପ୍ଲଟ ନମ୍ବର ୧୦୮୯ ଥିବା ସ୍ଥାନକୁ ଖୁଣ୍ଟ ଦ୍ୱାରା ଚିହ୍ନଟ କରଯାଇଥିଲା । ଯାହାକି ପୂର୍ବରୁ ଘାଟ୧ ର ସ୍ଥାନ ଛାଡି ଘାଟ୨ ରୁ ବାଲି ଉଠାଯାଉଥିଲା । ଏସବୁ ପରେ ପଙ୍କପାଳ ବାଲିଘାଟ ୧ ରୁ ବାଲି ଉଠାଇବା ପାଇଁ ଲିଜ ପାଇଥିବା ଠିକାଦାର ଦିଲ୍ଲୀପ ସାହୁ ବାଲି ଉଠାଇବା ପାଇଁ ରାସ୍ତା ର୍ନିମାଣ କରି ବାଲି ଉଠାଉଥିବା ବେଳେ ଲଘୁ ଖଣିଜ ବିଭାଗ ପକ୍ଷରୁ ଚଢ଼ାଉ କରି ମେସିନ ଓ ଗାଡ଼ି ଜବତ କରିବା ପରେ ସେହି ସମୟରେ ଅନେକ ପ୍ରଶ୍ନ ଉଠୁଥିବା ଦେଖିବାକୁ ମିଳିଥିଲା । ଯେଉଁ ଘାଟରେ ମେସିନ ଜରିଆରେ ବାଲି ଉଠାଇବା ର ଅନୁମତି ନାହିଁ ସେଠାରେ କିପରି ମେସିନ ଦ୍ୱାରା ବାଲି ଉଠାଇବା ପାଇଁ ଅନୁମତି ମିଳିଲା ତାହା ସନ୍ଦେହ ଘେରରେ । ପୁର୍ବରୁ ଡଙ୍ଗା ମାଧ୍ୟମରେ ବାଲି ଉଠାଇବା ପାଇଁ ଯୋଜନା କରି ଘାଟରେ ଥିବାବେଳେ ଡିଡିଏମ ସିଜ୍ କରିଥିଲେ । ଯାହାଫଳରେ ଡଙ୍ଗା ଦ୍ୱାରା ଆଉ ବାଲି ଉଠାଯାଇ ପାରି ନଥିଲା । ସେହଦିନଠାରୁବାଲି ଉଠାଇବା ବନ୍ଦ ରହିଥିଲା କିଏ ପୁଣିଥରେ ବାଲିଘାଟ ୧ ଓ ୨ ରୁ ବାଲି ଉଠାଉଥିବା ବେଳେ ଲଘୁ ଖଣିଜ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ଯାହା କୁ ନେଇ ବିଭାଗୀୟ ଅଧିକାରୀ ଙ୍କ ପ୍ରତିକ୍ରିୟା କୁ ନେଇ ସଂନ୍ଦେହ ସୃଷ୍ଟି ହେଉଛି । ବହୁବାର ପଙ୍କପାଳ ବାଲିଘାଟକୁ ଡିଡିଏମ ଆସି ବେଆଇନ ବାଲି ଉଠାଇବା କାର୍ଯ୍ୟକୁ ରୋକ ଲଗାଇଥିଲେ ମଧ୍ୟ ତାହାକୁ ଖାତିର ନକରି ପୁଣିଥରେ ବେଆଇନ ବାଲି ଉଠାଇବା ପାଇଁ କିପରି ସାହାସ କରୁଛନ୍ତି ତାହା ତଦନ୍ତ ସାପେକ୍ଷ । ଏବେ ଦେଖିବକୁ ରହିଲା ପ୍ରଶାସନ ଏହାପରେ କି ପ୍ରକାର ପଦକ୍ଷେପ ନେଉଛି ।

## ମିଡିଆ ଆଡଭାଇଜରି ଜାରି କଲା ପ୍ରତିରକ୍ଷା ମନ୍ତ୍ରଣାଳୟ

ନୂଆଦିଲ୍ଲୀ : ବର୍ତ୍ତମାନର ସ୍ଥିତିକୁ ନେଇ ଲାଇଭ୍ କଭରେଜଠାରୁ ଦୂରରେ ରହିବାକୁ କହିଛି ପ୍ରତିରକ୍ଷା ମନ୍ତ୍ରଣାଳୟ । ଗୁରୁବାର ମନ୍ତ୍ରଣାଳୟ ଦେଶର ପ୍ରତ୍ୟେକ ମିଡିଆ ଆଉଟଲେଟ୍, ଡିଜିଟାଲ ପ୍ଲାଟ'ର୍ମ ଏବଂ ଡିଜିଟାଲ ପ୍ଲାଟ'ର୍ମ ପାଇଁ ଆଡଭାଇଜରି ଜାରି କରିଛନ୍ତି । ଲାଇଭ କଭରେଜ ଠାରୁ ଆରମ୍ଭ କରି ଡି'ନ୍ସ ଅପରେସନର ରିୟଲ ଟାଇମ ରିପୋର୍ଟିଂ, ଟ୍ରୁପ୍ ମୁଭମେଣ୍ଟକୁ କ୍ୟାମେରାରେ କଏଦ ନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରିଛନ୍ତି । ଏହାସହିତ ସେନାର 'ଟୋ, ଭିଡିଓ ଅପଲୋଡ କରିବାକୁ ମନା କରିଛି ମନ୍ତ୍ରଣାଳୟ । ପୂର୍ବରୁ ଟିଭି ଏବଂ ଡିଜିଟାଲ ପ୍ଲାଟ'ର୍ମକୁ ଜାତୀୟ ସୁରକ୍ଷା ନେଇ କିଛି ବି ଦେଖାଇବାକୁ ମନା କରିଥିଲା ମନ୍ତ୍ରଣାଳୟ। ଲାଇଭ ଷ୍ଟ୍ରିମିଂ ଯୋଗୁଁ ଭାରତର ବଡ଼ କ୍ଷତି ହୋଇପାରେ । ପୂର୍ବରୁ ହୋଇଥିବା କାର୍ଗିଲ ଯୁଦ୍ଧ, ୨୬/୧୧ ଆକ୍ରମଣ, କାନ୍ଦାହାର ହାଇଜ୍ୟାକ୍ ଭଳି ଘଟଣାରେ ଭାରତର ବଡ଼ କ୍ଷତି ହେବାର ମୁଖ୍ୟ କାରଣ ହେଉଛି ଲାଇଭ୍ ଷ୍ଟିମିଂ ।

## ପାକିସ୍ତାନକୁ ୧ ବିଲିୟନ ଡଲାର ଲୋନ୍ ଦେଲା ଆଇଏମଏଫ୍ !

ନୂଆଦିଲ୍ଲୀ: ଆଇଏମଏଫ୍ ଶୁକ୍ରବାର ପାକିସ୍ତାନକୁ ୧ ବିଲିୟନ ଅମେରିକୀୟ ଡଲାରର କିସ୍ତି ଜାରି କରିବା ପାଇଁ ମଞ୍ଜୁରି ଦେଇଛି । ଏକ୍ସଟେଣ୍ଡେଡେଡ୍ ଫଣ୍ଡ ଫ୍ୟାସିଲିଟି ଅଧିନରେ ପାକିସ୍ତାନକୁ ଏହି କିସ୍ତି ମିଳିବ । ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ସୂଚନା ଦେଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ ଭାରତର ବିରୋଧ ସତ୍ତ୍ୱେ, ଓଗର ଏକ ବିଲିୟନ ଡଲାରର ବର୍ଦ୍ଧିତ ଋଣକୁ ମଞ୍ଜୁରି କରିଛି । ସେ ଆହୁରି କରିଛି ଯେ ପାକିସ୍ତାନର ଆର୍ଥିକ ଅବସ୍ଥା ଉନ୍ନତ ହୋଇଛି ଏବଂ ଦେଶ ବିକାଶ ଆଡକୁ ଅଗ୍ରସର ହେଉଛି । ଭାରତ ଏକପାଖିଆ ଆକ୍ରମଣ ମାଧ୍ୟମରେ ଆମ ଦେଶର ବିକାଶରୁ ଧ୍ୟାନ ହଟାଇବାକୁ ଷଡ଼ଯନ୍ତ୍ର କରୁଛି । ଏହା ପୂର୍ବରୁ ଭାରତ ଆଇଏମ୍ ?ଏଫ ଦ୍ୱାରା ପ୍ରସ୍ତାବିତ ୧.୩ ବିଲିୟନ ଡଲାର ବେଲ୍ ?ଆଉଟ୍ ପ୍ୟାକେଜ ଉପରେ ମତଦାନରୁ ଓହରିଥିଲା । ଅର୍ଥ ବିନିଯୋଗରେ ଇସଲାମାବାଦର ଟ୍ରାକ୍ ରେକର୍ଡ ଖରାପ ଥିବା ଭାରତ କହିଥିଲା । ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହିତ କରିଚାଲିଛି । ଯଦି ତାକୁ ଋଣ ଦିଆଯାଏ, ତେବେ ଆର୍ଥିକ ଏଜେନ୍ସି ଏବଂ ଋଣଦାତାଙ୍କ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହୁଏ ବୋଲି ଭାରତ କହିଥିଲା । ଭାରତ ଏହା ମଧ୍ୟ କହିଛି ଯେ ପାକିସ୍ତାନ ୧୯୮୯ ମସିହାରୁ କ୍ରମାଗତ ଭାବରେ ଆଇଏମ୍ ?ଏଫରୁ ପାଣ୍ଠି ପାଇ ଆସୁଛି । କିନ୍ତୁ ଏହାକୁ ସଠିକ୍ ଭାବରେ ବ୍ୟବହାର କରାଯାଉ ନାହିଁ । ଏହା ବ୍ୟତୀତ, ପାକିସ୍ତାନ ସେନାର ଅର୍ଥନୈତିକ ବ୍ୟାପାରରେ ଅତ୍ୟଧିକ ହସ୍ତକ୍ଷେପ ଅଛି । ଏହି କାରଣରୁ, ଉନ୍ନତି ପାଇଁ ଦିଆଯାଇଥିବା ଋଣର ଅପବ୍ୟବହାର ହେବାର ଆଶଙ୍କା ଅଧିକ ରହିଛି । ଭାରତ ଓଗରକୁ ଏହା ମଧ୍ୟ କହିଛି ଯେ ପାକିସ୍ତାନ ଗତ ୩୫ ବର୍ଷ ମଧ୍ୟରେ ୨୮ ଥର ଓଗର ଠାରୁ ସାହାଯ୍ୟ ନେଇଛି । ତାର ଏହି ଟ୍ରାକ୍ ରେକର୍ଡ ବହୁତ ଖରାପ । ଯଦି ପୂର୍ବରୁ ଦିଆଯାଇଥିବା ଋଣକୁ ସଠିକ୍ ଭାବରେ ବ୍ୟବହାର କରାଯାଇଥାନ୍ତା, ତେବେ ପାକିସ୍ତାନକୁ ବାରମ୍ବାର ସାହାଯ୍ୟର ଆବଶ୍ୟକତା ପଡ଼ିନଥାନ୍ତା ।

## ପଞ୍ଜୀକୃତ କର୍ମଚାରୀଙ୍କୁ ଡାକିବା ପାଇଁ ସେନା ମୁଖ୍ୟଙ୍କୁ କ୍ଷମତା

ନୂଆଦିଲ୍ଲୀ : ଭାରତର ବର୍ଦ୍ଧିତ ସାମରିକ ପ୍ରସ୍ତୁତିକୁ ପ୍ରତିଫଳିତ କରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ପୂର୍ବକ ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନ ସହିତ ଉତ୍ତର ଏବଂ ପଶ୍ଚିମ ସୀମାରେ ବଢୁଥିବା ଉତ୍ତେଜନା ମଧ୍ୟରେ ସମ୍ପୂର୍ଣ୍ଣ ଆଞ୍ଚଳିକ ସେନାକୁ ଜରୁରୀ କାର୍ଯ୍ୟ ଏବଂ ନିୟୋଜିତ କରିବା ପାଇଁ ସେନା ମୁଖ୍ୟଙ୍କ କ୍ଷମତାକୁ ବିସ୍ତାର କରିଛି। କେନ୍ଦ୍ର ସରକାର ସେନା ମୁଖ୍ୟଙ୍କୁ ୨୦୨୮ ପର୍ଯ୍ୟନ୍ତ ଉତ୍ତର, ପଶ୍ଚିମ ଏବଂ ପୂର୍ବ କମାଣ୍ଡରେ ନିୟୋଜିତ ହେବା ପାଇଁ କ୍ଷେତ୍ରୀୟ ସେନାର ୧୪ ପଦାତିକ ବାଟାଲିୟନକୁ ଡାକିବା ପାଇଁ କ୍ଷମତା ଦେଇଛନ୍ତି। କ୍ଷେତ୍ରୀୟ ସେନା ନିୟମ ୧୯୪୮ ନିୟମ ୩୩ ଅନୁଯାୟୀ ଜାରି ହୋଇଥିବା ୬ ମେ' ୨୦୨୫ ତାରିଖର ଏକ ବିଜ୍ଞପ୍ତି ଅନୁଯାୟୀ, ସରକାର ଆବଶ୍ୟକ ଅନୁସାରେ ଆଞ୍ଚଳିକ ସେନାର ପ୍ରତ୍ୟେକ ଅଧିକାରୀ ଏବଂ ପଞ୍ଜୀକୃତ କର୍ମଚାରୀଙ୍କୁ ଡାକିବାକୁ ସେନା ମୁଖ୍ୟଙ୍କୁ ଅଧିକାର ଦେଇଛନ୍ତି, ଗାର୍ଡ ଡ୍ୟୁଟି ପାଇଁ କିମ୍ବା ନିୟମିତ ସଶସ୍ତ୍ର ବାହିନୀକୁ ସମର୍ଥନ ଏବଂ ପରିପୂରକ କରିବା ପାଇଁ ଏହି କ୍ଷମତା ପ୍ରଦାନ କରିଛନ୍ତି। ନିର୍ଦ୍ଦେଶନାମାଟି ଭାରତୀୟ ସେନାର ସମସ୍ତ ପ୍ରମୁଖ କମାଣ୍ଡରେ – ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ରୀୟ, ଉତ୍ତର, ଦକ୍ଷିଣ ପଶ୍ଚିମ, ଆଣ୍ଡାମାନ ଏବଂ ନିକୋବର ଏବଂ ସେନା ତାଲିମ କମାଣ୍ଡ ସମେତ – ୩୨ ପଦାତିକ ବାଟାଲିଅନ ମଧ୍ୟରୁ ୧୪ଟିକୁ ନିୟୋଜିତ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଅନୁମୋଦନ କରିଛି। ତଥାପି ବଜେଟ୍ ବ୍ୟବସ୍ଥାର ଉପଲବ୍ଧତା ଉପରେ ଗୁରୁତ୍ୱ ଦିଆଯିବ। ଯେଉଁ କ୍ଷେତ୍ରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ବ୍ୟତୀତ ଅନ୍ୟ ମନ୍ତ୍ରଣାଳୟଗୁଡ଼ିକ ଦ୍ୱାରା ନିୟୋଜିତ ହେବା ପାଇଁ ଅନୁରୋଧକପ କରାଯାଏ, ସେ କ୍ଷେତ୍ରରେ ଖର୍ଚ୍ଚ ଅନୁରୋଧକାରୀ ମନ୍ତ୍ରଣାଳୟଗୁଡ଼ିକ ଦ୍ୱାରା ବହନ କରାଯିବ।

# ତୁର୍କି ଡ୍ରୋନ୍ ଦ୍ୱାରା ୩୬ ସ୍ଥାନକୁ ଟାର୍ଗେଟ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ : ଅପରେଶନ 'ସିନ୍ଦୂର'ର ଜବାବ ଦେବାକୁ ଯାଇ ପାକିସ୍ତାନ ଗୁରୁବାର ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଏହାକୁ ଭାରତ ବିଫଳ କରିଥିଲା। ତେବେ ପାକିସ୍ତାନ ତୁର୍କୀ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିଥିବା ଶୁକ୍ରବାର ଗରଇ ର ଏକ ପ୍ରେସ ବ୍ରିଫିଂରେ କର୍ଣ୍ଣେଲ ସୋଫିଆ କୁରେଶୀ କହିଛନ୍ତି। ତେବେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିବା ସହ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଥିବା ସେ ସ୍ପଷ୍ଟ କରିଛନ୍ତି। କର୍ଣ୍ଣେଲ ସୋଫିଆ କହିଛନ୍ତି ଯେ, ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ ସୀମାର ୩୬ଟି ସ୍ଥାନରେ ୩୦୦ ରୁ ୪୦୦ ଡ୍ରୋନ ବ୍ୟବହାର କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରାଯାଇଥିଲା।



ଭାରତ ସେଗୁଡ଼ିକୁ ଖସାଇ ଦେଇଥିଲା। ଏହାର ଉଦ୍ଦେଶ୍ୟ ଗୁପ୍ତ ସୂଚନା ସଂଗ୍ରହ କରିବା ଥିଲା । ଭଗ୍ନାବଶେଷ ଯାଞ୍ଚ କରାଯାଇଥିଲା। ସେଗୁଡ଼ିକ ତୁର୍କୀର ଡ୍ରୋନ। ପାକିସ୍ତାନ ଏହି ଡ୍ରୋନ ବ୍ୟବହାର କରିଥିଲା। ତେବେ ପାକିସ୍ତାନ ବେସାମରିକ ବିମାନକୁ ଢାଲ ଭାବରେ ବ୍ୟବହାର କରୁଛି। ଏହା ଅନ୍ତର୍ଜାତୀୟ ଉଡାଣ ସମେତ ବେସାମରିକ ବିମାନ ପାଇଁ ନିରାପଦ ନୁହେଁ। କରାଚୀ ଏବଂ ଲାହୋର ରୁଟ୍ ?ରେ ବେସାମରିକ ବିମାନ ଉଡ଼ାଣ କରୁଛି। ଏଥିଯୋଗୁ ଭାରତୀୟ ସେନା ବହୁତ ସଂଯମତା ଦେଖାଇଥିବା ସେ କହିଛନ୍ତି। ସେହିଭଳି ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି, "ପାକିସ୍ତାନୀ ଆକ୍ରମଣର ଜବାବରେ, ଚାରୋଟି ପାକିସ୍ତାନୀ ବାୟୁ ପ୍ରତିରକ୍ଷା ସ୍ଥଳ ଉପରେ ସଶସ୍ତ୍ର ଡ୍ରୋନ ଗୁଳି କରାଯାଇଥିଲା। ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ଗୋଟିଏ ଏଡି ରାଡାରକୁ ନଷ୍ଟ କରିବାରେ ସକ୍ଷମ ହୋଇଥିଲା। ପାକିସ୍ତାନ ମଧ୍ୟ ଭାରୀ କ୍ୟାଲିବର ବନ୍ଧୁକ ଏବଂ ସଶସ୍ତ୍ର ଡ୍ରୋନ ବ୍ୟବହାର କରି ନିୟନ୍ତ୍ରଣ ରେଖା ପାର ଗୁଳି ଚଳାଇଥିଲା, ଯାହା ଫଳରେ କିଛି ଭାରତୀୟ ସେନା କର୍ମଚାରୀଙ୍କ ମୃତ୍ୟୁ ଏବଂ ଆହତ ହୋଇଛି। ତେବେ ଭାରତର ପ୍ରତି ଆକ୍ରମଣରେ ପାକିସ୍ତାନୀ ସେନାର ମଧ୍ୟ ପ୍ରବଳ କ୍ଷତି ହୋଇଛି। କମାଣ୍ଡର ବ୍ୟୋମିକା କହିଛନ୍ତି, "ପାକିସ୍ତାନ ୭ ମଇ ରାତି ୮:୩୦ ରେ ଏକ ଅସଫଳ ଅପ୍ରରୋଚନାମୂଳକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିବା ସତ୍ତ୍ୱେ ତାର ବେସାମରିକ ଆକାଶ ସୀମା ବନ୍ଦ କରି ନ ଥିଲା। ପାକିସ୍ତାନ ବେସାମରିକ ବିମାନକୁ ଢାଲ ଭାବରେ ବ୍ୟବହାର କରୁଛି। ଅପରପକ୍ଷେ ଆମର ଘୋଷିତ ବନ୍ଦ ଯୋଗୁ ଭାରତ ପାର୍ଶ୍ୱର ଆକାଶପଥ ସମ୍ପୂର୍ଣ୍ଣ ଭାବରେ ବେସାମରିକ ବିମାନ ଚଳାଚଳରୁ ମୁକ୍ତ ରହିଛି। କରାଚୀ ଏବଂ ଲାହୋର ମଧ୍ୟରେ ବିମାନ ରୁଟ୍ ?ରେ ବେସାମରିକ ବିମାନ ଉଡ଼ାଣ କରୁଛି। ଭାରତୀୟ ବାୟୁସେନା ଏହାର ପ୍ରତିକ୍ରିୟାରେ ବହୁତ ସଂଯମତା ଦେଖାଇଛି, ଆନ୍ତର୍ଜାତୀୟ ବେସାମରିକ ବାହକମାନଙ୍କର ସୁରକ୍ଷା ସୁନିଶ୍ଚିତ କରିଛି। ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ପାକିସ୍ତାନ ସାମରିକ ଏବଂ ବେସାମରିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଜବାବ ଦେଇଥିଲା।

## ଜୈସେଲମେର-ବାଡ଼ମେରରେ ସଂପୂର୍ଣ୍ଣ ବ୍ଲାକଆଉଟ୍



ନୂଆଦିଲ୍ଲୀ : ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ସୀମାବର୍ତ୍ତୀ ଜିଲ୍ଲାକୁ ହାଇ ଆଲର୍ଟ ରହିଛି। ତେଣୁ ଜୈସେଲମେର ଜିଲ୍ଲା ପ୍ରଶାସନ ବର୍ତ୍ତମାନ ସ୍ଥିତିକୁ ଦେଖି ଗାଇଡଲାଇନ ଜାରି କରିଛି । ଜିଲ୍ଲାପାଳଙ୍କ ଆଦେଶନୁସାରେ ଆଜି ଜିଲ୍ଲାର ସମସ୍ତ ବଜାର ୫ଟାରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବ୍ଲାକଆଉଟ ପାଇଁ ଘୋଷଣା କରାଯାଇଛି । ଆଗାମୀ ଆଦେଶ ପର୍ଯ୍ୟନ୍ତ ଜିଲ୍ଲାର କୋଚିଂ ସେଣ୍ଟର, ଲାଇବ୍ରେରୀ ଏବଂ ହଷ୍ଟେଲକୁ ମଧ୍ୟ ବନ୍ଦ କରିବାକୁ ଘୋଷଣା କରାଯାଇଛି । ଏହାସହିତ ସରକାରୀ ଏବଂ ପ୍ରାଇଭେଟ ସ୍କୁଲର ଛୁଟି ଘୋଷଣା କରାଯାଇଛି । ଜୈସେଲମେରରେ ସନ୍ଧ୍ୟା ୫:୦୦ ପରେ ସମସ୍ତ ଦୋକାନ ଓ ବଜାର ବନ୍ଦ ରହିବ । ବ୍ଲାକ୍ ଆଉଟ୍ ସମୟରେ ଯାନବାହାନ ଚଳାଚଳ ଓ ଆତିଶବାଜୀ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ରହିବ । ଜିଲ୍ଲା ପ୍ରଶାସନ କଠୋର ନିର୍ଦ୍ଦେଶନାମା ଜାରି କରିଛି । ବାଡ଼ମେରରେ ପ୍ରତିରକ୍ଷା ଅଞ୍ଚଳର ୫ କିଲୋମିଟର ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ବନ୍ଦ ରହିବ। ଆତିଶବାଜୀ ଓ ପଟାକା ବ୍ୟବହାର ଉପରେ ମଧ୍ୟ କଟକଣା ଲାଗୁ ହେବ।

## ୧୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ : ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦେଖି ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ରାଷ୍ଟ୍ରୀୟ ବିମାନ ବନ୍ଦରରେ ୧୦୦ରୁ ଅଧିକ ଉଡ଼ାଣ ରଦ୍ଦ ହୋଇଛି । ଦିଲ୍ଲୀ ଏୟାରପୋର୍ଟର ଅଧିକାରୀ ଯାତ୍ରୀଙ୍କୁ ସମସ୍ତ ବ୍ୟାଗେଜ ନିୟମ ପାଳନ କରିବା ଏବଂ ସୁରକ୍ଷା କର୍ମଚାରୀଙ୍କ ସହିତ ସହଯୋଗ କରିବା ପାଇଁ ଆଡଭାଇଜରି ଜାରି କରାଯାଇଛି। ଦିଲ୍ଲୀ ଏୟାରପୋର୍ଟ ଅନୁସାରେ, ବିଭିନ୍ନ ଦେଶକୁ ଯାଉଥିବା ୫ଟି ବିମାନ ଉଡ଼ାଣକୁ ରଦ୍ଦ କରାଯାଇଛି । ସେହିପରି ବିଦେଶରୁ ଦିଲ୍ଲୀକୁ ଆସୁଥିବା ୪ଟା ବିମାନ ରଦ୍ଦ କରାଯାଇଛି । ଦିଲ୍ଲୀରୁ ଦେଶର ବିଭିନ୍ନ ସ୍ଥାନରୁ



ଆସିବାକୁ ଥିବା ୬୩ ଘରୋଇ ବିମାନ ଉଡ଼ାଣ ରଦ୍ଦ କରାଯାଇଛି । ଦିଲ୍ଲୀରୁ ବିଭିନ୍ନ ସ୍ଥାନକୁ ଉଡ଼ିବାକୁ ଥିବା ୬୬ ବିମାନ ଉଡ଼ାଣ ବାତିଲ ହୋଇଛି। ସୋସିଆଲ ମିଡିଆରେ ଏକ ପୋଷ୍ଟ ଜାରି କୁହାଯାଇଛି କି, ଏୟାରପୋର୍ଟରେ ପରିଚାଳନ ସାମାନ୍ୟ ରହିଥିବା ବେଳେ କିଛି ବିମାନ ବାତିଲ ହୋଇଛି । ତେଣୁ ଘରୁ ବାହାରିବା ପୂର୍ବରୁ ଏୟାରଲାଇନ୍ସ କମ୍ପାନୀ ସହିତ ଯୋଗଯୋଗ କରି ସୂଚନା ପାଆନ୍ତୁ । ହେଲପଲାଇନ ନମ୍ବରରୁ କଲ୍ କରନ୍ତୁ, ଗୁଜବ ଉପରେ ଧ୍ୟାନ ଦିଅନ୍ତୁ ନାହିଁ ।

## ଫତେହ-୧ କ୍ଷେପଣାସ୍ତ୍ର ମାଡ଼ କଲା ପାକିସ୍ତାନ

ନୂଆଦିଲ୍ଲୀ: ପାକିସ୍ତାନର ଆଉ ଏକ ବଡ଼ ଆକ୍ରମଣ ବିଫଳ । ଫତେହ-୧ କ୍ଷେପଣାସ୍ତ୍ର ସାହାଯ୍ୟରେ ଭାରତ ଉପରେ ଆକ୍ରମଣ କରିଛି ପାକିସ୍ତାନ । ତେବେ ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାକିସ୍ତାନୀ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଧ୍ୱଂସ କରିଛି । ଫତେହ-୧ ଏକ ବାଲିଷ୍ଟିକ୍ ମିସାଇଲ୍ ଓ ଏହା ଅତ୍ୟନ୍ତ ଘାତକ ବୋଲି କୁହାଯାଏ । ପାକିସ୍ତାନର ଫତେହ-୧ ହେଉଛି ଏକ ଗାଇଡେଡ୍ ମଲ୍ଟିପଲ୍ ଲଞ୍ଚ ରକେଟ୍ ସିଷ୍ଟମ । ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୧୪୦ କିଲୋମିଟର । ଫତେହ-୧ ବିଭିନ୍ନ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ମଧ୍ୟ ସକ୍ଷମ। ଏହି କ୍ଷେପଣାସ୍ତ୍ରକୁ ଟ୍ରକ୍-ଆଧାରିତ ଲଞ୍ଚରରୁ ଲଞ୍ଚ୍ କରାଯାଇଥାଏ ।

## ଦେଶରେ ମହଜୁଦ ଅଛି ରନ୍ଧନ ଗ୍ୟାସ ଓ ଇନ୍ଧନ: ଆଇଓସିଏଲ

ନୂଆଦିଲ୍ଲୀ : ରନ୍ଧନ ଗ୍ୟାସ ଓ ଇନ୍ଧନ ଦେଶରେ ମହଜୁଦ ଅଛି । ଯାହାକୁ ନେଇ ବର୍ତ୍ତମାନ ଏକ ଗୁଜବ ଖବର ପ୍ରଚାର ହେଉଛି । ଆତଙ୍କିତ ହୋଇ କିଣିବାର କୌଣସି ଆବଶ୍ୟକତା ନାହିଁ । ମେ ୯ ଶୁକ୍ରବାର ଅର୍ଥାତ୍ ଆଜି ସକାଳ ୫.୧୨ ମିନିଟରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଲା ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ । ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ରନ୍ଧନ ଗ୍ୟାସ ଓ ଇନ୍ଧନ କିଣିବାକୁ ଲୋକଙ୍କ ବ୍ୟସ୍ତତା ଦେଖି ସ୍ପଷ୍ଟ କଲା ଆଇଓସିଏଲ । ଦେଶ ସାରା ରନ୍ଧନ ଗ୍ୟାସ ଓ ଇନ୍ଧନ ପ୍ରଚୁର ଭାବେ ମହଜୁଦ ଅଛି । ସମସ୍ତ





ଆଉଟଲେଟରେ ଇନ୍ଧନ ଓ ଏଲପିଜି ସହଜରେ ଉପଲବ୍ଧ ହେଉଛି । ଇଣ୍ଡିଆନ ଅଏଲର ଯୋଗାଣ ଲାଇନ ସୁଗମ ଭାବେ କାର୍ଯ୍ୟରେ ନିୟୋଜିତ ଅଛି ବୋଲି ପୋଷ୍ଟ କରି ସ୍ପଷ୍ଟ କରିଛି ଆଇଓସିଏଲ। ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଭାରତର ସବୁଠାରୁ ନାମିଦାମୀ ଇନ୍ଧନ କମ୍ପାନୀ ମଧ୍ୟରୁ ଗୋଟିଏ । ଲୋକଙ୍କ ଆତଙ୍କିତତାକୁ ଦେଖିବା ପରେ ଏହାର ପ୍ରସ୍ତୁତିକୁ କେବଳ ସେ ଜଣାଇନାହିଁ । ବରଂ ଲୋକମାନେ ସେମାନଙ୍କର ବୁଝାମଣାକୁ ଠିକ୍ ରଖିବା ପାଇଁ ଅନୁରୋଧ କରିଛି ଆଇଓସିଏଲ । ଭୁଲ ବୁଝାମଣା ପାଇଁ ଆବଶ୍ୟକ ସମୟରେ ଯେପରି ଗ୍ୟାସ ବ୍ୟବସ୍ଥାରେ କୌଣସି ପ୍ରଭାବ ନପଡେ । ଆଉ ଦେଶବାସୀମାନେ ମଧ୍ୟ ଯେମିତି ଅସୁବିଧାରେ ନପଡନ୍ତି । ସେଥିପାଇଁ ସମସ୍ତଙ୍କୁ ସଚେତନ ରହିବାକୁ ମଧ୍ୟ ପରାମର୍ଶ ଦେଇଛି । ଇଣ୍ଡିଆନ ଅଏଲ କମ୍ପାନୀ ଲୋକମାନଙ୍କୁ ଗୁଜବ ଖବରର ପ୍ରଚାରକୁ ବିଶ୍ୱାସ ନକରିବାକୁ କହିଛି । ଏହାର ସଠିକ୍ ଖବର ପାଇବା ପାଇଁ ଏହାର ଅଫିସିଆଲ ୱେବସାଇଟକୁ ଯାଇ ଯାଞ୍ଚ କରିପାରିବେ ବୋଲି ସୂଚନା ଦେଲେ ଆଇଓସିଏଲ କମ୍ପାନୀ ।

## ଜମ୍ମୁ ଉପରେ ପୁଣି ବଡ଼ ଆଟାକ କଲା ପାକିସ୍ତାନ

ଜମ୍ମୁ : ଜମ୍ମୁ ଓ କଶ୍ମୀରରେ ପୁଣି ବଡ଼ ଡ୍ରୋନ ଆଟାକ୍ ? କରିଛି ପାକିସ୍ତାନ। ଜମ୍ମୁରେ ସମ୍ପୂର୍ଣ୍ଣ ବ୍ଲାକଆଉଟ ଜାରି କରାଯାଇଛି। ଏହା ସହିତ ସାଇରନର ଶବ୍ଦ ଶୁଣାଯାଇଥିବା ବେଳେ ଅତି କମରେ ଦୁଇଟି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ସୂଚନା ଅନୁଯାୟୀ, ପାକିସ୍ତାନ ସୈନ୍ୟ ଶୁକ୍ରବାର ରାତିରେ ଜମ୍ମୁର ସାତୱାରୀ, ସାମ୍ବା, ଆରଏସ ପୁରା ଓ ଅର୍ନିଆ ଅଞ୍ଚଳରେ ମିସାଇଲ ଓ ଡ୍ରୋନ ଆକ୍ରମଣର ଚେଷ୍ଟା କରିଛନ୍ତି। ଏହି ଆକ୍ରମଣ ମୁଖ୍ୟତଃ ଜମ୍ମୁ ବିମାନବନ୍ଦର ଓ ଅନ୍ୟାନ୍ୟ ସାମରିକ ସ୍ଥାନକୁ ଟାର୍ଗେଟ କରାଯାଇଛି। ତେବେ, ଭାରତୀୟ ବାୟୁ ପ୍ରତିରକ୍ଷା ବାହିନୀ ଏହାକୁ ସଫଳତାର ସହ ବିଫଳ କରିଛି। ଏହି ଘଟଣା ପରେ ଜମ୍ମୁରେ ସମ୍ପୂର୍ଣ୍ଣ ବ୍ଲାକଆଉଟ ଜାରି କରାଯାଇଛି ଏବଂ ସାଇରନ ବଜାଇ ଲୋକଙ୍କୁ ସତର୍କ କରାଯାଇଛି। ପାକିସ୍ତାନ ଦ୍ୱାରା ସୀମା ପାରରୁ ଅସ୍ତ୍ରବିରତି ଉଲ୍ଲଂଘନର ନୂତନ ଘଟଣା ସାମ୍ନାକୁ ଆସିଛି । ଶୁକ୍ରବାର ସନ୍ଧ୍ୟାରେ ଉରି ସେକ୍ଟରରେ ପ୍ରବଳ ଗୁଳିବର୍ଷା ଆରମ୍ଭ କରିଦେଇଛି ପାକିସ୍ତାନ, ଯାହା ଫଳରେ ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଏହା ପରେ, ପାକିସ୍ତାନ ପୁଞ୍ଚ ଏବଂ କୁପୱାଡା ସେକ୍ଟରରେ ମଧ୍ୟ ସୀମା ପାର କରି ଗୁଳି ଚଳାଇଛି । ସୀମା ଆରପାରିରୁ ମୋର୍ଟାର ମାଡ଼ କରାଯାଇଛି । ସେନା ସୂତ୍ର ଅନୁଯାୟୀ, ପାକିସ୍ତାନ ଦ୍ୱାରା ଜାଣିଶୁଣି ସାଧାରଣ ନାଗରିକ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରାଯାଉଛି ।

# ପାକିସ୍ତାନଠାରୁ ପିଓକେକୁ ଛଡ଼ାଇ ଆଣିବ ଭାରତ: ଟ୍ରମ୍ପଙ୍କ ସମର୍ଥନ

ନୂଆଦିଲ୍ଲୀ : ପାକ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରି ବାୟୁସେନା କୋଟି କୋଟି ଭାରତୀୟଙ୍କ ଇଚ୍ଛା ପୂରଣ କରିବାର ପଥ ପରିଷ୍କାର କରିଛି। କହିବାର ତାତ୍ପର୍ଯ୍ୟ ଭାରତ ଆରମ୍ଭରୁ କହିଆସୁଛି ଯେ ପିଓକେ ମଧ୍ୟ ଆମର ଅଂଶ, ଯାହା ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଅଧିକୃତ। ପିଓକେକୁ ଭାରତରେ ସାମିଲ କରିବା ପାଇଁ ବହୁ ଦିନ ଧରି ଦାବି ହୋଇଆସୁଛି। ସଂସଦ ଭିତରେ ହେଉ କିମ୍ବା ଅନ୍ୟ କୌଣସି ନିର୍ବାଚନୀ ମଇଦାନ... ପ୍ରତ୍ୟେକ ମଞ୍ଚରେ, ପାକ ଅଧିକୃତ କାଶ୍ମୀରକୁ ଫେରାଇ ଆଣିବା ପ୍ରସଙ୍ଗ ଉଠାଯାଇଛି। ଏବେ ଯେହେତୁ ଭାରତୀୟ ବାୟୁସେନା ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ, ଅପରେସନ 'ସିନ୍ଦୂର' ଚଳାଇ ପାକିସ୍ତାନରେ ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଦେଇଛି – ଯେଉଁଥିରେ ପାକ ଅଧିକୃତ କାଶ୍ମୀରରେ ଦୁଇଟି ଅନ୍ତର୍ଭୁକ୍ତ – ପିଓକେକୁ ଘରକୁ ଫେରାଇ ଆଣିବାର ପଥ ପ୍ରଶସ୍ତ ହୋଇଥିବା ପରି ମନେ ହେଉଛି। ଦେଶର ଏହି ମିଶନ ସହିତ ଜନସାଧାରଣଙ୍କ ଭାବନା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସୂଚାଇ ଦେଇଛନ୍ତି ଯେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ପାକିସ୍ତାନକୁ ସମର୍ଥନ କରାଯାଇପାରିବ ନାହିଁ। ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ବନ୍ଧୁତା ପୁଣି ଥରେ ଫଳ ପ୍ରଦାନ କରୁଥିବା ପରି ମନେ ହେଉଛି। ଏହାର ଅର୍ଥ ହେଉଛି ପାକିସ୍ତାନ ପ୍ରତ୍ୟେକ କ୍ଷେତ୍ରରେ ଅସହାୟ ହୋଇପଡ଼ିଛି। ଭାରତ ଏହାର ସୁଯୋଗ ନେବା ଉଚିତ। ଏହାକୁ ଏକ ସଂଯୋଗ ବୋଲି ବିବେଚନା କରାଯିବା ଉଚିତ ଯେ ବାଲାକୋଟ ଆକ୍ରମଣ ସମୟରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିଲେ ଏବଂ ବର୍ତ୍ତମାନ ଅପରେସନ ସିନ୍ଦୂର ସମୟରେ ଟ୍ରମ୍ପ ଆମେରିକାରେ ଶାସନ କ୍ଷମତାରେ ଅଛନ୍ତି। ଏବେ ପ୍ରଥମ ଥର ପାଇଁ ଭାରତ ପାକିସ୍ତାନର ପ୍ରାୟ ୧୦୦ କିଲୋମିଟର ଭିତରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଛି, ଏହା ଭାରତର ବର୍ଦ୍ଧିତ ଶକ୍ତିର ପ୍ରତୀକ। ଏହି ଆକ୍ରମଣ ପୂର୍ବରୁ ପାକିସ୍ତାନ ଆତ୍ମସମର୍ପଣ କରିଛି। ପାକିସ୍ତାନ ଆଜିକାଲି ଅନେକ ସମସ୍ୟାରେ ଘେରି ରହିଛି। ବେଲୁଚିସ୍ତାନରେ ସ୍ୱାଧୀନତା ଦାବି ଜୋର ଧରିଛି। ସେ ଆର୍ଥିକ ଦୃଷ୍ଟିରୁ ଗରିବ। ଭାରତ ସହିତ ଲଢ଼ିବାକୁ ହେଲେ, ତାକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଋଣ କିସ୍ତି ମାଗିବାକୁ ପଡିବ। ଆମେରିକା ହସ୍ତକ୍ଷେପ କରିବାକୁ ମନା କରିଦେଇଛି। କେବଳ ଫ୍ରାନ୍ସ ଏବଂ ରୁଷିଆ ନୁହେଁ ବରଂ ଚାଇନା ମଧ୍ୟ ଆତଙ୍କବାଦକୁ ସମର୍ଥନ କରିବାକୁ ମନା କରିଦେଇଛି। ଏହି ବାୟୁସେନା ଆକ୍ରମଣ ପାକିସ୍ତାନରେ ଆତଙ୍କବାଦର ମେରୁଦଣ୍ଡ ଭାଙ୍ଗି ଦେଇଛି। ଆତଙ୍କବାଦକୁ ପାଣ୍ଠି ଯୋଗାଇବା ପାଇଁ ପାକିସ୍ତାନ ପାଖରେ ଆଉ ଟଙ୍କା ନାହିଁ। ଏହାର ଅର୍ଥ ହେଉଛି ପିଓକେକୁ ଘରକୁ ଫେରିବା ପାଇଁ ଏହା ସଠିକ ସମୟ ପରି ମନେ ହେଉଛି। ପରିସ୍ଥିତି ଦର୍ଶାଉଛି ଯେ ୧୯୭୧ ମସିହାରେ ଭାରତର ସାମରିକ ଶକ୍ତି ଯେଉଁ ଶକ୍ତିରେ ପାକିସ୍ତାନକୁ ଦୁଇ ଭାଗରେ ବିଭକ୍ତ କରିଥିଲା, ସେହି ଶକ୍ତିରେ ପିଓକେକୁ ପୁଣି ଥରେ ହାସଲ କରିବାର ସମୟ ଆସିଛି। ଭାରତରେ ଅଶାନ୍ତି ସୃଷ୍ଟି କରିବା ପାଇଁ ପାକିସ୍ତାନ ଦୀର୍ଘ ସମୟ ଧ ର ଆତଙ୍କବାଦୀମାନଙ୍କୁ ତାଲିମ ଶିବିର ଚଳାଇବା ପାଇଁ ପାକ ଅଧିକୃତ କାଶ୍ମୀରର



ଭୂମି ଦେଇ ଆସୁଛି। କିନ୍ତୁ ମେ ୭ ତାରିଖରେ ଭାରତୀୟ ସେନା ପିଓକେର କୋଟଲି ଏବଂ ମୁଜାଫରାବାଦରେ ଅବସ୍ଥିତ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଥିଲା। କୋଟଲିର ମର୍କଜ ଆବାସ ହରକତ-ଉଲ-ମୁଜାହିଦ୍ଦିନର ଘାଟି ଥିଲା ବେଳେ, ମସ୍କାର ରହିଲ ସହିଦରେ ବନ୍ଧୁକ ତାଲିମ ଦିଆଯାଇଥିଲା। ମୁଜାଫରାବାଦର ସୱାଇ ନାଲା କ୍ୟାମ୍ପ ଲସ୍କର-ଏ-ତୋଇବାର ଏବଂ ସୟଦନା ବିଲା ମର୍କଜ ଜୈଶ-ଏ-ମହମ୍ମଦର ଆଧାର ଥିଲା। ଏହି ଆତଙ୍କବାଦୀ ଘାଟିଗୁଡ଼ିକରୁ କେବଳ ଜମ୍ମୁ-କାଶ୍ମୀରରେ ନୁହେଁ ବରଂ ଭାରତ ଭିତରେ ମଧ୍ୟ ଆତଙ୍କ ପ୍ରସାର କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଉଲ୍ଲେଖନୀୟ ଯେ ବିଶ୍ୱର ସମସ୍ତ ଦେଶର ରାଷ୍ଟ୍ରମୁଖ୍ୟ ଭାରତୀୟ ସେନାର ଅପରେଶନ 'ସିନ୍ଦୂର' ଅଭିଯାନକୁ ସମର୍ଥନ କରିଛନ୍ତି। ଏହି ଅପରେଶନ ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ କରାଯାଇଥିଲା। ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ, ନେଦରଲ୍ୟାଣ୍ଡ ଏବଂ ଆମେରିକା ସମେତ ଅନେକ ୟୁରୋପୀୟ ଦେଶ ଆତଙ୍କବାଦ ବିରୋଧରେ ଭାରତ ସହିତ ଏକତା ପ୍ରଦର୍ଶନ କରିଛନ୍ତି। ଯେତେବେଳେ ଭାରତ ପାକିସ୍ତାନ ଭିତରେ ଆତଙ୍କବାଦୀ ଶିବିର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରିବା ଆରମ୍ଭ କଲା, ସେତେବେଳେ ମଧ୍ୟ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ଜେଡି ଭାନ୍ସ କହିଛନ୍ତି ଯେ ଆମେରିକା ଚାହୁଁଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ହେଉ କିନ୍ତୁ ଏହି ପ୍ରସଙ୍ଗ ମୂଳତଃ ଆମର ନୁହେଁ। ଏହି ସଙ୍କେତ ସ୍ପଷ୍ଟ ଯେ ଆମେରିକା ଏକ ପ୍ରକାରେ ମଧ୍ୟସ୍ଥତା କରିବାକୁ ମନା କରିଦେଇଛି। ଏହାର ଅର୍ଥ ହେଉଛି ଭାରତ ନିଜେ ପାକିସ୍ତାନ ସହିତ ତାର ଜ୍ଞାନ ଏବଂ ରଣନୈତିକ ଶକ୍ତି ସହିତ ମୁକାବିଲା କରିବା ଉଚିତ, ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ସମୟରେ, ପିଓକେ ପ୍ରସଙ୍ଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଛି କାରଣ ଏହା ଭାରତୀୟ ଭାବନାର ମିଶନର ଏକ ଅଂଶ। ପିଓକେ ଅନ୍ତର୍ଭୁକ୍ତ ନ ହେଲେ ଜମ୍ମୁ ଏବଂ କାଶ୍ମୀରର ଐତିହ୍ୟ ଅସମ୍ପୂର୍ଣ୍ଣ। ପିଓକେ ପ୍ରସଙ୍ଗ ସଂସଦ ଭିତରେରୁ ସଂସଦ ବାହାରେ ଉଷ୍ମ ରହିଛି। ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଆଇନ ୨୦୧୯ର ଉଦ୍ଦେଶ୍ୟ ହେଉଛି ପିଓକେରେ ନିର୍ଯାତନାର ଶିକାର ହୋଇ ଏଠାକୁ ଆସିଥିବା ଶରଣାର୍ଥୀଙ୍କୁ ସ୍ଥିରତା ପ୍ରଦାନ କରିବା।

# ଆଇପିଏଲ ଏକ ସପ୍ତାହ ସ୍ଥଗିତ

ମୁମ୍ବାଇ,୯।୫: ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ଏବଂ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୫ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି। ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ) ଏବଂ ଆଇପିଏଲ ପରିଚାଳନା ସଂସ୍ଥା ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଦେଶରେ ସୃଷ୍ଟ ଅସ୍ଥିର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘୋଷଣା କରାଯାଇଛି।

ରାଜୀବ ଶୁକ୍ଲା କହିଛନ୍ତି ଯେ ବର୍ତ୍ତମାନ ଆଇପିଏଲ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ଅଛି ପରେ, ପରିସ୍ଥିତି ଦେଖିବା ଏବଂ ଆଲୋଚନା କରିବା ପରେ, ଆମେ ବାକି ମ୍ୟାଚ ଗୁଡ଼ିକୁ କିପରି ପରିଚାଳନା କରିବୁ ତାହା ନିଷ୍ପତ୍ତି ନେବୁ ସେନା ପାଇଁ ଆମେ ଗର୍ବିତ, ବିସିସିଆଇ ସେନା ଏବଂ ସରକାରଙ୍କ ସହିତ ଛିଡ଼ା ହୋଇଛି।

ଏହି ସମୟରେ ରାଜୀବ ଶୁକ୍ଲାଙ୍କୁ ପଚରାଯାଇଥିଲା ଯେ ମ୍ୟାଚ ଭାରତରେ ହେବ ନା ବିଦେଶରେ ? ଏହି ପ୍ରଶ୍ନରେ ସେ କହିଥିଲେ, ଆମେ ସମସ୍ତଙ୍କ ସହ କଥା ହେବୁ ଏବଂ ମ୍ୟାଚ କିପରି ଆୟୋଜନ କରାଯିବ ତାହା ନିଷ୍ପତ୍ତି ନେବୁ ବିଦେଶୀ ଖେଳାଳିମାନେ ଏଠାରେ ଗୋଟିଏ ସପ୍ତାହ ରହିବାକୁ ଚାହାଁନ୍ତି ନା ନିଜ ଦେଶକୁ ଫେରିବାକୁ ଚାହାଁନ୍ତି ତାହା ନିଜେ ନିଷ୍ପତ୍ତି ନେବେ।

କ୍ରମାଗତ ଭାବରେ ବଢୁଥିବା ଉତ୍ତେଜନା ମଧ୍ୟରେ, କମିଟି ଆଇପିଏଲକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ଆଇପିଏଲ ହେବ କି ନାହିଁ ତାହା ନିଷ୍ପତ୍ତି ଗଭର୍ଣ୍ଣିଂ କାଉନସିଲ ନେବ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବିସିସିଆଇ ଦେଶ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି। ବୋର୍ଡ କହିଛି ଯେ ଆମେ ଭାରତ ସରକାର, ସଶସ୍ତ୍ର ବାହିନୀ ଏବଂ ଆମ ଦେଶର ଲୋକଙ୍କ ସହିତ ଆମର ଏକତା ପ୍ରକାଶ କରୁଛୁ ବୋର୍ଡ ଆମର ସଶସ୍ତ୍ର ବାହିନୀର ସାହସ, ଧୈର୍ଯ୍ୟ ଏବଂ ସେବାକୁ ସଲାମ କରେ ସେ ଅପରେଶନ ସିନ୍ଦୂର ମାଧ୍ୟମରେ ସମ୍ପ୍ରତି ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେଇଥିଲେ। ଯେଉଁଥିରେ ପାକିସ୍ତାନର ୯ଟି ଆତଙ୍କବାଦୀ ଅଡ୍ଡାକୁ ଟାର୍ଗେଟ କରାଯାଇଥିଲା।ଏହି ନିଷ୍ପତ୍ତି ଧର୍ମଶାଳାରେ ପଞ୍ଜାବ କିଙ୍ଗସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିବା ଏକ ମ୍ୟାଚ ମଝିରେ ବାତିଲ ହେବା ପରେ ଆସିଛି। ପଠାନକୋଟରୁ ମାତ୍ର ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଧର୍ମଶାଳାରେ ଆକ୍ରମଣ ଚେତାବନୀ ଜାରି ହେବା ପରେ ଷ୍ଟାଡିୟମରେ ଫ୍ଲଡ଼ଲାଇଟ ବନ୍ଦ ହୋଇଯାଇଥିଲା, ଯାହା ପ୍ରାରମ୍ଭରେ ବୈଷୟିକ ତ୍ରୁଟି ବୋଲି ଭାବାଯାଇଥିଲା। କିନ୍ତୁ ସୁରକ୍ଷା ବିଷୟରେ ସୂଚନା ମିଳିବା ପରେ ଖେଳାଳୀ ଓ ଅଧିକାରୀମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ଏହି ଘଟଣା ଦଳଗୁଡ଼ିକ ମଧ୍ୟରେ, ବିଶେଷତଃ ବିଦେଶୀ ଖେଳାଳୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଷ୍ଟାଡିୟମରେ ଉପସ୍ଥିତ ପ୍ରାୟ ୮୦% ଦର୍ଶକଙ୍କୁ ସୁରକ୍ଷା କାରଣରୁ ଖାଲି କରାଯାଇଥିଲା ଏହି ସମୟରେ କିଛି ଦର୍ଶକ ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେଉଥିବା ମଧ୍ୟ ଶୁଣାଯାଇଥିଲା।ଏହା ପରେ ଧରମଶାଳାକୁ ଏବଂ ସେଠାରୁ ଆସୁଥିବା ବିମାନ ସେବା ସ୍ଥଗିତ ହୋଇଥିବା ବେଳେ ଦଳର ବସଗୁଡ଼ିକୁ ନିରାପଦ ରୁଟ ଦେଇ ଅନ୍ୟତ୍ର ପଠାଯାଇଛି।

ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୁମାଲ କହିଛନ୍ତି ଯେ, ଦେଶରେ ବର୍ତ୍ତମାନର ସୁରକ୍ଷା ପରିସ୍ଥିତି ଏବଂ ସରକାରୀ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଲିଗକୁ ଚାଲୁ ରଖିବା ସମ୍ଭବ ନୁହେଁ ସରକାରୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି।

ଏହି ଘଟଣା କେବଳ କ୍ରିକେଟ ଜଗତ ପାଇଁ ନୁହେଁ, ବରଂ ସାଧାରଣ ଜନଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି।ଦେଶରେ ଚାଲିଥିବା ଏହି ଅସ୍ଥିର ପରିସ୍ଥିତି ମଧ୍ୟରେ ଆଇପିଏଲ ପରି ଏକ ବଡ଼ କ୍ରୀଡ଼ା ଆୟୋଜନର ସ୍ଥଗିତ ହେବା ଦେଶର ଗମ୍ଭୀର ସ୍ଥିତିକୁ ପ୍ରତିଫଳିତ କରୁଛି ଏହା ସହିତ, କ୍ରିକେଟ ପ୍ରେମୀମାନେ ମଧ୍ୟ ଏହି ନିଷ୍ପତ୍ତିରେ ନିରାଶ ହୋଇଛନ୍ତି, କିନ୍ତୁ ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ସମସ୍ତେ ବୁଝୁଛନ୍ତି। ବର୍ତ୍ତମାନ ପାଇଁ, ଆଇପିଏଲ ୨୦୨୫ର ଭବିଷ୍ୟତ ଅନିଶ୍ଚିତ ରହିଛି, ଏବଂ ପରିସ୍ଥିତି ସ୍ଥିର ହେବା ପରେ ହିଁ ଏହାର ପୁନରାରମ୍ଭ ବିଷୟରେ କୌଣସି ନିଷ୍ପତ୍ତି ନିଆଯାଇପାରେ।



## ଟେରିଟୋରିଆଲ ଆର୍ମିରେ ଧୋନୀ ଓ ସଚ୍ଚିନ

ନୂଆଦିଲ୍ଲୀ ୯।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଏଣୁ ରକ୍ଷା ମନ୍ତ୍ରାଳୟ ମୁଖ୍ୟ ଟେରିଟୋରିଆଲ ଆର୍ମିର ଅଫିସର ଓ ଜବାନଙ୍କୁ ଆକ୍ଟିଭ ଡ୍ୟୁଟି ନିମନ୍ତେ ଡକାଇ ପାରନ୍ତି। ଟେରିଟୋରିଆଲ ଆର୍ମିରେ ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଯେପରିକି ମହେନ୍ଦ୍ର ସିଂହ ଧୋନୀ, ସଚ୍ଚିନ ପାଇଲଟ, କପିଲ ଦେବ, ଅଭିନବ ବିନ୍ଦ୍ରା, ମୋହନଲାଲ ଓ ଅନୁରାଗ ଠାକୁର ଆଦି ଅଫିସର ଅଛନ୍ତି। ଏଣୁ ଯୁଦ୍ଧପାଇଁ ସେମାନଙ୍କୁ ମଧ୍ୟ ଡାକରା ପଡିପାରେ ।

ଭାରତୀୟ ପ୍ରାଦେଶିକ ସେନା (ଟେରିଟୋରିଆଲ ଆର୍ମି) ଏକ ସ୍ୱେଚ୍ଛାକୃତ ସଙ୍ଗଠନ, ତେବେ ଏହା ରୋଜଗାରର ଗ୍ୟାରେଣ୍ଟି ଦିଏ ନାହିଁ। ଏହା କୌଣସି ନିୟମିତ ନିଯୁକ୍ତି ନୁହେଁ। ଦେଶର ସାଧାରଣ ନାଗରିକ ଚାହିଁଲେ ଟେରିଟୋରିଆଲ ଆର୍ମିରେ ଯୋଗଦେଇ ପାରିବେ। ତେବେ ଏଥି ପାଇଁ ବିଭିନ୍ନ କ୍ଷେତ୍ର ଯେପରିକି ଖେଳ, ରାଜନୀତି ଓ ମନୋରଞ୍ଜନରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ନିଯୁକ୍ତି ଦିଆଯାଇଥାଏ। ତେବେ ଏପରି କେତେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଟେରିଟୋରିଆଲ ଆର୍ମିରେ ସେବା ଦେଉଛନ୍ତି।

**ମହେନ୍ଦ୍ର ସିଂହ ଧୋନୀ**

ଭାରତୀୟ କ୍ରିକେଟର ପୂର୍ବତନ କ୍ୟାପ୍ଟେନ ତଥା ବିଶ୍ୱକପ୍ ବିଜେତା ଏମ.ଏସ.ଧୋନୀଙ୍କୁ ୨୦୧୧ ମସିହାରେ ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ରାଙ୍କ ଦିଆଯାଇଥିଲା। ସେ ପ୍ରାଦେଶିକ ସେନାର ପାରାଶୁଟ ରେଜିମେଣ୍ଟରେ ତାଙ୍କର ସେବା ଦେଇଛନ୍ତି।ଏଥି ପାଇଁ ସେ ସାମରିକ ପ୍ରଶିକ୍ଷଣ ମଧ୍ୟ ପ୍ରାପ୍ତ କରିଛନ୍ତି। ଧୋନୀ ୨୦୧୯ ମସିହାରେ ଜମ୍ମୁ-କାଶ୍ମୀରରେ ନିଜ ୟୁନିଟ୍ ସହିତ ସମୟ ଅତିବାହିତ କରିଥିଲେ। ଏଠାରେ ସେ ପାଟ୍ରୋଲିଂ ଓ ଅନ୍ୟ ସେନା ଗତିବିଧିରେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

**କପିଲ ଦେବ (କ୍ରିକେଟର)**

୧୯୮୩ ମସିହାରେ ଭାରତକୁ ପ୍ରଥମ ବିଶ୍ୱକପ କ୍ରିକେଟ ଜିତାଇଥିବା କପିଲ ଦେବଙ୍କୁ ପ୍ରାଦେଶିକ ସେନାରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀ ପ୍ରାପ୍ତ ହୋଇଛି। ସେ ପ୍ରାଦେଶିକ ସେନାର ବ୍ରାଣ୍ଡ ଆମ୍ବାସେଡର ଭାବେ ମଧ୍ୟ ସକ୍ରିୟ ଥିଲେ ତେବେ ସେ ନିୟମିତ ସାମରିକ ପ୍ରଶିକ୍ଷଣ ପ୍ରାପ୍ତ କରି ନାହାନ୍ତି।

ଅଭିନବ ବିନ୍ଦ୍ରା (ତୀରନ୍ଦାଜ)

ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରାଙ୍କୁ ୨୦୧୧ ମସିହାରେ ପ୍ରାଦେଶିକ ସେନାରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ରାଙ୍କ ଦିଆଯାଇଥିଲା। ତାଙ୍କର ଏହି ନିଯୁକ୍ତି ଖେଳ ଓ ଦେଶ ସେବାପାଇଁ ତାଙ୍କ ଯୋଗଦାନକୁ ସମ୍ମାନୀତ କରିବା ପାଇଁ ଥିଲା ।

## ପୂର୍ବରୁ ମଧ୍ୟ ଆଇପିଏଲ ସ୍ଥଗିତ ହୋଇଥିଲା

ନୂଆଦିଲ୍ଲୀ,୯।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ରାତିରେ, ମେ ୮ ରାତିରେ, ଆଇପିଏଲ ୨୦୨୫ର ପଞ୍ଜାବ କିଙ୍ଗସ୍ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ବାତିଲ କରିବାକୁ ପଡିଥିଲା।ଗୋଟିଏ ମ୍ୟାଚ୍ ପୂର୍ବରୁ ଧର୍ମଶାଳାରୁ ସ୍ଥାନାନ୍ତରିତ ହୋଇସାରିଛି ଏବଂ ଏବେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଅର୍ଥାତ ବିସିସିଆଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲିଗ୍ ସ୍ଥଗିତ ରଖିଛି। ଆଇପିଏଲରୁ ସୂଚନା ମିଳିଛି ଯେ ୧୮ତମ ସିଜିନକୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି।୨୦୦୮ ମସିହାରେ ଆଇପିଏଲ ଆରମ୍ଭ ହୋଇଥିଲା ସେବେଠାରୁ, ଏହା ଅନେକ ଥର ଘଟିଛି ଯେ ଲିଗକୁ ସ୍ଥଗିତ ରଖିବାକୁ ପଡିଥିଲା କିମ୍ବା ଦେଶ ବାହାରେ ଆୟୋଜନ କରାଯାଇଥିଲା।।



ଆଇପିଏଲ ୨୦୦୯

ଆଇପିଏଲର ଦ୍ୱିତୀୟ ସିଜିନ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇଥିଲା।ପ୍ରକୃତରେ, ୨୦୦୯ରେ ଅନୁଷ୍ଠିତ ଲୋକସଭା ନିର୍ବାଚନ ଯୋଗୁଁ, ଦେଶ ବାହାରେ ଲିଗ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ତେଣୁ ଆଇପିଏଲର ମ୍ୟାଚ ସବୁ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିଲା।

ଆଇପିଏଲ ୨୦୧୪

୨୦୦୯ ପରେ, ୨୦୧୪ ମସିହାରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏପରି ପରିସ୍ଥିତିରେ, ପୁଣି ଥରେ ଲିଗର ତାରିଖ ଏବଂ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଲିଗର ୭ମ ସିଜିନ ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଭାରତରେ ଆୟୋଜିତ ହୋଇଥିଲା। ଆଇପିଏଲ ୨୦୦୯ର ପ୍ରଥମ ୨୦ ମ୍ୟାଚ୍ ସଂଯୁକ୍ତ ଆରବ ଏମିରେଟ୍ସରେ ଖେଳାଯାଇଥିଲା ଏହା ପରେ, ଅବଶିଷ୍ଟ ମ୍ୟାଚ୍ ଭାରତରେ ଅନୁଷ୍ଠିତ ହୋଇଥିଲା।

**ଆଇପିଏଲ ୨୦୨୦**

କରୋନା ମହାମାରୀ ଯୋଗୁଁ, ଆଇପିଏଲ ୨୦୨୦ ୟୁଏଇରେ ଖେଳାଯାଇଥିଲା କୋଭିଡ୍ ପଜିଟିଭ୍ ଖେଳାଳିମାନଙ୍କୁ ମ୍ୟାଚ୍ ଖେଳିବାକୁ ଅନୁମତି ଦିଆଯାଇନଥିଲା। କେବଳ ଏତିକି ନୁହେଁ, ଖେଳାଳିମାନଙ୍କୁ କ୍ୱାରେଣ୍ଟାଇନ୍ କରାଯାଇଥିଲା । ଏହି ସମୟ ମଧ୍ୟରେ ଅନେକ ଖେଳାଳି ଲିଗ୍ ମଝିରେ ଛାଡି ଦେଇଥିଲେ।

**ଆଇପିଏଲ ୨୦୨୧**

୨୦୨୧ ବର୍ଷରେ ମଧ୍ୟ କରୋନା ଭାଇରସ ତାଣ୍ଡବ ସୃଷ୍ଟି କରିଥିଲା। ଏପରି ପରିସ୍ଥିତିରେ, ଆଇପିଏଲ ୨୦୨୧କୁ ମଧ୍ୟଭାଗରେ ସ୍ଥଗିତ ରଖିବାକୁ ପଡିଥିଲା। କୋଲକାତା ଏବଂ ବାଙ୍ଗାଲୋର ମଧ୍ୟରେ ୩୦ ତମ ମ୍ୟାଚ୍ ପୂର୍ବରୁ ଟୁର୍ଣ୍ଣାମେଣ୍ଟ ସ୍ଥଗିତ ରଖାଯାଇଥିଲା। ଏହା ପରେ, ଲିଗର ଅବଶିଷ୍ଟ ସିଜିନ୍ ୟୁଏଇରେ ଆୟୋଜିତ ହୋଇଥିଲା।

## ପାକିସ୍ତାନକୁ ବାର୍ତ୍ତା ଦେଲେ ସଚିନ

ମୁମ୍ବାଇ,୯।୫: ଅପରେସନ୍ ସିନ୍ଦୂର ପାକିସ୍ତାନ ଥରହର ହୋଇଯାଇଛି। ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୀର୍ଘକାଳୀନ ସାମରିକ ଉତ୍ତେଜନାର ଆଉ ଏକ ଅଧ୍ୟାୟ । ବର୍ତ୍ତମାନ ଅପରେସନ୍ ସିନ୍ଦୂର ନାମରେ କରାଯାଇଥିବା ।ଏହି ଅପରେସନ୍ ଉପରେ ପ୍ରତିକ୍ରିୟା ଦେଇଛନ୍ତି ଭାରତର ମହାନ କ୍ରିକେଟର ସଚିନ୍ ତେନ୍ଦୁଲକର ପୋଷ୍ଟଟି ସେୟାର କରି ସଚିନ ଭାରତୀୟ ସେନା ପ୍ରତି ଗର୍ବ ପ୍ରକାଶ କରିଛନ୍ତି ।ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, ଏକତାରେ ନିର୍ଭୟତା ଶକ୍ତି ଅସୀମ ଭାରତର ଢାଲ ହେଉଛି ଏହାର ଲୋକମାନେ ଆମେ ସଭିଏଁ ଏକାଠି ଅଛୁ ଏହି ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ ।ଗୌତମ ଗମ୍ଭୀର ମଧ୍ୟ କହିଛନ୍ତି ଯେ ଏବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ମ୍ୟାଚ୍ ହୋଇପାରିବ ନାହିଁ ।

## ପିସିବିକୁ ଧକ୍କା

### ପିଏସଏଲ୍ ଆୟୋଜନ ଲାଗି ମନାକଲା ୟୁଏଇ

ଦୁବାଇ,୯।୫ : ଭାରତ ସହ ଯୁଦ୍ଧ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ହୋଇଛି। ୟୁଏଇ ପାକିସ୍ତାନ ସୁପର ଲିଗ (ପିଏସଏଲ)ର ଅବଶିଷ୍ଟ ମ୍ୟାଚ ଆୟୋଜନ ଲାଗି ମନା କରିଦେଇଛି। ଗତ କାଲି ଅର୍ଥାତ ଗୁରୁବାର ପାକିସ୍ତାନର ରାୱଲପିଣ୍ଡିଠାରେ କରାଚୀ ଓ ପେଶାୱର ମଧ୍ୟରେ ପିଏସଏଲ ମ୍ୟାଚ ଚାଲିଥିବାବେଳେ ଷ୍ଟାଡିୟମ ନିକଟରେ ଭାରତର ଡ୍ରୋନ ପଡ଼ିଥିଲା। ଏହା ପରେ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଥିଲା । ବିଦେଶୀ ଖେଳାଳିମାନେ ପାକିସ୍ତାନରେ ପାକିସ୍ତାନରେ ଖେଳିବାକୁ ଅମଙ୍ଗ ହେଲେ। ଏହା ପରେ ବାଧ୍ୟ ହୋଇ



ପାକିସ୍ତାନ କ୍ରିକେଟ ବୋର୍ଡ ପିଏସଏଲକୁ ସ୍ଥଗିତ ରଖି ଅବଶିଷ୍ଟ ମ୍ୟାଚ ଦୁବାଇରେ କରିବାକୁ ନିଷ୍ପତ୍ତି ନେଇଥିଲା କିନ୍ତୁ ଆଜି ୟୁଏଇ ଏଥିପାଇଁ ମନା କରିବାକୁ ପିସିବି ନିରାଶ ହୋଇଛି । ଏବର୍ଷ ପିଏସଏଲର ୧୦ମ ସଂସ୍କରଣ ଖେଳାଯାଉଛି ପିଏସଏଲର ଆଉ ୮ଟି ମ୍ୟାଚ ରହିଛି। ଶେଷ ୮ଟି ମ୍ୟାଚ ଲାହୋର, ପେଶାୱର ଓ ମୂଲତାନରେ ଖେଳାଯିବାର ଥିଲା।କିନ୍ତୁ ଯୁଦ୍ଧ ପରିସ୍ଥିତି ମଧ୍ୟରେ ସେଠାରେ ମ୍ୟାଚକୁ ବାତିଲ କରାଯାଇଥିଲା।



ଶ୍ରୀଲଙ୍କାରେ ଚାଲିଥିବା ମହିଳା ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୭୬ ରନ୍‌ରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା।ମ୍ୟାଚରେ ଦ.ଆଫ୍ରିକା ୯ ୱିକେଟ ହରାଇ ୩୧୫ ରନ୍ କରିଥିବାବେଳେ ଶ୍ରୀଲଙ୍କା ୨୧୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

## ରାୟୁଡୁଙ୍କ ଟ୍ୱିଟ୍‌କୁ ନାପସନ୍ଦ କଲେ ୟୁଜର୍ସ

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଗୁରୁବାର ଦିନ ଆଇପିଏଲ ମ୍ୟାଚକୁ ବାତିଲ କରାଯାଇଥିଲା 'ଅପରେସନ୍ ସିନ୍ଦୂର' ପରେ, ଉଭୟ ଦେଶର ସେନା ମୁହାଁମୁହିଁ ହୋଇଛନ୍ତି ଭାରତୀୟ ସେନା ପାକିସ୍ତାନର ପ୍ରତ୍ୟେକ ମନ୍ଦ ଉଦ୍ଦେଶ୍ୟର ଉଚିତ ଜବାବ ଦେଉଛି। ଟିମ୍ ଇଣ୍ଡିଆର କ୍ରିକେଟରମାନେ ମଧ୍ୟ ଦେଶର ସେନାକୁ ନିରନ୍ତର ଉତ୍ସାହିତ କରୁଛନ୍ତି। ଏହି ସମୟରେ, ପୂର୍ବତନ ଭାରତୀୟ କ୍ରିକେଟର ଅମ୍ବାତି ରାୟୁଡୁଙ୍କ ଏକ ପୋଷ୍ଟ ହଙ୍ଗାମା ସୃଷ୍ଟି କରିଛି।

ଅମ୍ବାତି ରାୟୁଡୁ ଏକ୍ସରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟ ସେତେବେଳେ କରାଯାଇଥିଲା ଯେତେବେଳେ ପାକିସ୍ତାନ ଡ୍ରୋନ୍ ଏବଂ ମିସାଇଲ୍ ସହିତ ଭାରତ ଉପରେ ଆକ୍ରମଣ କରିଥିଲା। ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହି ଆକ୍ରମଣଗୁଡ଼ିକୁ ବିଫଳ କରିଥିଲା। ଭାରତର ପ୍ରତିଶୋଧ ମଧ୍ୟରେ, ରାୟୁଡୁ ଟ୍ୱିଟ୍ କରିଥିଲେ,




ଆଖି ବଦଳରେ ଆଖି ଦେଖାଇବା। ସମଗ୍ର ବିଶ୍ୱକୁ ଅନ୍ଧ କରିଦିଏ। ଭାରତୀୟ ୟୁଜର୍ସମାନେ ତାଙ୍କ ପୋଷ୍ଟକୁ ପସନ୍ଦ କରିନଥିଲେ।

ଜଣେ ୟୁଜର୍ସ ତାଙ୍କୁ ତୁରନ୍ତ ଟ୍ୱିଟ୍ ଡିଲିଟ କରିବାକୁ କହିଥିଲେ। ସେହି ସମୟରେ, ଅନ୍ୟ ଜଣେ କହିଥିଲେ ଯେ ଯେତେବେଳେ ଆମେ ଏପରି ଭାବିବୁ, ସେତେବେଳେ ଆମର ଉଭୟ ଆଖି ଚାଲିଯାଇଥିବ। ବିବାଦ ବଢ଼ିବା ଦେଖି, ରାୟୁଡୁ ଆଉ ଏକ ପୋଷ୍ଟ କରିଥିଲେ ଏବଂ ଲେଖିଥିଲେ ଯେ- ''ଜମ୍ମୁ ଓ କାଶ୍ମୀର, ପଞ୍ଜାବ ଏବଂ ଭାରତୀୟ ସୀମାର ଅନ୍ୟାନ୍ୟ ଅଂଶରେ ସମସ୍ତଙ୍କ ସୁରକ୍ଷା ଏବଂ ଶାନ୍ତି ପାଇଁ ପ୍ରାର୍ଥନା କରୁଛି। ମୁଁ ଏହା ଦ୍ୱାରା ପ୍ରଭାବିତ ସମସ୍ତଙ୍କ ପାଇଁ ସୁରକ୍ଷା ଏବଂ ଏକ ଶୀଘ୍ର ସମାଧାନ ଆଶା କରୁଛି ଜୟ ହିନ୍ଦ''।

## କୋହଲିଙ୍କ ପୋଷ୍ଟର ସମ୍ମୁଖରେ ଛେଳି ବଳି ଦେଇ ବନ୍ଧା ହେଲେ ୩

ନୂଆଦିଲ୍ଲୀ,୯।୫: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ୍ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରିଛି। ଦଳ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି ଆରସିବିର ଏହି ମହାନ ପ୍ରଦର୍ଶନରେ ଖୁସି ହୋଇ ଏହାର ପ୍ରଶଂସକମାନେ କର୍ଣ୍ଣାଟକରେ ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲିଙ୍କ ପୋଷ୍ଟର ସାମ୍ନାରେ ଏକ ଛେଳି ମାରିଥିଲେ। ଏହି ମାମଲାରେ ପୋଲିସ ତିନି ଜଣଙ୍କୁ ଗିରଫ କରିଛି। ଏହାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ବହୁତ ଭାଇରାଲ ହେଉଛି, ଯାହାକୁ ନେଇ ହଙ୍ଗାମା ହେଉଛି। ଏହି ମାମଲାରେ ଇଣ୍ଡିଆନ ଆଇଡଲ୍ ଫେମ ରାହୁଲ ବୈଦ୍ୟ ବିରାଟ କୋହଲି ଏବଂ ତାଙ୍କ ପ୍ରଶଂସକମାନଙ୍କୁ ଟାର୍ଗେଟ କରିଥିଲେ ଯାହା ପରେ ତାଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଉଛି।

ଛେଳି ବଳିର ଏହି ଭିଡିଓଟି ୨୦ ସେକେଣ୍ଡ ଲମ୍ବା ଏହି ଭିଡିଓରେ, ଜଣେ ବ୍ୟକ୍ତି ବିରାଟ କୋହଲିଙ୍କ ଏକ ବଡ଼ କଟଆଉଟ ସାମ୍ନାରେ ଏକ ଛେଳି ଧରିଥିବାର ଦେଖାଯାଉଛି। ଯେତେବେଳେ ଅନ୍ୟଜଣେ ବ୍ୟକ୍ତି ବିପକ୍ଷରେ ର ବିଜୟର ଉତ୍ସବ ପାଳନ କରୁଛନ୍ତି। ଏହି ସମୟରେ ଛେଳିକୁ ଛୁରୀ ସାହାଯ୍ୟରେ କାଟି ମାରି ଦିଆଯାଉଛି। ତାପରେ





ଛେଳିର ରକ୍ତ କୋହଲିଙ୍କ କଟଆଉଟ୍ ଏବଂ ଏକ ଦଳର ବଡ଼ ପୋଷ୍ଟରରେ ଢାଳି ଦିଆଯାଉଛି। ଏହି ମାମଲାରେ ପୋଲିସ ସନା ପଲାଇୟା (୨୨ ବର୍ଷ), ଜୟନ୍ନା (୨୩ ବର୍ଷ) ଏବଂ ଟିପ୍ପେ ସ୍ୱାମୀ (୨୮ ବର୍ଷ)ଙ୍କୁ ଗିରଫ କରିଛି।

ଏହି ମାମଲାରେ ରାହୁଲ ବୈଦ୍ୟ ବିରାଟ କୋହଲି ଏବଂ ତାଙ୍କ ପ୍ରଶଂସକମାନଙ୍କୁ ଜୋକର୍ ବୋଲି କହିଥିଲେ। ସେବେଠାରୁ, ସେ ପ୍ରଶଂସକଙ୍କ ଟାର୍ଗେଟରେ ପଡ଼ିଛନ୍ତି। ତେବେ କିଛି ଦିନ ପୂର୍ବରୁ ରାହୁଲ ବୈଦ୍ୟ କହିଥିଲେ ଯେ କୋହଲି ତାଙ୍କୁ ସୋସିଆଲ ମିଡିଆରେ ବ୍ଲକ କରିଥିଲେ, କିନ୍ତୁ ସେ ଏହାର କାରଣ କହିପାରି ନ ଥିଲେ।

ଏବେ ଘଟଣାକୁ ନେଇ ବିରାଟଙ୍କ ବଡ଼ ଭାଇ ବିକାଶ କୋହଲି ରାହୁଲ ବୈଦ୍ୟଙ୍କୁ ଟାର୍ଗେଟ କରି କହିଛନ୍ତି, ଯଦି ପିଲାଟି ତାର ଗୀତ ଗାଇବାରେ ଏତେ ପରିଶ୍ରମ କରିଥାନ୍ତା, ତେବେ ସେ ହୁଏତ ତାର କଠିନ ପରିଶ୍ରମ ଦ୍ୱାରା ପ୍ରସିଦ୍ଧ ହୋଇଥାନ୍ତା, କିନ୍ତୁ ବର୍ତ୍ତମାନ ସେ କେବଳ ବିରାଟଙ୍କ ନାମ ବ୍ୟବହାର କରି ତାର ଅନୁସରଣକାରୀଙ୍କୁ ବୃଦ୍ଧି କରିବାକୁ ଚେଷ୍ଟା କରୁଛି। ଯେତେବେଳେ ଦେଶ ଗମ୍ଭୀର ପରିସ୍ଥିତି ଉପରେ ଧ୍ୟାନ ଦେଉଛି, ସେତେବେଳେ ଏହି ମୂର୍ଖ ପବ୍ଲିସିଟି ପଛରେ ଦୌଡୁଛି ସେ ପ୍ରକୃତରେ କେତେ ବଡ଼ ଲୁଜର୍ ବୋଲି ସେ କହିଛନ୍ତି।

## ଅନ୍ୟ ଜଣେ ବଡ଼ ଖେଳାଳିଙ୍କୁ ସନ୍ନ୍ୟାସ ଅଲଟିମେଟମ୍ ?

ନୂଆଦିଲ୍ଲୀ,୯।୫ ଭାରତୀୟ କ୍ରିକେଟ୍ ଦଳରେ ଏକ ବଡ଼ ଖେଳାଳିଙ୍କୁ ସନ୍ନ୍ୟାସ ନେବା ପାଇଁ ଅଲଟିମେଟମ୍ ଦିଆଯାଇଥିବା ନେଇ ଏକ ରିପୋର୍ଟ ସାମ୍ନାକୁ ଆସିଛି ଏହି ଖବର କ୍ରିକେଟ୍ ମହଲରେ ଚର୍ଚ୍ଚାର ବିଷୟ ହୋଇଛି ରିପୋର୍ଟ ଅନୁସାରେ, ଟିମ୍ ଇଣ୍ଡିଆର ଜଣେ ବରିଷ୍ଠ ଖେଳାଳି ଏବେ ନୋଟିସ୍ ପିରିୟଡ୍‌ରେ ଅଛନ୍ତି, ଅର୍ଥାତ ତାଙ୍କୁ ସନ୍ନ୍ୟାସ ନେବାକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଦିଆଯାଇଛି ତେବେ, ଏହି ରିପୋର୍ଟରେ ସେହି ଖେଳାଳିଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ, ଯାହା ଅନେକ ପ୍ରଶ୍ନ ସୃଷ୍ଟି କରିଛି ଏହା ମଧ୍ୟରେ ଅନୁମାନ କରାଯାଉଛି ଯେ ଏହି ଖେଳାଳି ବିରାଟ କୋହଲି ହୋଇପାରନ୍ତି, ଯିଏକି ବର୍ତ୍ତମାନ ଟେଷ୍ଟ କ୍ରିକେଟ୍‌ରେ ଖରାପ ଫର୍ମରେ ଅଛନ୍ତି।ନିକଟରେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ୩-୧ ରେ ହାରିବା ପରେ ଏବଂ ନିଜର ଖରାପ ଫର୍ମ ଯୋଗୁଁ ରୋହିତ ଏହି ନିଷ୍ପତ୍ତି ନେଇଥିଲେ ।ଏହା ପୂର୍ବରୁ ସେ ଅଷ୍ଟ୍ରେଲିଆର ଶେଷ ଟେଷ୍ଟରୁ ନିଜକୁ ବାଦ୍ ଦେଇଥିଲେ ରୋହିତଙ୍କ ସନ୍ନ୍ୟାସ ପରେ ଏବେ ଟିମ୍ ଇଣ୍ଡିଆର ଅନ୍ୟ ଜଣେ ବରିଷ୍ଠ ଖେଳାଳିଙ୍କ ଉପରେ ଚାପ ବଢ଼ିଛି ଏବଂ ଅନୁମାନ କରାଯାଉଛି ଯେ ସେ ବିରାଟ କୋହଲି ହୋଇପାରନ୍ତି। ବିରାଟ କୋହଲି, ଯିଏ ଭାରତୀୟ କ୍ରିକେଟ୍‌ର ଏକ ଆଇକନ୍ , ସେ ମଧ୍ୟ ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍‌ରେ ଖରାପ ଫର୍ମରେ ଅଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୫ ଟେଷ୍ଟ ସିରିଜ୍‌ରେ ବିରାଟ ୧୯୦ ରନ୍ ସଂଗ୍ରହ କରିଥିଲେ। ପର୍ଥରେ ଏକ ଶତକ (୧୦୦ ରନ୍) ପରେ ତାଙ୍କ ଫର୍ମ ନାଟକୀୟ ଭାବେ ଖସିଯାଇଥିଲା, ଯେଉଁଠାରେ ସେ ଶେଷ ୪ ଟେଷ୍ଟରେ ମାତ୍ର ୯୫ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଅଫ୍-ଷ୍ଟମ୍ପ ବାହାରେ ଥିବା ବଲ୍‌କୁ ଖେଳିବାରେ ଦୁର୍ବଳତା ବାରମ୍ବାର ସାମ୍ନାକୁ ଆସିଛି, ଯାହା ପାଇଁ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରାଯାଇଛି।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ